

ସ୍ୱାସ୍ଥ୍ୟ ସୁବିଧା ସୁଦୃଢ଼ କରିବାକୁ ସରକାର ସଂକଳ୍ପବଦ୍ଧ |୧୦


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଜୁନିଅର ଏନ୍‌ଟିଆରଙ୍କ ସହ କାମ କରିବେ ଜାହ୍ନବୀ |୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୩୬୩ Vol. 19 No-363 20 MARCH 2023 MONDAY BHUBANESWAR ସୋମବାର, ୨୦ ମାର୍ଚ୍ଚ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ପଶ୍ଚିମା ଝଡ଼ର କରାଳ ରୂପ

# ଉଜାଡ଼ିଲା ଚାଷୀଙ୍କ ସଂସାର



- ବ୍ୟାପକ ଜମିରେ ଧାନ, ପନିପରିବା ଫସଲ ନଷ୍ଟ
- ପୁରୀ, ବାଲେଶ୍ୱରରେ ସ୍ଥିତି ସଙ୍ଗୀନ
- ବଜ୍ରାଘାତରେ ୩, କାନ୍ଥ ପଡ଼ି ଜଣେ ମୃତ
- ୨୦, ୨୧ ପାଇଁ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ
- ଘଡ଼ଘଡ଼ି ସହ ପବନ ବହିବା ସମ୍ଭାବନା
- ସତର୍କ ରହିବାକୁ ପାଣିପାଗ ବିଭାଗର ପରାମର୍ଶ

ଭୁବନେଶ୍ୱର, ୧୯।୩(ଭାସ୍କର ନ୍ୟୁଜ): ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବହୁ ଜିଲ୍ଲାରେ ବର୍ଷା ସହ ପବନ ଲାଗି ରହିଛି। ଏଥିରେ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଶନିବାର ସନ୍ଧ୍ୟାରେ ଝଡ଼ତୋଫାନ ସହ ବର୍ଷା ଓ କୁଆପଥର ମାଡ଼ ହେବାରୁ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଫସଲହାନୀ ହୋଇଥିବା ସୂଚନା ମିଳିଛି। ତେବେ ଏହି ଝଡ଼ ଆହୁରି ଦୁଇଦିନ ତାର ପ୍ରଭାବ ଜାରି ରଖିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦ ତାରିଖ ସୋମବାର ଦେବଗଡ଼, ଯାଜପୁର, ଭଦ୍ରକ, ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କନ୍ଧମାଳରେ ଝଡ଼ତୋଫାନ ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୧ ତାରିଖରେ ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝରରେ ମଧ୍ୟ ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛି। ଏଥିନେଇ ଏହି ୧୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ବର୍ଷା ଓ ପବନ ଫଳରେ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ବିଲରେ ପଡ଼ିଥିବା କଟା ଧାନରେ ପାଣି ପଶି ଯାଇଛି। ସେହିପରି ପନିପରିବା ଫସଲରେ ମଧ୍ୟ ପାଣି ଜମି ରହିଥିବାରୁ ଏହା ପଚି ଯିବାର ଆଶଙ୍କା ପ୍ରକାଶ ପାଇଛି। ଚାଷୀମାନେ ବିଲକୁ ଯାଇ ପାଣିରୁ ଧାନ ଉଦ୍ଧାର କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଶନିବାରର ଝଡ଼ବର୍ଷାରେ ମାଲକାନଗିରିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କେଉଁଠି ଆଜବେଷ୍ଟସ ଘରର ଛପର ଉଡ଼ିଯାଇଛି ତ ଆଉ କେଉଁଠି କାନ୍ଥ ପଡ଼ି କାହାର ମୃତ୍ୟୁ ଘଟିଛି। ପଶ୍ଚିମାଝଡ଼ ପ୍ରଭାବରେ ପ୍ରବଳ ପବନ ସହ ବଜ୍ରାଘାତ ହେବାରୁ ବାଲେଶ୍ୱର ଓ ଭଦ୍ରକରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେହିପରି ବ୍ୟାପକ ଜମିରେ ହୋଇଥିବା କଖାରୁ, ତରଭୁଜ ଓ ଭେଣ୍ଡି ତଥା ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କର ବର୍ଷକର ଫସଲ ନଷ୍ଟ ହୋଇଯାଇଥିବାରୁ ସେମାନେ କିପରି ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ମେଟାଗୁଡ଼ା ଗାଁରେ ଲଗାଣ ବର୍ଷା ଲାଗି ରହିବାରୁ କାନ୍ଥ ପଡ଼ି ଜଣେ ୪ ମାସର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ତା ନାମ ସ୍ୱାତୀ ମାଡ଼କାମୀ ବୋଲି ଜଣାପଡ଼ିଛି। ଶନିବାର ରାତିରେ ସ୍ୱାତୀ, • ପୃଷ୍ଠା ୮ ଦେଖନ୍ତୁ

### ସଂକ୍ଷେପରେ...

#### ପାଣି ମାଗିଲେ ଲୁଟ୍ କଲେ

ଖଇରା, ୧୯।୩ (ଭାସ୍କର ନ୍ୟୁଜ): ରବିବାର ପୂର୍ବାହ୍ନରେ ଖଇରା ଥାନା ମିଟୁଆଣୀ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ୭ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରକୁ ଆସି ତାଙ୍କ ବୋହୂକୁ ପାଣି ମାଗିବା ବାହାନାରେ ଆକ୍ରମଣ କରି ନଗଦ ଲକ୍ଷେ ଟଙ୍କା ଓ ୧୦ଭରି ଓଜନର ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ବୋହୂକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

#### ବସ୍ ଦୁର୍ଘଟଣା ୪ ମୃତ

ଶ୍ରୀନଗର, ୧୯।୩: ଦକ୍ଷିଣ କାଶ୍ମୀରର ପୁଲୱାମା ଜିଲ୍ଲା ବାରସୁ ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ବିହାରର ୪ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୨୮ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨୩ଜଣ ଗୁରୁତର ରହିଛନ୍ତି। ଉପରାଜ୍ୟପାଳ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

#### ଏଟିଏମ୍ ଲୁଟେରାକୁ ଗୋଡ଼େଇ ଗୋଡ଼େଇ ଧରିଲେ

ନୀଳଗିରି, ୧୯।୩(ଭାସ୍କର ନ୍ୟୁଜ): ନୀଳଗିରିର ଦେବଗିରି ପାହାଡ଼ରେ ଲୁଚିଥିବା ଜଣେ ଏଟିଏମ୍ ଲୁଟେରାକୁ ପୋଲିସ ଗୋଡ଼େଇ ଗୋଡ଼େଇ ଧରିବାରେ ସମର୍ଥ ହୋଇଛି। ତାର ନାମ ସତ୍ୟବ୍ରତ ନାୟକ ଓ ଘର ଚାନ୍ଦବାଲି ବୋଲି ଜଣାପଡ଼ିଛି। ସତ୍ୟବ୍ରତ ନାମରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଟିଏମ୍ ଲୁଟର ଅଭିଯୋଗ ରହିଛି।

ସେନ୍‌ସେକ୍ସ: ୫୭,୯୮୯.୯୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୬ ଡିଗ୍ରୀ
ସର୍ବନିମ୍ନ: ୨୧ ଡିଗ୍ରୀ

**୧୯।୩ର ମତାମତ**

ମାଓ ହିଂସା ରୋକିବାକୁ କଠୋର ପଦକ୍ଷେପ ଗ୍ରହଣ କରାଯିବା ଜରୁରି ନୁହେଁ କି?




**ଆଜିର ପ୍ରସଙ୍ଗ**

ଲଗାତର ହାତୀ ମୃତ୍ୟୁ ଉପରେ ରୋକ ଲଗାଯିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ୟୁକ୍ରେନ୍‌ରେ ପୁଟିନ

# ସେନାର ଶୀର୍ଷ ଅଧିକାରୀଙ୍କୁ ଭେଟିଲେ



କିଭ୍, ୧୯।୩: ୟୁକ୍ରେନ ଓ ରୁଷ୍ ମଧ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧକୁ ଇତିମଧ୍ୟରେ ବର୍ଷକରୁ ଊର୍ଦ୍ଧ୍ୱ ବିତି ଯାଇଛି। ଏଥିରେ ଉଭୟ ପକ୍ଷରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୟୁକ୍ରେନ ଗସ୍ତ କରି ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟି ସାରିଥିବା ବେଳେ ରବିବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ଗସ୍ତ କରିଛନ୍ତି। ତାଙ୍କର ପ୍ରଥମଥର ଏହି ଗସ୍ତକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ରବିବାର ପୁଟିନ ହେଲିକପ୍ଟର ଯୋଗେ ୟୁକ୍ରେନର କ୍ରିମିୟାରେ ପହଞ୍ଚିଥିଲେ। ଏହା ପରେ ସେଠାରୁ ନିଜେ କାର ଚଳାଇ ରୁଷ କବଜା କରିଥିବା ୟୁକ୍ରେନର ମାରିୟୁପୋଲରେ ପହଞ୍ଚିଥିଲେ। ସେଠାରେ ସମୁଦ୍ର ପରିଦର୍ଶନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କୁ ଭେଟି ହାଲଚାଲ ପଚାରିଥିଲେ। ଏହାପରେ ସେ ରୁଷ ସେନାର ଶୀର୍ଷ ଅଧିକାରୀଙ୍କୁ ଭେଟିଥିଲେ ଓ ସେମାନଙ୍କ ସହ ଯୁଦ୍ଧ ସ୍ଥିତି ନେଇ ଆଲୋଚନା କରିଥିଲେ। ୨୦୨୨ ମସିହା ମେ ମାସରେ ମାରିୟୁପୋଲକୁ ରୁଷସେନା କବଜା କରି ନେଇଥିଲା। ଇତିମଧ୍ୟରେ ଯୁଦ୍ଧକୁ ବର୍ଷକରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ କେହି କାହା ଜିଦ୍‌ରୁ ହଟିବାକୁ • ପୃଷ୍ଠା ୮ ଦେଖନ୍ତୁ

## ବିଦ୍ୟୁତ୍ ତାର ଲାଗି ଗଲା ଦନ୍ତା ଜୀବନ

# ବିଦ୍ୟୁତ ବିଭାଗକୁ ଦୋଷ ଦେଲା ବନବିଭାଗ



କେନ୍ଦୁଝର, ୧୯।୩(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ଫରେଷ୍ଟ ସେକ୍ସନ ନୟାଗଡ଼ ବିଟ୍ ବସନ୍ତପୁର ଜଡ଼ିପଦା ସାହିରେ ବିଦ୍ୟୁତ ଆଘାତରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଶନିବାର ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏହି ହାତୀଟି ବିଦ୍ୟୁତ ଆଘାତର ଶିକାର ହୋଇଥିଲା। କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ କହିଛନ୍ତି ଯେ ରବିବାର ଭୋର ୫ଟାରୁ ୬ଟା ମଧ୍ୟରେ ଏହି ଅଘଟଣ ଘଟିଛି। ଏକ ବିଦ୍ୟୁତ ଖୁଣ୍ଟର ଷ୍ଟେ ତାରରେ କରେଣ୍ଟ ପ୍ରଭାବିତ ହେଉଥିବା ବେଳେ ହାତୀଟି ଷ୍ଟେ ସଂସ୍ପର୍ଶରେ ଆସିଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଥିବା ବେଳେ ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ସେ କହିଥିଲେ। ଏଥିନେଇ ସେ ବିଦ୍ୟୁତ ବିଭାଗର ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରିଥିଲେ। ତେବେ ତଦନ୍ତ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଯେଉଁ ବିଦ୍ୟୁତ ଖୁଣ୍ଟର ଷ୍ଟେ ତାର ସଂସ୍ପର୍ଶରେ • ପୃଷ୍ଠା ୮ ଦେଖନ୍ତୁ

#### ମିଳିଲା ହାତୀ ଛୁଆର ଦେହାବଶେଷ

ଅନୁଗୋଳ, ୧୯।୩(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା ସାତକୋଶିଆ ପମ୍ପାସର ରେଞ୍ଜ ତରଭା ଜଙ୍ଗଲରୁ ଏକ ମୃତ ହାତୀ ଛୁଆର ଚମଡ଼ା ଓ ହାଡ଼ ଜବତ କରାଯାଇଛି। ଏହି ଛୁଆ ହାତୀଟିକୁ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି।

## ଯୌନ ଉତ୍ପୀଡ଼ନ ବୟାନ ମାମଲା

# ରାହୁଲ ଗାନ୍ଧିଙ୍କ ଘରେ ପୋଲିସ



ନୂଆଦିଲ୍ଲୀ, ୧୯।୩: କଂଗ୍ରେସ ସାଂସଦ ତଥା କଂଗ୍ରେସ ଯୁବରାଜ କୁହାଯାଉଥିବା ରାହୁଲ ଗାନ୍ଧିଙ୍କ ଘରେ ପଶିଲା ପୋଲିସ। ଦିଲ୍ଲୀ ପୋଲିସ ଦେଇଥିବା ନୋଟିସର ଜବାବ ନଦେବାରୁ ପୋଲିସ ତାଙ୍କ ଘରେ ପହଞ୍ଚିଥିବା ସୂଚନା ମିଳିଛି। କାଶ୍ମୀରରେ ଭାରତଯୋଡୋ ଯାତ୍ରା ସମୟରେ ରାହୁଲ ଯେଉଁ ବୟାନ ଦେଇଥିଲେ ସେନେଇ ଦିଲ୍ଲୀ ପୋଲିସ ତାଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲା। ଏଥିପାଇଁ ଗତ ୧୬ ତାରିଖରେ ତାଙ୍କୁ ପୋଟିସ୍ ଜାରି କରାଯାଇଥିଲା। ହେଲେ ସେ ନୋଟିସର କୌଣସି ଜବାବ ନ ଦେବାରୁ ତାଙ୍କ ଘରେ ପୋଲିସ ପହଞ୍ଚିଥିଲା। ତେବେ ରାହୁଲ ଜବାବ ଦେବା ପାଇଁ ସମୟ ମାଗିବାରୁ ପୋଲିସ ଫେରି ଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୩୦ ତାରିଖ ଦିନ ଶ୍ରୀନଗରରେ ଭାରତଯୋଡୋ ଯାତ୍ରା ଚାଲିଥିବା ବେଳେ ରାହୁଲ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳାଙ୍କ ସମ୍ପର୍କରେ ବୟାନ ଦେଇଥିଲେ। ସେ କହିଥିଲେ ଯେ ଯାତ୍ରା ସମୟରେ ଯେଉଁ କେତେକ ମହିଳାଙ୍କୁ ଭେଟିଥିଲେ ସେମାନେ ଦୁଷ୍କର୍ମର ଶିକାର ହୋଇଥିବା ତାଙ୍କୁ କହିଥିଲେ। ରାହୁଲଙ୍କ ମନ୍ତବ୍ୟ ନେଇ ପୋଲିସ ମଧ୍ୟ ପୂର୍ବରୁ ଅବଗତ ଥିଲା। ରାହୁଲଙ୍କ ଘରକୁ ଯାଇଥିବା ଦିଲ୍ଲୀର ସ୍ପେଶାଲ ପୋଲିସ କମିଶନର ସାଗର ପ୍ରୀତିହୁଡ଼ା କହିଛନ୍ତି ଯେ ଆମେ ରାହୁଲ ଦେଇଥିବା ମନ୍ତବ୍ୟ ଉପରେ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ ଆସିଛୁ। ତଥ୍ୟ ମିଳିଲେ ଦୁଷ୍କର୍ମ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ମୋଦୀ ସରକାରଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାହାକି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଭଲା ଡାଇଭର ଷ୍ଟ୍ରାଇକି ହେଲା ଯେ
ଦରଦାମ୍ ଗଲା ବଢ଼ି,
ଦି ଚାରି ପଇସା କମୁନାହିଁ କିନ୍ତୁ
ଗଡିଲା ପରେ ବି ଗାଡି।
ଚିପି ଚିପି ଚିପି ନାଡ଼ି,
ବେପାରୀ ଜାଣନ୍ତି ବେପାର କାଇଦା
ଗରାଖ ତ ମାଟିଗୋଡି।

## ଏସ୍‌ଟିଏଫ୍ ହାତରେ ବନ୍ୟପ୍ରାଣୀ ସ୍ମଗଲର

# ବାଘ, ହରିଣ ଛାଲ ଜବତ

ବୌଦ୍ଧ, ୧୯।୩(ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ସ୍ଥାନରେ ଶିକାରୀମାନେ ପଶୁ ଶିକାର କରି ସେମାନଙ୍କ ଛାଲକୁ ବିକ୍ରି କରିବା ପାଇଁ ରାଜ୍ୟ ବାହାରକୁ ପଠାଉଛନ୍ତି। ବହୁ ସମୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଯଦିଓ ବହୁ ମାଫିଆ ଓ ଶିକାରୀଙ୍କୁ ଗିରଫ କରୁଛି ତେବେ ଏଥିରେ ରୋକ ଲଗାଯାଇ ପାରୁନାହିଁ। ଏହି କ୍ରମରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳରେ ବନବିଭାଗ କର୍ମଚାରୀଙ୍କ ସହାୟତାରେ ଏସ୍‌ଟିଏଫ୍ ଚଢଉ କରି ଗୋଟିଏ କଲରାପତରିଆ ବାଘଛାଲ ଓ ଦୁଇଟି ହରିଣ ଛାଲ ଜବତ କରିବା ସହ ଜଣେ ବନ୍ୟପ୍ରାଣୀ ସ୍ମଗଲରକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ବନ୍ୟପ୍ରାଣୀ ଚମଡ଼ା କାରବାର ଚାଲିଥିବା ନେଇ ଏସ୍‌ଟିଏଫ୍ ଖବର ପାଇବା ପରେ ଗତ ୫ ଦିନ ହେଲା ୪ ଛକରେ ଡେରା ପକାଇ ରହିଥିଲା। କୌଣସି ସୂତ୍ରରୁ ଖବର ପାଇବା ପରେ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଏସ୍‌ଟିଏଫ୍ ହରଭଙ୍ଗା ଅଞ୍ଚଳରେ ଚଢଉ କରିଥିଲା। ଛତ୍ରଗଁରୁ ହରଭଙ୍ଗାକୁ ଯାଉଥିବା ରାସ୍ତାରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ଏସ୍‌ଟିଏଫ୍ ଅଭିଯୁକ୍ତକୁ ମାଡ଼ି ବସିଥିଲା। ତାଙ୍କଠାରୁ କଲରାପତରିଆ ବାଘଛାଲ ସହ ହରିଣ ଛାଲ ଜବତ କରାଯାଇଥିଲା। ଗିରଫ ସ୍ମଗଲରଙ୍କ ନାମ ସୁବାଷ ଚନ୍ଦ୍ର ସାହୁ ଓ ତାଙ୍କ ଘର ହରଭଙ୍ଗା ବୋଲି ସୂଚନା ଦିଆଯାଇଛି। ଜବତ ଛାଲଗୁଡ଼ିକୁ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ। ଏନେଇ ଏସ୍‌ଟିଏଫ୍ ସୂଚନା ଦେଇଛି।

## ଅଧା ରହିଗଲା ଠାକୁର ଦର୍ଶନ

# ଦୁର୍ଘଟଣାରେ ୬ ଶ୍ରଦ୍ଧାଳୁ ମୃତ



ଚେନ୍ନାଇ, ୧୯।୩: ଅଧା ରହିଗଲା ଠାକୁର ଦର୍ଶନ ଓ ପୂଜାର୍ଚ୍ଚନା। କାର୍ ଯୋଗେ ମନ୍ଦିର ଯାଉଥିବା ବେଳେ ଦୁର୍ଘଟଣାରେ ଚାଲିଗଲା ୬ ଶ୍ରଦ୍ଧାଳୁଙ୍କ ଜୀବନ। ଟ୍ରକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଅଘଟଣ ଘଟିଗଲା। ମୃତକଙ୍କ ମଧ୍ୟରେ ଜଣେ ମହିଳା ଥିବା ବେଳେ ଅନ୍ୟଜଣେ ନାବାଳିକା ରହିଛନ୍ତି। ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଛି। ରବିବାର ସକାଳେ ତାମିଲନାଡୁର ତିରଚି ଜିଲ୍ଲା ତିରୁଭାସି ନିକଟରେ ଏହି ଦୁର୍ଘଟଣା ଘଟିଛି। ଗୁରୁତରମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏକ କାର୍‌ରେ ୯ ଜଣ ଶ୍ରଦ୍ଧାଳୁ ଇଡାପାଡିରୁ ଥିରୁଭିଡାଇମାରୁଡୁରେ ଥିବା ଏକ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ତେବେ ରାସ୍ତାରେ କାର୍‌ର ବେଗ ଅଧିକ ଥିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ସମ୍ମୁଖ ଦିଗରୁ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲେ। ମୃତକମାନେ ହେଲେ କେ ମୁଥୁସ୍ୱାମୀ, ଜି ଥାବନା, ସନ୍ତୋଷ କୁମାର, • ପୃଷ୍ଠା ୮ ଦେଖନ୍ତୁ

# ପୂର୍ବତନ ବିଧାୟକଙ୍କ ପରଲୋକ



ଭୁବନେଶ୍ୱର/ଝାରସୁଗୁଡ଼ା, ୧୯।୩(ଭାସ୍କର ନ୍ୟୁଜ): ଝାରସୁଗୁଡ଼ାର ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କର ରବିବାର ଭୋର ସମୟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଯକୃତ ରୋଗରେ ପୀଡ଼ିତ ଥାଇ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ତିନିଥର ଝାରସୁଗୁଡ଼ାରୁ କଂଗ୍ରେସ ଟିକେଟରେ ବିଧାୟକ ହୋଇଥିଲେ। ୧୯୮୦, ୧୯୮୫ ଓ ୧୯୯୫ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବୀରେନ୍ଦ୍ର କାଉନସିଲରରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାର ଲୋକ ତାଙ୍କ ନିକଟରେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଲୋକପ୍ରିୟ ନେତା ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗ ଓଡ଼ିଶା ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି।



କରଞ୍ଜିଆ (ଭାସ୍କର ନ୍ୟୁଜ): ଶ୍ରୀରାମ ଉତ୍ସବ ପାଳନ ସମିତି କରଞ୍ଜିଆ ଆନୁକୂଲ୍ୟରେ ରେ ଶ୍ରୀରାମ ନବମୀ ପାଳନ ନିମନ୍ତେ ସ୍ଥାନୀୟ ପୁର୍ଣ୍ଣେଶ୍ୱର ମନ୍ଦିର ପରିସରରେ ମହେଶ୍ୱର ସାହାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ନବମୀକୁ କିପରି ଅଧିକ ଆକର୍ଷଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇ ଏକ କମିଟି ଗଠିତ ହୋଇଥିଲା। ପାଳନ କମିଟିର ସଭାପତି ଭାବେ ଭୁବନ ବିହାରୀ ସାହୁ, ଉପ ସଭାପତି ସୁଧୀର ଭାରୁକା, ବ୍ୟବସ୍ଥା ପ୍ରମୁଖ ସମ୍ବିଧାନ ମହାପାତ୍ର, ସଂଯୋଜକ ସଞ୍ଜୀବ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଝଣ୍ଡା ପୂଜନ, ଶୋଭାଯାତ୍ରା, ମାଲ ଖମ୍ବ ପ୍ରଦର୍ଶନ କରିବା ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଭାଗବତ ଚନ୍ଦ୍ର ଦାସ, ସିପୁନ କୁମାର ସାହୁ, ଜନାର୍ଦ୍ଦନ ବେହେରା, ଲକ୍ଷ୍ମୀ ଝା, ପୁଷ୍ପାଞ୍ଜଳୀ ସିଦ୍ଧୁ, ରାହୁଲ ସିଂହା ସମେତ ଶତାଧିକ ରାମ ଭକ୍ତ ଉପସ୍ଥିତ ଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ଦୁଷ୍କର୍ମ ଅଭିଯୁକ୍ତ ଗିରଫ

କରଞ୍ଜିଆ,(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ କୁଳିପୋଷି ପଞ୍ଚାୟତର କାଦଡ଼ିହାଠାରେ ଗତ ଜାନୁଆରୀ ୩୦ ତାରିଖ ଦିନ ଅନୁଷ୍ଠିତ କ୍ରୀଡା ଉତ୍ସବରୁ ଜଣେ ବାଳିକାକୁ ବାହା ହେବା ପ୍ରତିଶୃତି ଦେଇ ଫୁସୁଲାଇ ନିକଟସ୍ଥ ଜଙ୍ଗଲରେ ଦୁଷ୍କର୍ମ କରି ଫେରାର ଥିବା ଯୁବକକୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ବାଳିକା କାଦଡ଼ିହାକୁ କ୍ରୀଡା ଉତ୍ସବ ବୁଲିବାକୁ ଆସିଥିବା ସମୟରେ ୩ ବର୍ଷ ପୂର୍ବରୁ ପରିଚିତ ଥିବା ପାଟବିଲ ପଞ୍ଚାୟତର ବାଘଲତା ଗ୍ରାମର ବିରେନ ମୁର୍ମୁ ସହ ଦେଖା ହୋଇଥିଲା। ଦୁହେଁ କଥାବାର୍ତ୍ତା ହେବା ସମୟରେ ବିରେନ ତାକୁ ବିବାହର ପ୍ରତିଶ୍ରୁତି ଦେଇ ଫୁସୁଲାଇ ନିକଟସ୍ଥ ଛେଳିଆପୋଷି ଜଙ୍ଗଲକୁ ନେଇ ବାଳିକାର ବାରଣ ସତ୍ତ୍ୱେ ଦୁଷ୍କର୍ମ କରିଥିଲା। ସାଙ୍ଗରେ ଆସିଥିବା ଦୁଇଜଣ ଯୁବକ ବାଇକ ନଂ ଓଡ଼ି ୧୧- ଟି-୨୧୨୫ ଯୋଗେ ବିରେନକୁ ନେଇ ପଳାଇଥିଲେ। ଉକ୍ତ ଜଙ୍ଗଲରେ ଏକୁଟିଆ ଥିବା ବାଳିକା ଜଣକ ନିରୁପାୟ ହୋଇ ଛେଳିଆପୋଷି ଗ୍ରାମମୁଖିଆ କୁଆଁର ମୁର୍ମୁଙ୍କୁ ଘଟଣା ସମ୍ବନ୍ଧରେ ଜଣାଇବାରେ ମୁଖିଆ ତାକୁ ନିଜ ଘରେ ଆଶ୍ରୟ ଦେଇଥିଲେ। ତାପରଦିନ ଗ୍ରାମର ମୋଚିରାମ ମୁର୍ମୁ ଓ ତପନ ମୁର୍ମୁ ଘଟଣାର ସମାଧାନ ନିମନ୍ତେ ବାଳିକାକୁ ସାଙ୍ଗରେ ନେଇ ବାଘଲତା ଗ୍ରାମମୁଖିଆ ଆଦାନ ହାଁସଦାଙ୍କ ଘରେ ଛାଡ଼ିଆସିଥିଲେ। ଛେଳିଆପୋଷି ଓ ବାଘଲତା ଗ୍ରାମମୁଖିଆ ଏବଂ ବାଘଲତା ଗ୍ରାମର ଅନ୍ୟ ଲୋକଙ୍କ ଉପସ୍ଥିତିରେ ସମାଧାନ ପାଇଁ ଅନୁଷ୍ଠିତ ବୈଠକରେ ଅଭିଯୁକ୍ତ ବିରେନ ନଆସି ଲୁଚିଥିବା ବେଳେ ତାର ଭାଇ ମଙ୍ଗଲ ମୁର୍ମୁ ଯୋଗଦେଇ ବାଳିକାକୁ ବୋହୁ କରି ନେବାପାଇଁ ଅରାଜି ହୋଇଥିଲା। ଅନ୍ୟ ଉପାୟ ନପାଇ ବାଳିକା ଜଣକ ଥାନାରେ ଫେବୃଆରୀ ୧୩ ତାରିଖରେ ଏତାଲା ନଂ୫୪ ଦାଖଲ କରିଥିଲେ। ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ଉପ ଆରକ୍ଷୀ ନିରୀକ୍ଷକ ଭାରତୀ ବାରିକ ଅନୁସନ୍ଧାନ ଜାରି ରଖିଥିବା ବେଳେ ଫେରାର ଥିବା ଅଭିଯୁକ୍ତ ବିରେନକୁ ଚଳିତମାସ ୧୪ ତାରିଖରେ ଗିରଫ କରିଥିଲେ। ଆଇପିସିର ଧାରା ୪୧୭, ୩୭୬, ୫୦୬ରେ ବିରେନକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

## ଛାତ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମର ଗୋପାଳ ରାଉତଙ୍କ ପୁତ୍ର ଅମ୍ବିତ କୁମାର ରାଉତ(୧୧)ଙ୍କ ଉପରେ ସ୍ଥାନୀୟ ଗୋପପୁର ଗ୍ରାମର ନିତ୍ୟାନନ୍ଦ ମଲିକ ମରଣାନ୍ତକ ଆକ୍ରମଣ କରିଥିବାର ଥାନାରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ଅମ୍ବିତର ମାଆ ଗୌରୀ ରାଉତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ଥାନା ପୋଲିସ ନିତ୍ୟାନନ୍ଦଙ୍କୁ ଧରି ଆଣି ଥାନାରେ ଅଟକ ରଖିଥିବା ଜଣାଯାଇଛି।

# ପାଳଦାବାଙ୍କ ପୂର୍ବରାସ୍ତା ନିର୍ମାଣରେ ବାଧକ



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଏହି ବ୍ଲକର ୧୬ନଂ ଜାତୀୟ ରାଜପଥ ପାଳଦାବାଙ୍କରେ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ବରାସ୍ତାର ପ୍ରବେଶପଥ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଦାବି ହୋଇଛି। ଉକ୍ତ ସ୍ଥାନରେ ରାଜପଥ ନିର୍ମାଣକାରୀ ଠିକାସଂସ୍ଥା ପକ୍ଷରୁ ଉଡନ୍ତାପୋଲ ଓ ଅଣ୍ଡରପାସ ରୋଡ ନିର୍ମାଣ କରାଯାଇଛି। ଅଣ୍ଡରପାସ ରୋଡ ଠାରୁ ସଂଯୁକ୍ତ ହୋଇ ଯାଜପୁର ସହରକୁ ଯାଇଥିବା ପ୍ରାୟ ୧୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ବରାସ୍ତାର ଆରମ୍ଭ ଅଂଶ ଉଚ୍ଚତାକୁ ଭଙ୍ଗାଯାଇ ନିମ୍ନଉଚ୍ଚତାରେ ୨ ଥାକିଆ ପ୍ରବେଶ ଓ ପ୍ରସ୍ଥାନ ପଥ ନିର୍ମାଣ କରାଯିବା କାର୍ଯ୍ୟ ଚାଲୁ ରହିଛି। ମାତ୍ର ଏଥିପାଇଁ ଜବରଦଖଲ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଉଛି। କାରଣ ଯେତିକି ସରକାରୀ ଜମି ରାସ୍ତା ପାଇଁ ଅଛି ତାହା ଯୋଜନା କାର୍ଯ୍ୟକାରୀ କରିବାକୁ ଯଥେଷ୍ଟ। ମାତ୍ର ପୂର୍ବରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ଜମି ବ୍ୟାପକ ଭାବେ ଜବରଦଖଲ ହୋଇଛି। ଏହି ପୂର୍ବରାସ୍ତା ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ରାସ୍ତାର ପ୍ରବେଶ ପଥକୁ ଉପଯୁକ୍ତ ଭାବେ ଓ ଆବଶ୍ୟକତା ଅନୁଯାୟୀ ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଠିକାସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରସ୍ତାବ ଆସିଲେ ଜବରଦଖଲକାରୀଙ୍କୁ ତୁରନ୍ତ ଉଚ୍ଛେଦ କରାଯାଇ ରାସ୍ତା ନିର୍ମାଣ ପାଇଁ ସହଯୋଗ କରାଯିବବ ବୋଲି ତହସିଲଦାର ସରୋଜକାନ୍ତ ନାୟକ ସୂଚନା ଦେଇଛନ୍ତି।

## ପାନୀୟଜଳ ଯୋଗାଣ ସମସ୍ୟାର ସମାଧାନ ନିମନ୍ତେ ବୈଠକ

ତାଳଚେର,(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ଉଦ୍ଦେଶ୍ୟ ନେଇ ଗତକାଲି ଅପରାହ୍ନରେ ଏକ ବୈଠକ ତାଳଚେର ଜିଏମ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି, ଗତ କିଛି ଦିନ ଧରି ଘଣ୍ଟପଡ଼ା ଅଞ୍ଚଳକୁ ପାନୀୟ ଜଳ ଯୋଗାଣରେ ଅନିୟମିତତା ଦେଖାଦେଇଥିବା ବେଳେ ଲୋକେ ପାନୀୟ ଜଳ ନିମନ୍ତେ ଡହଳ ବିକଳ ହେଉଛନ୍ତି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଣ୍ଟପଡ଼ା ଗ୍ରାମ ପଂଚାୟତର ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଖଣି କର୍ତ୍ତୃପକ୍ଷଙ୍କ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ହାଣ୍ଡିଧୂଆ କୋଲିୟରୀରେ ଥିବା ପାଣି ପମ୍ପ ଖରାପ ହୋଇଯିବା କାରଣରୁ ଏହି ସମସ୍ୟା ଉପୁଜିଥିବାର ଉପସ୍ଥିତ ଏମସିଏଲ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ ଜନ ପ୍ରତିନିଧିମାନେ ଶୀଘ୍ର ପାନୀୟ ଜଳ ଯୋଗାଣକୁ ସ୍ୱାଭାବିକ କରିବାକୁ ଦାବି କରିଥିଲେ। ଏଣୁ ଏହି ପ୍ରସଙ୍ଗରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ଯଥା ଶୀଘ୍ର ଖରାପ ପାଣିପମ୍ପକୁ ମରାମତି କରାଯାଇ ଜଳ ଯୋଗାଣକୁ ନିୟମିତ କରିବାକୁ ଏମସିଏଲ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତେବେ ସେତେବେଳ ଯାଏଁ ଜଳ କ୍ଲିଷ୍ଟ ଅଞ୍ଚଳ ଗୁଡ଼ିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଖଣି କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଥିଲେ। ଏହି ବୈଠକରେ ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ସମାଜସେବୀ ବିଭୁତି ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ରାକେଶ ପଟ୍ଟନାୟକ, ଦିଲ୍ଲୀପ ସାହୁ, ହେମନ୍ତ ସାହୁ, ତାଳଚେର ଜିଏମ ମୁରାରୀ ମିଶ୍ର, ଡେରା ପ୍ରକଳ୍ପ ଅଧିକାରୀ ଦାଶରଥି ସାହୁ, ତାଳଚେର ଏରିଆ ଆଶିଷ ଭଟ୍ଟନାଗର, ଆରଡବ୍ଲୁଏସଏସ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ମିତ ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଗୃହ ଉଦ୍‌ଘାଟିତ



କୋଣାର୍କ (ଭାସ୍କର ନ୍ୟୁଜ): କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମ ପଞ୍ଚାୟତର କୁଞ୍ଜଗ୍ରାମ ଠାରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନବନିର୍ମିତ ଓଡ଼ିଶା ଆର୍ଦଶ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ରବିବାର ଅପରାହ୍ନ ସମୟରେ ଉଦ୍‌ଘାଟିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଛାତ୍ର ଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମର କୁଞ୍ଜ ଗ୍ରାମରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓଡ଼ିଶା ଆର୍ଦଶ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହକୁ କାକଟପୁର ବିଧାୟକ ତଥା କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦଘାଟିତ ହେବା ଦ୍ୱାରା ଅସ୍ଥାୟୀ ଭାବେ କାକଟପୁର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଚାଲିଥିବା ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଆନୁଷ୍ଠାନିକ ଭାବେ କୁଞ୍ଜ ଠାରେ ନିର୍ମିତ ନିଜସ୍ୱ ଗୃହରେ ଚାଲିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଛାତ୍ର ଛାତ୍ରୀମାନଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ନିମାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସତ୍ୟଜିତ ଦଳାଇ, କୁରୁଜଙ୍ଗ ସରପଞ୍ଚ ରୂପାଲି କାଣ୍ଡି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ମହାପାତ୍ର, ଶରତଚନ୍ଦ୍ର ମାହାରୀ, କୁରୁଜଙ୍ଗ ମହିଳା ମହାସଂଘର ସଭାନେତ୍ରୀ ଝରଣା ପରିଡା ଓ ଯୁବନେତା ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦଘାଟନୀ ସମାରୋହରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା, ଆଦର୍ଶ ବିଦ୍ୟାଳୟର ଶିକ୍ଷକ, ଯୁବ ସଂଗଠକ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣମାନେ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣରେ ଠକେଇ ଓ ଦୁର୍ନୀତି ଅଭିଯୋଗ

ନିଶ୍ଚିନ୍ତକୋଇଲ (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଞ୍ଚାୟତରେ ଏକ ଢଳେଇ ରାସ୍ତା ନିର୍ମାଣରେ ବ୍ୟାପକ ଚଞ୍ଚକତା ଓ ଦୁର୍ନୀତି କରାଯାଇଥିବାର ଅଭିଯୋଗ ହୋଇଛି। ସରପଡା ଗ୍ରାମପଞ୍ଚାୟତର ବଡ ଥାକନ ହନୁମାନ ଗଡା ଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପୂର୍ବରୁ ଢଳେଇ ରାସ୍ତା ରହିଥିଲା। ଏହି ଢଳେଇ ରାସ୍ତା ପୁନର୍ବାର ନିର୍ମାଣ କରାଯିବା ନିମନ୍ତେ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା ବେଳେ ରାସ୍ତା ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ଢଳେଇ ରାସ୍ତା ଉପରେ ନାମକୁ ମାତ୍ର ଢଳେଇ କରାଯାଇଥିବାର ଅଭିଯୋଗ ହୋଇଛି। ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କରାଯାଇନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ବେଳେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନଥିବାର ସୁଯୋଗ ନେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଏସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ କରାଯାଇ ନାହିଁ। ଅଭିଯୋଗ ଆସିଲେ ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ବିନ୍ଧାଣ ଗ୍ରାମରେ କ୍ଲବଘର ନିର୍ମାଣ କଲେ ଯୁବନେତା



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଏହି ବ୍ଲକର ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ବିନ୍ଧାଣ ଗ୍ରାମରେ ଗୋଷ୍ଠୀକେନ୍ଦ୍ର ନଥିବା ବେଳେ ଏହି ସାମୁହିକ ଆବଶ୍ୟକତାକୁ ପୂରଣ କରିଛନ୍ତି ଯୁବନେତା ସୁରଥ ଦାସ ଓ ବିନ୍ଧାଣ ଗ୍ରାମର ଅରବିନ୍ଦ ସ୍ୱାଇଁ। ଗ୍ରାମର କେନ୍ଦ୍ରସ୍ଥାନରେ ଏଥିପାଇଁ ନିର୍ମାଣ କାର୍ଯ୍ୟ ରବିବାର ଚୁଡାନ୍ତ ହୋଇଛି। କ୍ଲବଘର ଛାତକାର୍ଯ୍ୟ ରବିବାର ମିଳିତ ଭାବେ ସମାପନ କରାଯାଇଛି। ଏଥିପାଇଁ ଆବଶ୍ୟକୀୟ ଅର୍ଥ ନିଜସ୍ୱ ସୂତ୍ରରୁ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏତ୍‌ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ଏପରିକି ବିଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେବା ସହ ପରେ ଭୁଲିଯାଉଥିଲେ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ମାତ୍ର ଗତ ନିର୍ବାଚନରେ ପରାଜିତ ସରପଞ୍ଚ ପ୍ରାର୍ଥୀ ସୁରଥ ଗ୍ରାମର ଉତ୍ସାହୀ ଯୁବକ ଅରବିନ୍ଦଙ୍କ ସହ ଯୋଗଦେଇ କ୍ଲବଘର ନିର୍ମାଣ କରିଛନ୍ତି। ଗ୍ରାମବାସୀମାନେ ଗ୍ରାମର ଆବଶ୍ୟକତା ପାଇଁ ଏକତ୍ର ହେବା ସୁଯୋଗ ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି। ଖୁବ ଶିଘ୍ର ଆନୁସଙ୍ଗୀକ କାର୍ଯ୍ୟ ସମାପ୍ତ କରାଯାଇ କ୍ଲବଘର କାର୍ଯ୍ୟକ୍ଷମ ହେବ ବୋଲି ଉଦ୍ୟୋକ୍ତାମାନେ ପ୍ରକାଶ କରିଛନ୍ତି।

## ସମାଜସେବୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକର କେଂଟାଲୋ ଓ ବଡକ୍ଷୀର ଠାରେ ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଶ୍ରୀ ଦାସ ବଡକ୍ଷୀରସ୍ଥିତ ପ୍ରସିଦ୍ଧ ବରଧାରୀ ମା ବିଂଶଭୂଜାଙ୍କୁ ଦର୍ଶନ କରିବା ସହ ମା ଙ୍କ ସାନିଧିଲାଭ କରିଥିଲେ। ସେହିପରି ଭାବେ ଶ୍ରୀ ଦାସ କେଂଟାଲୋ ମଲ୍ଲୀପୁର ଠାରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଶ୍ରୀ ଦାସ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ରୀ ଦାସଙ୍କ ସହ ଯୁବନେତା ଦେବେନ୍ଦ୍ର କୁମାର ସାମଲ ,ସାମ୍ବାଦିକ ପ୍ରମୋଦ କୁମାର ପରିଡା, ସାମାଜିକ କର୍ମୀ ପ୍ରମୋଦ କୁମାର ନାୟକ,ରତ୍ନାକର ଦାସ,ବାବାଜୀ ସ୍ୱାଇଁ, ଚନ୍ଦନ ସାମଲ ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ଉଉସ୍ଥିତ ଥିଲେ।

## ମିର୍ଜାପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ

# ସଂଖ୍ୟାଲଘୁ ବସ୍ତିର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି : ବିଷ୍ଣୁବ୍ରତ



ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇ ଯାଇଛି। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନୂତନ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୁଣା ସ୍କୁଲ ପରିସରରେ ଏକ ସଭା ବିଧାୟକ ପ୍ରତିନିଧି ବାପୁଜୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଅଧକ ଶ୍ରୀ ରାଉତରାୟ ଯୋଗ ଦେଇ ମିର୍ଜାପୁର ସଂଖ୍ୟାଲଘୁ ବସ୍ତିର ସାମଗ୍ରିକ ବିକାଶ ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ବସ୍ତିର ମୌଳିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସବୁବେଳେ ସରକାରୀ ଅନୁଦାନ ଯୋଗାଇ ଦେବାରେ ସହଯୋଗ କରି ଆସିଥିବା ବେଳେ ବର୍ତ୍ତମାନ ମଧ ଏହା ଜାରି ରହିଛି ବୋଲି କହିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଉପାଧକ୍ଷା ଶୁଭଦ୍ରା ଶତପଥି, ଜିଲାପରିଷଦ ସଭ୍ୟା ସୁମତୀ ସେଠୀ, ସରପଞ୍ଚ ସୁପ୍ରଭା ପାଣି ଓ ସମାଜସେବୀ ହିମାଦ୍ରି ରାଉତରାୟ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୟଦ ଇବ୍ରାହିମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ନସିମା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ସରପଞ୍ଚ କୈଳାସ ପରିଡ଼ା, ଯୁବ ବିଜେଡି ସଭାପତି ଛନ୍ଦା ଚରଣ ନାୟକ, ବିଜେଡି ନେତା କୀର୍ତ୍ତନ ରାଉତ, ଉମାକାନ୍ତ ସେଠୀ, ସଂଗ୍ରାମ ଦାସ, ସୁଧାଂଶୁ ମହାଳିକ, ହେମନ୍ତ ମହାନ୍ତି, ବୈକୁଣ୍ଠ ପାଣି, ନିତ୍ୟାନନ୍ଦ ବେହେରା, ଅନିରୁଦ୍ଧ ବାରିକ, ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ କଲମା ଖାଁ, ପରିଚାଳନା କମିଟି ଉପସଭାନେତ୍ରୀ ଲାଜିନା ବିବି, ସଦସ୍ୟ ସେକ୍ ଲିୟାକତ, ସୁପ୍ତର ଅଲ୍ଲୀ, ସୟଦ ନାସିରୁଦ୍ଦିନ, ରାଜୁ ସାହାଜୀ, ସୟଦ କାଶିମୁଦ୍ଦିନ, ରୁକ୍‌ସାନା ବିବି, ସଇନା ବିବି, ମୁନିଆନ ବିବି, ମଜୋ ବିବି, ଗୁଲସନ ବିବି, କାଲାମ ଖାଁ, ୱାର୍ଡ଼ସଭ୍ୟ ଫରଜାନ ଖାତୁନ ପ୍ରମୁଖ ପରିଚାଳନା କରିଥିବା ବେଳେ ଏହି ସଭାରେ ସଂଖ୍ୟାଲଘୁ ଶ୍ରେଣୀର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଓଡ଼ିଶାର ତାଳଚେର ବାୟୁ ପ୍ରଦୂ୍ୟଷଣରେ ପ୍ରଥମ

# ପ୍ରାୟ ୫ଲକ୍ଷ ଜୀବନ ସଙ୍କଟାପନ୍ନ



ତାଳଚେର (ଭାସ୍କର ନ୍ୟୁଜ): ଏକଶହବର୍ଷ ପୂର୍ବରୁ ତାଳଚେର ଭୌଗଳିକ ସ୍ଥିତି କିଛି ଅଲଗା ରହିଥିବା ବେଳେ ଏବେ ସମ୍ପୂର୍ଣ୍ଣଭାବେ ତା’ର ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରକୃତିଦତ୍ତ ସୌନ୍ଦର୍ଯ୍ୟମୟ ପରିବଶେ ଭରା ତାଳଚେର ବ୍ୟାପକ ପ୍ରଦୂ୍ୟଷଣ ଜନିତ ଆଜି ଶ୍ରୀହୀନ ହୋପଡ଼ିବାରୁ ୫ଲକ୍ଷଜୀବନ ଜୀବୀକା ସମେତ ପଶୁପକ୍ଷୀ ତ୍ରାହିତ୍ରାହୀ ଡ଼ାକ ଦେଉଥିବା ଏହା ଆମେ କହୁନାହୁଁ ଏହା ସୁଇଜରଲ୍ୟାଣ୍ଡ ସଂସ୍ଥା ଆଇକ୍ୟୁ ଏୟାର ପକ୍ଷରୁ ବର୍ଷ ୨୦୨୨ ପାଇଁ ବିଶ୍ୱର ବାୟୁ ଗୁଣବତା (ଏୟାର କ୍ୱାଲିଟି ରିପୋର୍ଟ) ତଥ୍ୟ ପ୍ରକାଶ ପାଇଛି। ଯାହାକି ଓଡ଼ିଶା ବାୟୁ ପ୍ରଦୂ୍ୟଷଣରେ ୧ନମ୍ବର ସ୍ଥାନ ଅଧିକାର କରିଛି। ଏହି ସଂସ୍ଥା ସର୍ଭେକରି ଭାରତ ବିଶ୍ୱର ୮ମ ଦେଶ ଭାବେ ରହିଥିବା ବେଳେ ତାଳଚେର ଓଡ଼ିଶାର ସବୁଠୁ ପ୍ରଦୂ୍ୟଷିତ ସହର ବୋଲି ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ତାଳଚେର ବାୟୁଗୁଣବତା ସୂଚକଙ୍କ ୧୨୭ ରହିଛି। ତାଳଚେର ବାୟୁମଣ୍ଡଳରେ ପିଏମ ୨.୫ର ସାନ୍ଦ୍ରତା ୪୬.୨ (ମାକ୍ରୋଗ୍ରାମ ପ୍ରତି ଘନମିଟର) ରହିଛି। ଏହା ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ବାର୍ଷିକ ବାୟୁଗୁଣବତା ଅନୁମୋଦିତ ଭୂଲ୍ୟର ପ୍ରାୟ ୯.୨ ଗୁଣ ରହିଛି। ଯାହା ସହରରେ ରହିବା ପାଇଁ ଅସ୍ୱାସ୍ଥ୍ୟକର ବୋଲି ଗଣମାଧ୍ୟମରେ କୁହାଯାଇଛି। ଦେଶ ସ୍ୱାଧୀନତା ହେବା କିଛି ବର୍ଷ ପୂର୍ବରୁ ତାଳଚେରରେ ବ୍ରିଟିଶମାନେ ରହି ଏଠାରେ ଭୂଗର୍ଭରେ କୋଇଲାର ସନ୍ଧାନ ପାଇଥିଲେ। ଏହାପରେ ସେମାନେ ମାଟି ଉତ୍ତୋଳନ କରି ଭୂଗର୍ଭରୁ କୋଇଲା ଉତ୍ପାଦନ କରି ରୋଜଗାର କରି ସ୍ୱାଧୀନତାପରେ ଦେଶଛାଡ଼ି ପଳାଇ ଗଲେ। ଏହାପରେ ଭାରତ ସରକାର ବିଭିନ୍ନ ସଂସ୍ଥା ଦ୍ୱାରା ତାଳଚେର ଅଞ୍ଚଳର ଭୂଗଭରୁ କୋଇଲା ଉତ୍ତୋଳନ କଲେ। ଏହା ଦ୍ୱାରା ମାଟିତଳୁ କୋଇଲା ଉତ୍ତୋଳନ କରାଗଲା ତତ ସହିତ ମାଟିଗର୍ଭରେ ରହୁଥିବା ଜଳକୁ ବାହାରକୁ ନିଷ୍କାସନ କରିଦିଆଗଲା। ଏହା ସେତେବେଳେ ବ୍ୟୟବହୁଳ ଓ ସମସ୍ୟା ଲାଗି ରହୁଥିବାରୁ ଏହାକୁ ବନ୍ଦକରି ତାଳଚେର ଅଞ୍ଚଳରେ ଗଭୀର ଖୋଲାମୁହଁ କୋଇଲା ଖଣି ଆରମ୍ଭ କରାଗଲା। ଏଥିନେଇ ହଜାର ହଜାର ହେକ୍ଟର ଜଙ୍ଗଲ, ଚାଷଜମି, ପୋଖରୀ, ନାଳ ଓ ଜନବସତି ବିଲୋପ ଘଟିଲା। ବଣଜଙ୍ଗଲ କାଳକ୍ରମେ ଧ୍ୱଂସ ପାଇବା ଯୋଗୁଁ ସେଥିରେ ରହୁଥିବା ପଶୁପକ୍ଷୀ ଲୋପ ପାଇବା ସାଙ୍ଗକୁ ପ୍ରଦୂ୍ୟଷଣ ଜନିତ ୫ଲକ୍ଷ ଜୀବନ ଏବେ ସଙ୍କଟାପନ୍ନ ହୋଇଛି ବୋଲି ଜଣାପଡ଼ିଛି। ଏହି କୋଇଲା ଖଣି ଓ ବ୍ରାହ୍ମଣୀନଦୀକୁ ଭିତ୍ତିକରି ଏଠାରେ ବିଭିନ୍ନ କଳକାରଖାନାମାନ ଗଢ଼ି ଉଠିଲା ଯଥା-ଏନଟିପିସି, ଟିଟିପିଏସ୍, ତାଳଚେର ସାରକକାରଖାନା, ନାଲକୋ ଇତ୍ୟାଦି। ଫଳରେ ଆଜି ଜଳ, ସ୍ଥଳ ଓ ଆକାଶ ଭୟଙ୍କରଭାବେ ପ୍ରଦୂ୍ୟଷିତ ହୋଇଥିବାରୁ ତାଳଚେର ଏବଂ ଏହାର ଆଖାପାଖ ଅଞ୍ଚଳବାସୀ ତ୍ରାହିତ୍ରାହି ଡ଼ାକ ଦେଉଥିଲେ ମଧ୍ୟ ଏହି ପ୍ରଦୂ୍ୟଷଣକୁ ରୋକିବା ପାଇଁ କାହାର ଦୃଷ୍ଟି ପଡୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ଯାହା ଆଜି ସାରାଭାରତ ବର୍ଷରେ ଓଡ଼ିଶାଭଳି ଏକ ରାଜ୍ୟରେ ପ୍ରଦୂ୍ୟଷଣ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ତାଳଚେର।

## ମା’ ହିଙ୍ଗୁଳାଙ୍କ ଯାତ୍ରା ଓ ଲୋକ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ତାଳଚେର (ଭାସ୍କର ନ୍ୟୁଜ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲ୍ଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମା’ଙ୍କ ଯାତ୍ରା ଏପ୍ରିଲ ମାସ ୪ ତାରିଖ ଠାରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବ ବୋଲି ରାଜାଙ୍କ ପୂଜକ ପଞ୍ଜିକା ଗଣନା କରି କହିଥିଲେ। ଏହାସହିତ ଚଳିତ ବର୍ଷ ଲୋକମହୋତ୍ସବରେ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନୃତ୍ୟ ଓ ଭଜନ ପରିବେଷଣ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସ୍ଥାନୀୟ କଳାକାରମାନେ ଏହି ମଞ୍ଚରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ଦିଆ ଯିବ ବୋଲି ନିଷ୍ପତ୍ତି ହୋଇଅଛି। ନିଷ୍ପତ୍ତି ଅନୁଯାୟୀ ୧୯ ତମ ହିଙ୍ଗୁଳା ଲୋକ ମହୋତ୍ସବ ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଦେଉଳବେଡା ମଙ୍ଗଳମ କ୍ଲବ ଠାରେ ଚଳିତ ମାସ ୨୬ ତାରିଖ ଦିନ ନୃତ୍ୟ ପ୍ରତିଭା ଚୟନ ହେବାକୁ ଯାଉଅଛି। ଏଥିରେ ମନୋନୀତ ନୃତ୍ୟ ପ୍ରତିଭା କଳାକାରମାନେ ହିଙ୍ଗୁଳା ମଞ୍ଚରେ ନୃତ୍ୟ ପରିବେଷଣ କରି ପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ ପତ୍ର ଉପଲବ୍ଧ ରହିଅଛି। ଆବେଦନ ପତ୍ର ଗ୍ରହଣ କରିବାର ସମୟ ମାର୍ଚ୍ଚ ୨୪ ତାରିଖ ଅପରାହ୍ନ ୫ ଘଣ୍ଟିକା ବୋଲି ଜଣା ପଡିଛି। ଏହି ବୈଠକରେ ଉପଖଣ୍ଡ ପ୍ରଶାସନ, ପୋଲିସ ପ୍ରଶାସନ ଓ ଏମ୍‌ସିଏଲ୍‌ର ସମସ୍ତ ପଦାଧିକାରୀ ଉପସ୍ଥିତ ରହିଥିଲେ।

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ପିସିସି ସଭାପତି ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅନୁରୂପ ଭାବେ ସ୍ୱର୍ଗତଃ ପାଣ୍ଡେଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁର ରାଉତରାୟ, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଦୁଃଖ ସମୟରେ ତାଙ୍କ ପରିବାରକୁ ଯଥେଷ୍ଟ ଧୈର୍ଯ୍ୟ, ସାହସ, ଶକ୍ତି ପ୍ରଦାନ କରିବାପାଇଁ ମହାପ୍ରଭୁ ନିକଟରେ ପ୍ରାର୍ଥନା କରିଛନ୍ତି।



## ‘ଆମ ହସ୍ପିଟାଲ’ ଯୋଜନା ପାଇଁ ସହରର ୨ ସ୍ୱାସ୍ଥ୍ୟ କେନ୍ଦ୍ର ଚିହ୍ନଟ

### ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି କମିଶନର



କଟକ(ଭାସ୍କର ନ୍ୟୁଜ): ରାଜ୍ୟର ସବୁ ଜିଲ୍ଲାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଚିକିତ୍ସାଳୟଗୁଡ଼ିକୁ ୫-ଟି ଜରିଆରେ ଆମ ହସ୍ପିଟାଲ ଯୋଜନାରେ ସାମିଲ କରି ସରକାର ରୂପା‘ରଣ କରିବାକୁ ଏଥିମଧ୍ୟରେ ନିଷ୍ପତି ଗ୍ରହଣ କରିଛନ୍ତି । କଟକ ସହରର ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆପାତତଃ ଏଥିପାଇଁ ଚିହ୍ନଟ କରାଯାଇଛି । ପ୍ରଥମଟି କଟକ ସହରର ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ଓ ଦ୍ୱିତୀୟଟି ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ(ସିଏମସି) କମିଶନର ନିଖିଲ ପଵନ କଲ୍ୟାଣ ସିଟି ହସ୍ପିଟାଲ ଓ ଚାଉଳିଆଗଞ୍ଜ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ବେଳେ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତଭୂମି ଓ ଚିକିତ୍ସା ସୁବିଧା ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଆବଶ୍ୟକତା ସଂପର୍କରେ ଅନୁଧ୍ୟାନ କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ଉନ୍ନତିକରଣ ସଂପର୍କରେ ଏକ ଅନୁଶୀଳନ କରାଯାଇ ବ୍ଲ୍ୟୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ ଏବଂ ତାହା ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ସରକାରଙ୍କ ସ୍ୱୀକୃତି ଓ ମଞ୍ଜୁରି ପାଇବା ପରେ ଉଭୟ ହସ୍ପିଟାଲର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲ ସେ ସ୍ପଷ୍ଟ କରିଛନ୍ତି । ଏହି ପରିଦର୍ଶନ ବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଦଳିର ତିନି ମାସ ପରେବି ରିଲିଭ୍ ହେଉନାହାନ୍ତି ସହକାରୀ ନିବନ୍ଧକ

### ମନ୍ତ୍ରୀଙ୍କ ନୀରବକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ତିନି ମାସ ଧରି କୋଅପରେଟିଭ୍ ସୋସାଇଟ୍‌ର ସହକାରୀ ନିବନ୍ଧକ ଏଆର୍‌ସିଏସ୍ କଟକକୁ ବଦଳି ହେବା ପରେ ବି ଦେହ ଖରାପ ବହାନା କରି ଯାଉନାହାନ୍ତି । ଖବର ନେବାରେ ଜଣାପଡ଼ିଛି ଯେ, ୨୬ବର୍ଷ ଧରି ରାଜଧାନୀରେ ସେ କିଛି ଅସାଧୁ ବ୍ୟକ୍ତି ତଥା ସମବାୟ ଅଫିସରଙ୍କୁ ଧରି ରାଜଧାନୀ ମହିଳା ବ୍ୟାଙ୍କ ଓ ଷ୍ଟାର ହୋଟେଲରେ ଅଫିସର ମାନଙ୍କ ସହ ବଦଳି ନିର୍ଦ୍ଦେଶ ବାତିଲ କରିବା ପାଇଁ ଆଲୋଚନା କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଖୋଦ୍ ରାଜଧାନୀରେ ଜଣେ ସହକାରୀ ଅଫିସର ସରକାରୀ ନିର୍ଦ୍ଦେଶକୁ ନ ମାନିବା ପଛରେ କିଛି ଗୁପ୍ତ ରହସ୍ୟ ଲୁଚି ରହିଛି ବୋଲି କିଛି ଅଫିସର ତାଙ୍କ ନା ଗୋପନ ରଖି ପ୍ରେସ୍‌କୁ ଜଣାଇଛନ୍ତି । ଭୁବନେଶ୍ୱରରୁ କଟକ ମାତ୍ର ୩୦ କିଲୋମିଟର । କିନ୍ତୁ ସେ ରାଜଧାନୀ ନ ଛାଡ଼ିବା ପାଇଁ

**ସମବାୟ ଆଇନରେ ବିଚିତ୍ର ନୀତି**

ଯୋଜନାବଦ୍ଧ ଭାବେ କିଛି ଅସାଧୁ ମେଣ୍ଟ ତିଆରି କରିଥିବା ଜଣାପଡ଼ିଛି । ଗତ ତିନି ମାସ ତଳେ ଏକା ଥରକେ ୧୦ଜଣଙ୍କର ବଦଳି ଆଦେଶ ବାହାରି ଥିଲା କିନ୍ତୁ ସମସ୍ତେ ରିଲିଫ ହୋଇଥିବା ବେଳେ ସ୍ନିଗ୍ଧାରାଣୀ ଶତପଥୀ, ଏଆର୍‌ସିଏସ୍ ସେ ଭୁବନେଶ୍ୱର ଛାଡ଼ି ନାହାନ୍ତି । ଯାହାଙ୍କ ନାମରେ ପୂଳା ପୂଳା ଅଭିଯୋଗ ତଥାପି ତାଙ୍କର କିଛି ହେଉନାହିଁ । ଖବର ନେବାରେ ଜଣାପଡ଼ିଛି ଯେ, କେତେ ଜଣ ନିର୍ଦ୍ଦିଷ୍ଟ ଅଫିସର ମାନଙ୍କର ଅର୍ଥ କାରବାରର ମଧ୍ୟସ୍ଥ କରୁଛନ୍ତି । ଖୋଦ୍ ରାଜଧାନୀରେ ସମବାୟର ଏକ ବଡ ରାକେଟ କାମ କରୁଛି ବୋଲି କିଛି ଅଫିସର ତାଙ୍କ ନାମ ଗୋପନ ରଖି ପ୍ରେସକୁ ଜଣାଇଛନ୍ତି । କେତେଜଣ ଅଫିସରଙ୍କର ମଧ୍ୟସ୍ଥ କରି ପ୍ରଚୁର ଅର୍ଥ ରୋଜଗାର କରିଛନ୍ତି ବୋଲି ଅଭିଯୋଗ ହୋଇଛି । ଦିନ ଦ୍ୱିପହରରେ ଏହି ଭଳି କିଛି ଅଫିସର ସମବାୟ ଆଇନକୁ ଦଳି ଚକଟି ଦେଉଛନ୍ତି ବୋଲି ଭୁବନେଶ୍ୱରରେ ଚର୍ଚ୍ଚା ଜୋର୍ ଧରିଛି ।

## ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସାହିତ୍ୟ ଭାରତୀ ସମ୍ମାନ

କଟକ(ଭାସ୍କର ନ୍ୟୁଜ୍): ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ କଟକ କଳାବିକାଶ କେନ୍ଦ୍ର ଠାରେ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ଉଦ୍‌ଗାତାଙ୍କୁ ସମ୍ମାନ ସ୍ୱରୂପ ମାନପତ୍ର, କୋଣାର୍କର ଏକ ଫଳକ ଏବଂ ଏକ ଲକ୍ଷ ଟଙ୍କା ପୁରସ୍କାର ବାବଦ ଅର୍ଥ ପ୍ରଦାନ କରାଯାଇଥିଲା । ପଦ୍ମଶ୍ରୀ ଉଦ୍‌ଗାତା ଏପର୍ଯ୍ୟନ୍ତ ୩୨୩ ପୁସ୍ତକ ରଚନା କରିବା ସହିତ ଅନେକ ଅନୁବାଦ ପୁସ୍ତକ କରିଛନ୍ତି । ଏହା ବ୍ୟତୀତ ଚିତ୍ରକଳା ଦିଗରେ ତାଙ୍କର ଯଥେଷ୍ଟ ସୁନାମ ରହିଛି । ଓଡ଼ିଶା ହାଇକୋର୍ଟର ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ଉଦ୍‌ଗାତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଜଷ୍ଟିସ୍ ଷଡଙ୍ଗୀ ପୁରସ୍କାର ପ୍ରଦାନ କରି କହିଲେ ସାହିତ୍ୟର ବିକାଶ ଓ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଗଙ୍ଗାଧର ରଥ ଫାଉଣ୍ଡେସନ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । ସେହିପରି ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, କବି ଭଗବାନ ଜୟସିଂହ ଙ୍କୁ ଭାନୁଜି ରାଓ ସ୍ମାରକୀ ସମ୍ମାନ, ବିଶିଷ୍ଟ କଥାକାର ମାନସୀ ଦାସଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି । ଡ. ମୌସୁମୀ ପରିଡ଼ା ଏବଂ ରବିନାରାୟଣ ଦାସଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତି ଯୋଗ ଦେଇ କହିଲେ ଭାଷା ସାହିତ୍ୟ ଓ ସଂସ୍କୃତି ଗୋଟିଏ ଜାତିର ସ୍ୱାଭିମାନର ପ୍ରତୀକ । ଡକ୍ଟର ବିଜୟାନନ୍ଦ ସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଫାଉଣ୍ଡେସନର ସମ୍ପାଦକ ସୁସ୍ମିତା ରଥ ବିବରଣୀ ପାଠ କରିଥିଲେ । ଟ୍ରଷ୍ଟି ଡକ୍ଟର ଜୟନ୍ତ ରଥ ଏହି ଅଷ୍ଟବିଂଶତମ ସମାରୋହରେ ସଭାପତିତ୍ୱ କରିଥିଲେ ।

## ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ୨୫ ତମ ସ୍ମୃତି ସମାରୋହ

କଟକ(ଭାସ୍କର ନ୍ୟୁଜ୍): ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଯୁଗଳ କିଶୋର ମହାନ୍ତିଙ୍କ ୨୫ ତମ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ କହିଲେ ଯେ ସେ ମାନବିକାତାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ସ୍ଥାନୀୟ ସହିଦ୍ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଜଷ୍ଟିସ୍ ସାହୁ କହିଲେ ଯୁବ ଆଇନଜୀବୀମାନେ ସର୍ବଦା ନିଜ ଭିତରେ ଶିକ୍ଷା ଲାଭ କରିବାର ଜିଜ୍ଞାସା ରଖିବା ଉଚିତ୍ । ନିଜକୁ ଆଇନପେଶାରେ ପ୍ରତିଷ୍ଠିତ କରିବାକୁ ହେଲେ ନିଠି ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡିବ । ସେହିପରି ଭାରତବର୍ଷ ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ଯେଉଁ ପ୍ରଗତି ଲାଭ କରୁଛି ଏହି ପରିପ୍ରେକ୍ଷୀରେ ଆମକୁ ସଂକୀର୍ଣ୍ଣତା ଭାବ ପରିତ୍ୟାଗ କରିବାକୁ ପଡିବ ବୋଲି ମତ ଦେଇଥିଲେ । ସ୍ମୃତି ସମାରୋହର ସଭାପତି ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ବିଦ୍ୟୁତପ୍ରଭା ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଜଷ୍ଟିସ୍ ମହାନ୍ତିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରିଥିଲେ ।



ଏକାମ୍ର ହାଟରେ ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ବିଶ୍ୱ ପଖାଳ ଦିବସରେ ଏକତ୍ର ବସି ପଖାଳର ମଜା ନେଉଛନ୍ତି

## ମାନସିକ ଚାପରୁ ଆତ୍ମହତ୍ୟା ଜଣାପଡ଼ିଛି: ଏସିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିଜେ ଆଜେକ୍ସ ମୃତ୍ୟୁ ମାମଲାରେ ପ୍ରାଥମିକ ତଦନ୍ତରୁ ସେ ମାନସିକ ଚାପରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ବୋଲି କହିଛନ୍ତି ଜୋନ-୧ ଏସିପି ମାନସ ଗଡନାୟକ । ଏହି ମୃତ୍ୟୁ ମାମଲାକୁ ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଖାରବେଳ ନଗର ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି । ଯେଉଁମାନଙ୍କ ନାଁରେ ଅଭିଯୋଗ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ । ସେ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ମାନସିକ ଚାପରୁ ଆତ୍ମହତ୍ୟା ଜଣାପଡ଼ିଛି । ପୋଷ୍ଟମର୍ଟମ ରିପୋର୍ଟ ଓ ଡିଜିଟାଲ ପ୍ରମାଣ ଆଧାରରେ ତଦନ୍ତ ହେବ ବୋଲି ସେ କହିଛନ୍ତି ।

## ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଉଦ୍‌ଯାପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ-୨୦୨୩ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ଝାରଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାରୁ ଜନଜାତି କଳାବସ୍ତୁ କାରିଗରମାନେ ସେମାନଙ୍କ ପାରମ୍ପରିକ କଳାବସ୍ତୁ ପ୍ରଦର୍ଶନ କରି ବିକ୍ରିବଟା କରିଥିଲେ । ଏହି ପ୍ରଦର୍ଶନୀ ସର୍ବଭାରତୀୟ ସ୍ତରର ଜନଜାତି ସମୂହଙ୍କର କଳାବସ୍ତୁକୁ କେବଳ ବିକ୍ରୟ କରିବା ପାଇଁ ଉଦ୍ଦିଷ୍ଟ ନଥିଲା ପରନ୍ତୁ ବିଭିନ୍ନ ଜନଜାତିଙ୍କ କଳାକୁଶଳତାକୁ ଚିହ୍ନିବା, ସେମାନଙ୍କୁ ଗୋଟିଏ ମଞ୍ଚରେ ଯୋଡ଼ିବା ତଥା କଳାକୌଶଳର ଭାବଗତ ଓ କୌଶଳଗତ ଜ୍ଞାନର ଆଦାନପ୍ରଦାନ କରିବା ମଧ୍ୟ ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଜନଜାତି କାରିଗରମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାବସ୍ତୁକୁ ବିକ୍ରୟ କରିବା ସହ ପରସ୍ପର ମଧ୍ୟରେ ଜ୍ଞାନକୌଶଳ ଆଧାରିତ ଆଲୋଚନା କରିଥିଲେ । ପରିବେଶ ଅନୁକୂଳ କାଠ, ବାଉଁଶ, ପତ୍ର ଆଧାରିତ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ କଳାବସ୍ତୁ ଉପରେ ସେମାନେ ମତ ରଖିଥିଲେ, ଯେପରିକି ଶୀତପ୍ରଧାନ ଅଞ୍ଚଳରେ କାଠ, ବାଉଁଶର ନମନୀୟତା ଓ ମସୃଣତା ଥିବାରୁ ଚିଗଣ ସୁଦୃଶ୍ୟ କଳାବସ୍ତୁ ନିର୍ମାଣ ହେଉଥିବାବେଳେ ଗ୍ରୀଷ୍ମ ପ୍ରଭାବିତ ଅଞ୍ଚଳର କାଠ, ବାଉଁଶର ତନ୍ତୁ ପ୍ରଧାନ ଥିବାରୁ ଭାରି ବସ୍ତୁର ପ୍ରସ୍ତୁତି ସମ୍ଭବ ହେଉଥିବାର ସେମାନେ ମତ ପ୍ରଦାନ କରିଥିଲେ । ପୁଣି ଶୀତପ୍ରଧାନ ଅଞ୍ଚଳରେ ଉଲ୍ ନିର୍ମିତ ବସ୍ତ୍ରାଦିରେ ଗାଢ଼ ରଙ୍ଗର ପ୍ରଭାବ ଅଧିକ ରହୁଥିବାବେଳେ ଗ୍ରୀଷ୍ମପ୍ରଧାନ ପରିବେଶରେ କାର୍ପାସ ବସ୍ତ୍ରରେ ହାଲୁକା ରଙ୍ଗର ପ୍ରଭାବ ରହୁଥିବା ସେମାନଙ୍କ ମତ ଥିଲା । ବାସ୍ତବରେ ଏହି ଜନଜାତି କଳାବସ୍ତୁ କେବଳ ପ୍ରଦର୍ଶନୀ ହିସାବରେ ନୁହେଁ ବରଂ ସାଂସ୍କୃତିକ ସହାବସ୍ଥାନର ବାର୍ତ୍ତା ଦେଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରାୟୋଜିତ ଦୁରୁଆମାନଙ୍କ ର୍ବିଲି, ଓମାନାତ୍ୟମାନଙ୍କ ଡାଣ୍ଡା ହୁଲିଆ, ପରଜାମାନଙ୍କର ରିଞ୍ଜୋଡ଼ି ତଥା ଗଦବାମାନଙ୍କର ଢେମ୍‌ସା ନାଚ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା । ଏହି ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଛଅଗୋଟି ନୃତ୍ୟଦଳ ଏବଂ କଳାବସ୍ତୁ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଓଡ଼ିଶା ତଥା ଅନ୍ୟ ରାଜ୍ୟର ସମସ୍ତ କାରିଗରଙ୍କୁ ସାର୍ଟିଫିକେଟ୍ ଓ ମେମେଣ୍ଟୋ ପ୍ରଦାନ କରିଥିଲେ । ପରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀ ଓ ନୃତ୍ୟ ଉତ୍ସବ ଉଦ୍‌ଯାପିତ ହୋଇଥିବା ଘୋଷଣା କରିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ‘ଗାଁ ଗାଁ ଚାଲ; ଘର ଘର ଚାଲ’ ଅଭିଯାନକୁ ସଫଳ ପାଇଁ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି କୃଷକ ମୋର୍ଚ୍ଚା ଆସନ୍ତା ଏପ୍ରିଲ ୬ରୁ ଆରମ୍ଭ ହେବାକୁ ଥିବା ‘ଗାଁ ଗାଁ ଚାଲ; ଘର ଘର ଚାଲ’ ଅଭିଯାନକୁ ସଫଳ କରିବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି କ୍ରୀଷ୍ଣା ଗୌର, ରାଷ୍ଟ୍ରୀୟ ସଂଯୋଜକ ରାହୁଲ ନଗର, ରାଜ୍ୟ ସଂଯୋଜକ ସୁକାନ୍ତ ବିଶ୍ୱାଳ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ରାମଚନ୍ଦ୍ର ବେହେରା, ଦିଲୀପ କର୍ସେଲ, ଦୁର୍ଗାପ୍ରସନ୍ନ ନାୟକ, କରିସ୍ମା ମହାକୁଡ, ସିଦ୍ଧାର୍ଥ ଶଙ୍କର ପତି, ସଂଗ୍ରାମ ନାୟକ ପ୍ରମୁଖଙ୍କ ସମେତ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନେ ଉପସ୍ଥିତ ଥିଲେ ।

## ୧୨ ନଂ ଓ୍ୱାର୍ଡରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ (ସିଏମସି) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୧୨ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ଡଗରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯, ୧୦, ୧୧, ୧୨ ଓ୍ୱାର୍ଡ ସମେତ ୧୦ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ସିଏମସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଅଗ୍ନି ନିରାପତ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ । ୧୨ ନଂ ଓ୍ୱାର୍ଡ କର୍ପୋରେଟର ଗୀତାଳି ସିଂହ ସ୍ୱାଗତ ଭାଷଣ ଦେବା ସହ ରୋଷେଇ ବେଳେ କିପରି ସାବଧାନତାର ସହ ଗ୍ୟାସ୍ ବ୍ୟବହାର କରାଯାଇପାରିବ ସେ ସଂପର୍କରେ ବୁଝାଇଥିଲେ । ୧୧ ନଂ ଓ୍ୱାର୍ଡ କର୍ପୋରେଟର ଆରତୀ ସାହୁ କିପରି ଅଗ୍ନିକାଣ୍ଡ ନ ଘଟିବ ଏବଂ ମହିଳାମାନେ ଯେପରି ସୁରକ୍ଷିତ ରହିବେ ସେ ସଂପର୍କରେ ସଚେତନ କରାଇଥିଲେ । ୧୦ ନଂ ଓ୍ୱାର୍ଡ କର୍ପୋରେଟର ମୋନାଲିସା ଦାସ ଏହି ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ଦିଆଯାଉଥିବା ତାଲିମକୁ ଠିକ୍ ରୂପେ ବୁଝିବା ଓ ସଠିକ ଭାବେ କାର୍ଯ୍ୟକାରୀ କରିବା ଲାଗି ପରାମର୍ଶ ଦେଇଥିଲେ ।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
DSPL-505

**ବିଶ୍ୱ ମୁଖଗହ୍ୱର ଦିବସ**

୨୦ ମାର୍ଚ୍ଚ, ୨୦୨୩

‘‘ଆମେ ନିଜ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା’’



**ପ୍ରମୁଖ ମୁଖଗହ୍ୱର ରୋଗ**

- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

**ମୁଖ ଗହ୍ୱର ସୁସ୍ଥ ଓ ନିରୋଗ ରଖିବା ପାଇଁ**

- ଦୈନିକ ୨ ଥର (ସକାଳୁ ଉଠିବା ପରେ ଓ ରାତ୍ରୀ ଭୋଜନ ପରେ) ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ ।
- ତମାଖୁ ବର୍ଜନ କରନ୍ତୁ ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ।

OIPR- 10003/13/0173/2223

ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ପରୀକ୍ଷା ଓ ଚିକିତ୍ସା ବିନା ମୂଲ୍ୟରେ ଉପଲବ୍ଧ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha



ତିହିଡ଼ି,(ଭାସ୍କର ନ୍ୟୁଜ): ସମ୍ବାଦ ସାହିତ୍ୟ ଘର ତିହିଡି ଶାଖା ପକ୍ଷରୁ ଆଜି ଦୀନଦୟାଲ ଭ୍ବନ ତିହିଡି ଠାରେ ସାହିତ୍ୟ ଘରର ସଭାପତି ସମାଜସେବୀ ସଚିକାନ୍ତ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଏପ୍ରିଲ ୯ ତାରିଖ ରବିବାର ସମ୍ବାଦ ସାହିତ୍ୟ ଘର ତିହିଡି ଶାଖା ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ସାହିତ୍ୟ ଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା ଙ୍କ ସହ ବିଶିଷ୍ଟ ସାହିତ୍ୟିକ ସାରସ୍ୱତ ସାଧକ ମାନେ ଅତିଥି ଭାବେ ଯୋଗଦେବେ। ଅନୁଷ୍ଠିତ ହେବାକୁଥିବା ବାର୍ଷିକ ଉତ୍ସବ ରେ ସାରସ୍ୱତ ସାଧକ ବିଭିନ୍ନ ସାମାଜିକ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରସ୍ତୁତି ବୈଠରେ ଆବାହକ ପ୍ରଭାତ କୁମାର ରାଉଳ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ସମ୍ବାଦିକ କବି ବିଭୁତି ଭୂଷଣ ଗ୍ରହଚାର୍ଯ୍ୟ ସମ୍ପାଦକ ଯୁବଗାଳ୍ପିକ କୈଳାସ ବେହେରା ଉପସଭାପତି ନୀଳମାଧବ ସେନାପତି ସହ ସମ୍ପାଦକ ନିରଞ୍ଜନ ବାରିକ ସଦସ୍ୟ ବିସ୍ମୟ ବିହାରୀ ସାହୁ ତପନ ହାତୀ ପ୍ରମୁଖ ଯୋଗଦେଇ ଥିଲେ।



### ତତ୍କାଳୀନ ଜିଲ୍ଲାପାଳ ଆର.ଭନିଲକ୍ରିଷ୍ଣା ଅପହରଣ ମାମଲା

# ଅଭିଯୁକ୍ତ ଏମ.ଦିବ୍ୟାଙ୍କୁ ଜାମିନ ଦେଲେ ହାଇକୋର୍ଟ

କୋରାପୁଟ,(ଭାସ୍କର ନ୍ୟୁଜ): ତତ୍କାଳୀନ ଜିଲ୍ଲାପାଳ ଆର.ଭନୀଲକ୍ରୀଷ୍ଣା ଅପହରଣ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ମୋଷ୍ଟ ୱାନଟେଡ୍ କୁସେ ମେରି ଓରଫ ୱାଲସା ଓରଫ ଶାନ୍ତି ଓରଫ ଏମ.ଦିବ୍ୟା ଜେଲରୁ ବାହାରିବେ। ୧୧ ବର୍ଷ ପରେ ଜେଲରୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନରେ ବାହାରିବେ ଦିବ୍ୟା। ତତ୍କାଳୀନ ଜିଲ୍ଲାପାଳ ଆର.ଭନୀଲକ୍ରୀଷ୍ଣା ଅପହରଣ ମାମଲାରେ ସେ ଜେଲରେ ରହି ସଜା କାଟୁଥିବାବେଳେ ତଳ କୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଆବଶ୍ୟକ କାଗଜପତ୍ର ଓ ଜାମିନଦାରଙ୍କ୍ ଉପସ୍ଥିତି ହେଲେ ସେ ଜେଲରୁ ବାହାରିବେ। ଏ ନେଇ ହାଇକୋର୍ଟର ଜଷ୍ଟିସ ଡି.ଦାଶ ଓ ଡ. ଜଷ୍ଟିସ ଏସ.କେ ପାଣିଗ୍ରାହୀଙ୍କ କୋରମ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରଥମ ସର୍ତ୍ତ ଅନୁସାରେ ଯେତେବେଳେ


Hi-profile abduction

The kidnap of a Collector by the Maoists sparked off Statewide furore five years back. The stand-off between Red rebels and Govt continued for over a week. Finally, intervention of interlocutors led to release of the Collector.

CONVICTS

34 -year-old Maoist M Divya alias Shanti

31 -year-old Tapan Sha, former Govt employee

THE CASE

■ Vineel Krishna and Jr Engineer Pabitra Majhi abducted by armed Maoists on Feb 16, 2011

■ Majhi was released on Feb 22

■ Krishna was freed after Government conceded to Maoists' demands on Feb 24

ଦରକାର ପଡିବ ସେ କୋର୍ଟଙ୍କ ନିକଟରେ ଆତ୍ମସମର୍ପଣ କରିବେ। ଦ୍ୱିତୀୟ ସର୍ତ୍ତ ଅନୁସାରେ ପ୍ରତି ୧୫ ଦିନ (ସୋମବାର-ସକାଳ ୧୦ରୁ ୨ଟା ମଧ୍ୟରେ)ରେ ଥରେ ବିଶାଖାପାଟଣା ଜିଲ୍ଲା କୋୟୁର ଥାନାର ଆଇଆଇସିଙ୍କ ନିକଟରେ ହାଜିରା ଦେବେ। ଏ ନେଇ କୁସେ ୨୦୧୬ରେ ସିଆରଏଲଏ ନମ୍ବର ୩୩୧/ ୨୦୧୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାରଣା କରି ଏହି କୋରମ ୧୫/୩/୨୦୨୩ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ବିଚାରଣା ୨୦୨୩ ଏପ୍ରିଲ ୨୪ ତାରିଖରେ ହେବାକୁ ସେ ତାଙ୍କୁ ମାଲାକାନଗିରି ପୋଲିସ ୨୦୧୨ ଏପ୍ରିଲ ମାସ ୨ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୬ ଡିସେମ୍ବର ମାସରେ ହାଇକୋର୍ଟ ତପନ ଶାହାଙ୍କୁ ମଧ ସର୍ତକ ମୂଳକ ଜାମିନ ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳ ଆର୍.ଭନୀଲକ୍ରୀଷ୍ଣା ଅପହରଣ ସମୟରେ ତପନ ଶାହା ମାଲକାନଗିରି ଜିଲ୍ଲା ରାଲେଗୁଡା ଗାଁରେ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବାବେଳେ ମାର୍ଚ୍ଚ ୨୦୧୨ରେ ଗିରଫ ହୋଇଥିଲେ। ୨୦୧୨ ମେ ମାସ ୨୪ ତାରିଖରେ ଟ୍ରାଏଲ କୋର୍ଟ ଦିବ୍ୟା ଓ ତପନଙ୍କୁ ଆଜୀବନ ସଜା ଶୁଣାଇଥିଲେ। ଏ ନେଇ ଦିବ୍ୟାଙ୍କ ପାଇଁ ହାଇକୋର୍ଟରେ ଲଢୁଥିବା ଆଇନଜୀବୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି ଯେ, ତତ୍କାଳୀନ ଜିଲ୍ଲାପାଳ ଆର.ଭନୀଲକ୍ରୀଷ୍ଣା ଅପହରଣ ମାମଲାରେ ଦିବ୍ୟାଙ୍କୁ ଗିରଫ କରାଯାଇଥିଲା। ଟିଆଇ ପ୍ୟାରେଡ୍ ସମୟରେ ଭନିଲକ୍ରୀଷ୍ଣା ତାଙ୍କୁ ଚହ୍ନଟ କରିଥିଲେ। ହେଲେ ଅପହରଣ ସମୟରେ ଦିବ୍ୟା ସେଠାରେ ଥିଲେ କି ନାହିଁ କହି ପାରି ନ ଥିଲେ। ଏହାପରେ ତାଙ୍କ ନିକଟରୁ କୌଣସି ଜବତ ହୋଇ ନ ଥିଲା। ଏବେ ସେ ୧୧ ବର୍ଷ କାରଦଣ୍ଡ ଭୋଗି ସାରିଥିବାରୁ ଦୁଇଟି ସର୍ତରେ ଜାମିନ ଦେଇଛନ୍ତି। ଆବଶ୍ୟକ କାଗଜପତ୍ର ଓ ଜାମିନଦାରଙ୍କ ଉପସ୍ଥିତି ହେଲେ ସେ ଜେଲରୁ ବାହାରିବେ। ଏନେଇ ଦିବ୍ୟା ୨୦୧୬ରେ ସିଆରଏଲଏ ନମ୍ବର ୩୩୧/୨୦୧୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାରଣା କରି ଏହି କୋରମ ୧୫/୩/୨୦୨୩ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ବିଚାରଣା ୨୦୨୩ ଏପ୍ରିଲ ୨୪ ତାରିଖରେ ହେବ ବୋଲି ସେ କହିଛନ୍ତି। ୨୦୧୧ ମସିହା ଫେବୃଆରୀ ୧୬ ତାରିଖରେ ବଡପଡା-ଜାନବାଇ ନିକଟକୁ ଏକ ବାଇକରେ ତତ୍କାଳୀନ ଜେଇ ପବିତ୍ର ମାଝି ଓ ତତ୍କାଳୀନ ଜିଲ୍ଲାପାଳ ବିନା ସୁରକ୍ଷାରେ ଯାଇଥିବାବେଳେ ମାଓବାଦୀଙ୍କ ଅପହରଣର ଶିକାର ହୋଇଥିଲେ। ସେହିମାସ ୨୨ ତାରଖରେ ଜେଇଙ୍କୁ ମାଓବାଦୀମାନେ ଛାଡିଥଇବାବେଳେ ମାଓବାଦୀଙ୍କ ମଧ୍ୟସ୍ଥିଙ୍କ ମଧ୍ୟସ୍ଥିତା ପରେ ଅପହରଣର ୯ ଦିନ ପରେ ସେ ମାଓବାଦୀଙ୍କ କବଳରୁ ମୁକୁଳିଥିଲେ। ସେଦିନର ଲୋମହର୍ଷଣ ଓ ଚାନ୍ଦଲ୍ୟକରଣ ଘଟଣାରେ ସେ ଜଡିତ ଥିଲେ। ଏବେ ବି ସେ ଦିନରଘଟଣା ସାରା ମାଲକାନଗିରି କାହିଁକି ଓ ଓଡ଼ିଶା ଏବଂ ଭାରତର ସବୁ ଗଣମାଧମର ଶିରୋନାମାର ଶୀର୍ଷରେ ରହିଥିଲା। ଲାଲ ବାହିନିଙ୍କର ଲାଲ ଗଡର ଲାଲ କରିଡରରେ ରହିଥିବା ଏହି ମହିଳା ମାଓବାଦୀ ଜଣକ ହେଉଛନ୍ତି କୁସେ ମେରି ଓରଫ ୱାଲସର ଓରଫ ଶାନ୍ତି ଓରଫ ଏମ.ଦିବ୍ୟା।

## ସାଂସଦଙ୍କ ଖପ୍ରାଖୋଲ ବ୍ଲକର ଗସ୍ତ



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ ଖପ୍ରାଖୋଲ ବ୍ଲକର ୩ ନମ୍ବର ଜୋନକୁ ଗସ୍ତ କରି ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ସିଂଦେଓଙ୍କ ସହ ପାଟଣାଗଡ଼ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଅଞ୍ଚଳରେ ଥିବା ଝାଙ୍କିରିପାଲି, ଫୁଲକିମୁଣ୍ଡା, ସାହାଜପାଣି, ଜଲପାଙ୍କେଲ, ମାଲପଡ଼ା, ବେନ୍ଦେର, ଭରୁଆମୁଣ୍ଡା ଲାଠୋର ଓ ଦ୍ୱିତୀୟ ଦିନରେ ଝାଙ୍କାରପାଲି, ଭାନପୁର, ବୁରୋମାଲ, ତୁର୍ଲା, ନାନ୍ଦୁପଲା ପ୍ରଭୃତି ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଗସ୍ତ ସମୟରେ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ଅସୁବିଧା ବିଷୟରେ ମଧ ଆଲୋଚନା କରିଥିଲେ। ଏହି ଗସ୍ତରେ ଏମପିଙ୍କ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ଘାସିରାମ ଅଗ୍ରୱାଲ, ଦେବକାନ୍ତ ପାଣିଗ୍ରାହୀ, ରୋହିତ ମେହେର, ଶଶୀ ପୂଜାରୀ, ସତ୍ୟାନନ୍ଦ ସେନ୍ଦ୍ରିଆ, ଦଶରଥ ପାଣିଗ୍ରାହୀ, ରାମ ପୁଟେଲ, ନିରଞ୍ଜନ ଭୋଇ, ସନ୍ତୋଷ ଭଇଁସାଲ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ତିରୁପତି ବାଲାଜୀ ମାଟିତଳୁ ମୂର୍ତ୍ତି ଉଦ୍ଧାର

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ତିରୁପତି ବାଲାଜୀ ମନ୍ଦିରର ପୂଜକ ରବି ଶାସ୍ତ୍ରୀଙ୍କୁ ଗତ ୧୭ ତାରିଖ ରାତିରେ ସ୍ୱପ୍ନାଦେଶ ହୋଇଥିଲା। ମନ୍ଦିର ପରିସରରେ ପ୍ରଭୁ ମାଟିତଳେ ପୋତି ହୋଇ ରହିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ହୋଇଥିଲା। ୧୮ ତାରିଖ ସକାଳୁ ପୂଜକ ଶାସ୍ତ୍ରୀ ସ୍ୱପ୍ନାଦେଶ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ଓ ଚିତ୍ରକୋଣ୍ଡା ଗ୍ରାମବାସୀଙ୍କୁ ଜଣାଇଥିଲେ। ଉକ୍ତ ମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ପୂଜାବିଧି ମୁତାବକ ମହିଳାମାନେ ସିଲେରୁ ନଦୀକୂଳରୁ ଦେଢ଼ କିଲୋମିଟର ନଦୀଘାଟରୁ ଜଳ ଉଠାଇ କଳସ ଯାତ୍ରାକରି ଉକ୍ତ ମନ୍ଦିର ପରିସରସ୍ଥ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରି ଖୋଳିବା କାର୍ଯ୍ୟ ଆରମ୍ଭ କରିଥିଲେ। ସାତଫୁଟ ଖୋଳିବା ପରେ ମୂର୍ତ୍ତିର କିଛି ଅଂଶ ଦେଖାଯିବା ପରେ ଭକ୍ତଙ୍କର ସମାଗମ ବଢ଼ିବାରେ ଲାଗିଥିଲା। କିଛି ସମୟ ପରେ ମୂର୍ତ୍ତିର ସମ୍ପୂର୍ଣ୍ଣ ଅଂଶ ପଦାକୁ ବାହାରିଥିଲା। ଦଶ ଇଞ୍ଚ ବିଶିଷ୍ଟ ସାପ ଚିତ୍ର ସହ ଠାକୁରଙ୍କ ପଥର ନିର୍ମିତ ମୂର୍ତ୍ତିକୁ କଢ଼ାଯାଇ ପୂଜାର୍ଚ୍ଚନା



ପରେ ମନ୍ଦିରରେ ରଖାଯାଇଥିଲା। ଏହାକୁ କେହି କେହି ବାଲାଜୀ ଠାକୁରଙ୍କ ମୂର୍ତ୍ତି କହୁଥିବା ବେଳେ କେହି କେହି ମା’ ଗଙ୍ଗା ଦେବୀଙ୍କର ପଥର ମୂର୍ତ୍ତି ବାହାରି ଥିବା କହୁଛନ୍ତି।

## ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ତଦାରଖ କଲେ ଆର୍‌ଡିସି

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେ ଥିବା ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର କୁ ସମ୍ବଲପୁର ଉତ୍ତରାଞ୍ଚଳ ଆର୍.ଡି.ସି ସୁରେଶ ଚନ୍ଦ୍ର ଦଳେଇ ଗସ୍ତ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାମର ତଦାରଖ କରିଥିଲେ। ସରକାରଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ରୁ ଉର୍ଦ୍ଧ ଟଙ୍କା ଅନୁଦାନ ଦେଇଥିବା ବେଳେ ଦୋକାନ ଗୃହ ନିର୍ମାଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମନ୍ଦିର ପରିସର ଉନ୍ନୟନ ପାଇଁ ୧୫ କୋଟି ଟଙ୍କା ର ଟେଣ୍ଡର ସରିଥିବା ବେଳେ ଉନ୍ନୟନ କାମ ଚାଲିଛି। ଉନ୍ନୟନ କାମ ତଦାରଖ ସହ କାର୍ଯ୍ୟ ନିର୍ବାହୀ ପୂର୍ତ୍ତ ବିଭାଗ ସହ ଆଲୋଚନା କରିଥିଲେ। ଗସ୍ତ ଅବସରରେ ପାଟଣାଗଡ ଉପଜିଲ୍ଲାପାଳ ଡ଼. ବିଜୟାନନ୍ଦ



ସେଠୀ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଅର୍ଜୁନ ବେହେରା, ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇ, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ହରିଶଙ୍କର ଠାରେ ମିଶନ ଶକ୍ତିର ମହିଳାଙ୍କ ଦ୍ୱାରା ପରିଚାଳିତ ମିଶନ ଶକ୍ତି କାଫେ ଓ ରେଷ୍ଟୁରାଣ୍ଟ ବୁଲି ଦେଖିବା ସହ ମହିଳାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

## ତିହିଡ଼ିରେ ଗଙ୍ଗାମାତାଙ୍କ ପୂଜା

ତିହିଡ଼ି, (ଭାସ୍କର ନ୍ୟୁଜ): ତିହିଡ଼ି ହରିପୁରସ୍ଥିତ ବାରୁଣି ପୋଖରୀ ଠାରେ ଗଙ୍ଗାମାତାଙ୍କ ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ୧୯୭୩ ମସିହାରୁ ଆଜି ପର୍ଯ୍ୟନ୍ତ ଏଠାରେ ଗଙ୍ଗାମାତାଙ୍କ ପୂଜା ନିରବଛିନ୍ନ ଭାବେ ମହାସମାରୋହରେ ପାଳିତ ହୋଇ ଆସୁଅଛି। ପ୍ରତି ବର୍ଷ ଏଠାରେ ଥିବା ପୋଖରୀରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଗଙ୍ଗାମାତାଙ୍କୁ ଦର୍ଶନ କରି ଆଶିର୍ବାଦ ଲାଭ କରିଥାନ୍ତି। ଏଠାରେ ୫ଦିନ ବ୍ୟାପି ମେଳା ଚାଲିଥାଏ। ଚଳିତ ବର୍ଷ କର୍ତ୍ତା ଭାବେ ସର୍ବେଶ୍ୱର ନାୟକ ଏବଂ ମୁଖ୍ୟ ପୂଜକ ଭାବେ ଶୁକଦେବ ଦାଶ, ରଘୁବୀର ଦାଶ ମା’ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ସଭାପତି ପ୍ରଭାତ ରାଉଳ, ସମ୍ପାଦକ ବିଷ୍ଣୁ ଚନ୍ଦ୍ର ଦାଶ, ବରିଷ୍ଠ ସଦସ୍ୟ ପାର୍ଥସାରଥି ନାୟକ, ବାପୁଜୀ ନାୟକ, ମହେନ୍ଦ୍ର ଓଝା, ମନୋରଞ୍ଜନ ବେହେରା, ବିଜୟ ସାହୁ, ମୁନା କର, ଶିବପ୍ରସାଦ କର, ହରିହର ନାୟକ, ତାରାକାନ୍ତ ଜେନା, ମୁନା ପଣ୍ଡା, ପ୍ରେମଚାନ୍ଦ ନାୟକ, ଭଗ ଜେନା, ମହେଶ୍ୱର ବାରିକ, ମଞ୍ଜୁଜେନା, ଗଣେଶ ଜେନା, ବ୍ରଜକିଶୋର ଓଝା, ଚନ୍ଦ୍ରକାନ୍ତ ହାତୀ, ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ନିମ୍ନମାନର କେବୁଲ୍ କନେକ୍ସନ, ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ ସେବା ଠପ୍

ବାଲିପାଟଣା (ଭାସ୍କର ନ୍ୟୁଜ): ନିମ୍ନମାନର କେବୁଲ୍ କନେକ୍ସନ କରି ଚାଲିଗଲେ ଟେଲିଫୋନ୍ କର୍ମଚାରୀ, ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ ସେବା ସହିତ ଇଣ୍ଟର୍ନେଟ୍ ସେବା ଠପ୍ ହୋଇଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା କଲେଜ୍ ଛକ ଠାରେ ଡ୍ରେନେଜ୍ ପାଇଁ ରାସ୍ତା ଖୋଳାଯିବା ସମୟରେ ଟେଲିଫୋନ୍ କେବୁଲ୍ ଛିଣ୍ଡି ଯାଇଥିଲା। ଟେଲିଫୋନ୍ ସେବା ସହିତ ଇଣ୍ଟର୍ନେଟ୍ ସେବା ଅଚଳ ହୋଇଯିବାରୁ ଟେଲିଫୋନ୍ କର୍ମଚାରୀ ଗତ କାଲି ଘଟଣା ସ୍ଥଳରେ ପହଁଞ୍ଚି ଉକ୍ତ ଛିଣ୍ଡା କେବୁଲ୍‌କୁ ସଠିକ ଭାବରେ ନଯୋଡି ଚାଲିଯାଇଥିଲେ ଯାହା ଫଳରେ ଏପର୍ଯ୍ୟନ୍ତ ଟେଲିଫୋନ୍ ସେବା ସହିତ ଇଣ୍ଟର୍ନେଟ୍ ସେବା ଅଚଳ ହୋଇ ରହିଛି। ଜଣେ ଟେଲିଫୋନ



କର୍ମଚାରୀଙ୍କ କହିବା ଅନୁଯାୟୀ ନିମ୍ନମାନର କେବୁଲ୍ ପଡିଛି। ଏହାକୁ ଯୋଡିବାକୁ ଆସିଥିବା କର୍ମଚାରୀ ଅଣକୁଶଳୀ ତେଣୁ ସେମାନେ ସଠିକ୍ ଭାବରେ କ୍ଲୋଜର ଲଗାଇ ଯୋଡିନାହାନ୍ତି ତେଣୁ ଏପରି ସମସ୍ୟା ଉପୁଜିଛି। ଆହୁରି ମଧ କହିଛନ୍ତି ଯେ ଠିକ୍ ଭାବରେ ଯୋଡ଼ା ଯାଇ ନ ଥିବାରୁ କିଛିଦିନ ପରେ ପୁଣି ଏ କେବୁଲ୍ ? ଛିଣ୍ଡି ଯିବ। ଉପରିସ୍ଥ ଅଧିକାରୀଙ୍କ ଅନୁପସ୍ଥିତି ରେ କାମ ଚାଲୁଥିବାରୁ କାମର ମାନ ମଧ ଚାଲୁ ହୋଇଚି ବୋଲି କର୍ମଚାରୀ ଜଣଙ୍କ କହିଛନ୍ତି। ଏଇଭଳି ଭାବରେ ଚାଲିଛି ବାଲିପାଟଣା ରେ ବିଭିନ୍ନ କାର୍ଯ୍ୟ। ଏହାକୁ ଦୁର୍ନିତୀ କୁହାଯିବ ନା ମହା ଦୁର୍ନିତୀ ?

## ଗଞ୍ଜେଇ ଚଢ଼ଉ, ଅବକାରୀ ବିଭାଗ ନିଦ୍ରାରେ

ପାରଳାଖେମୁଣ୍ଡୀ,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାରେ ପୋଲିସ ଧରୁଛି ଗଞ୍ଜେଇ ଓ ଚୋରା ମଦ। ଗତ କିଛି ଦିନ ତଳେ ଅଡବା, ମୋହନା ପୋଲିସ ବାହାର ରାଜ୍ୟକୁ ଗଞ୍ଜେଇ ବେପାରୀ ଧରିବା ସହ ଗାଡ଼ି ମଧ ଜବତ କରାଯାଇଛି। ସୂଚନା ଯୋଗ୍ୟ ଗତ କାଲି ବି, ନ, ପୋଲିସ୍ ନିକଟରେ ଅଜଣା ବ୍ୟକ୍ତିମାନେ ବୁଲୁଥିବା ଦେଖି ପୋଲିସ ଚଢ଼ାଉ କରିଥିଲେ। ସେମାନେ ହେଲେ ବିହାର ରାଜ୍ୟର ଏସ୍ ରବି କୁମାର,, ରଜନୀଶ କୁମାର ଓ ଅମ୍ଲ କୁମାର ତାଟି ପାଖରୁ ୩୬କିଲୋ ୭୫୦ଗ୍ରାମ୍ ସହ ନଗଦ ଟଙ୍କା ୩,୨୭୦ ଜବତ କରାଯାଇଛି। ପାରଳାଖେମୁଣ୍ଡି ସହରରେ ଚୋରା ମଦ ଓ ଗଞ୍ଜେଇ ଅବାଧରେ ବିକିରି ହେଉଛି ଏହି ଅବକାରୀ ବିଭାଗ ଜିଲ୍ଲାରେ ଚିର ନିଧାରେ ଶୋଇ ରହିଛି। ବୁଦ୍ଧି ଜୀବୀ କହିଛନ୍ତି ଯେ ଗଜପତି ଜିଲ୍ଲାରେ ଅବକାରୀ ବିଭାଗ କ’ଣ ପାଇଁ।

## ଉଦ୍ଭିଦ ଅନୁବଂଶିକ ସମ୍ବଳ ସଂରକ୍ଷଣ ତାଲିମ ଶିବିର

ଭଞ୍ଜନଗର (ଭାସ୍କର ନ୍ୟୁଜ): କୃଷକମାନଙ୍କର ଖାଦ୍ୟ ନିରାପତ୍ତା ତଥା ଜୀବିକା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଅନୁସୂଚିତ ଜାତି ଉପ-ଯୋଜନା ଅନ୍ତର୍ଗତ ଉଦ୍ଭିଦ ଅନୁବଂଶିକ ସମ୍ବଳ ସଂରକ୍ଷଣ ସମ୍ବନ୍ଧୀୟ ଏକ ସଚେତନତା-ତାଲିମ କାର୍ଯ୍ୟକ୍ରମ ଆଇସିଆର-ନ୍ୟାସନାଲ ବ୍ୟୁରୋ ଅଫ୍ ପ୍ଲାଣ୍ଟ ଜେନେଟିକ୍ ରିସୋର୍ସେସ, ନୂଆଦିଲ୍ଲୀ ଦ୍ୱାରା ଓ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ -୧, ଭଞ୍ଜନଗର, ଓଡିଶାର ସହଯୋଗରେ ସଫଳତାର ସହିତ ଗଞ୍ଜାମ ଜିଲ୍ଲା ର ଜଗନ୍ନାଥପ୍ରସାଦ ବ୍ଲକର ଜୀରାବାଡୀ ଗ୍ରାମରେ ଗତ ୧୭ ମାର୍ଚ୍ଚ ୨୦୨୩ ରେ ଆୟୋଜିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ୬୦ ଜଣ ମହିଳା ଚାଷୀଙ୍କ ସମେତ ମୋଟ ୧୦୦ ଜଣ ଚାଷୀ ଯୋଗ ଦେଇଥିଲେ। ଏହି କାର୍ଯକ୍ରମରେ ଜଗନ୍ନାଥପ୍ରସାଦ ବ୍ଲକର ବ୍ଲକ ବିକାଶ ଅଧିକାରୀ ଅନୂପ କୁମାର, ଓଏଏସ୍, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯକ୍ରମରେ ଅଂଶ ଗ୍ରହଣ ଚାଷୀ ମାନଙ୍କୁ ନାପ୍ସାକ୍ ସ୍ପ୍ରେୟର୍,



ଦାଆ ଓ ସ୍ପେଡ୍ ଇତ୍ୟାଦି ବିଭିନ୍ନ ପ୍ରକାର ଚାଷୋପକରଣ ଏବଂ ପରିବା ଚାରା ଓ ଧାନ ବିହନ ଆଦି ବଣ୍ଟନ କରାଯାଇଥିଲା। ଚାଷ ଜମି ସଂରକ୍ଷଣର ବିଭିନ୍ନ ଦିଗ ଏବଂ ତାର ଅର୍ଥନୈତିକ ଗୁରୁତ୍ୱ ବିଷୟରେ ଆଲୋଚନା କରାଯିବା ସଂଗସଂଗେ କୃଷି ପଦ୍ଧତି ରେ ବିଜ୍ଞାନ ଭିତ୍ତିକ ଜ୍ଞାନ କୌଶଳ କୁ ବ୍ୟବହାର କରି କିପରି ଅମଳ ବୃଦ୍ଧି କରାଯାଇ ପାରିବ ସେ ସମ୍ବନ୍ଧରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇସିଆର-ନ୍ୟାସନାଲ ବ୍ୟୁରୋ ଅଫ୍ ପ୍ଲାଣ୍ଟ ଜେନେଟିକ୍ ରିସୋର୍ସେସର ଡକ୍ଟର ଡି ଆର ପାଣି ଏବଂ ଡ଼ା ସ୍ମିତା ଲେଙ୍କା ଏବଂ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ଡ଼ା ସୁତନୁ କୁମାର ଶତପଥୀ ଏବଂ ଡ଼ା ପି କେ ପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥପ୍ରସାଦର କୃଷି ଅଧିକାରୀ ଏବଂ ଜୀରାବାଡୀ ଗ୍ରାମର ସରପଞ୍ଚ ମଧ ବିଶେଷ ଭାବରେ ଅଂଶ ଗ୍ରହଣ କରିଥିଲେ।

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ




ତିହିଡ଼ି,(ଭାସ୍କର ନ୍ୟୁଜ): ଖାଉଟି ତାର ନ୍ୟାର୍ଯ୍ୟ ଅଧିକାର ପାଇଲେ ହିଁ ସମାଜରେ ସେ ତା’ର ଉଚିତ ନ୍ୟାୟ ପାଇପାରିବ। କାରଣ ବର୍ତ୍ତମାନ ଖାଉଟି କେତେକାଂଶରେ ଶୋଷଣର ଶିକାର ହୋଇ ତା’ର ନ୍ୟାୟୋଚିତ ଅଧିକାର ହରାଇ ବସୁଛି। ସରକାର ସେଥିପାଇଁ ବିଭିନ୍ନ ପ୍ରକାର ପ୍ରତିକାରାତ୍ମକ ବ୍ୟବସ୍ଥା ସ୍ୱରୁପ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତ। ଏହାର ଫାଇଦା ଖାଉଟିମାନେ ନେବା ଦରକାର। ନ ହେଲେ ପ୍ରାୟ ସମୟରେ ଖାଉଟି ଠକାମିର ଶିକାର ହେବ। ଏ କଥାକୁ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ବିଶ୍ୱ ଖାଉଟି ଅଧିକାର ଦିବସରେ ଅତିଥି ଓ ବକ୍ତାମାନେ ଉପସ୍ଥିତ କାଉନସିଲର ଓ ବିଭିନ୍ନ ବ୍ଲକରୁ ଆସିଥିବା ବ୍ୟକ୍ତି ବିଶେଷମାନଙ୍କୁ ଉଦ୍‌ବୋଧନ ଦେବା ଅବସଦରେ କହିଥିଲେ। ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ଓ ଜିଲ୍ଲା ବୈଧମାପ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ମୁଖ୍ୟବକ୍ତା ଭାବେ ଉପ ନିବନ୍ଧକ ଜିଲ୍ଲା ବୈଧମାପ ବିଜ୍ଞାନ ବିଭାଗ ପ୍ରିୟବ୍ରତ ଜେନା ଓଜନରେ କିପରି ଆମେମାନେ ଠକାମିର ଶିକାର ହେଉଛନ୍ତି ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଏଥିରେ ଅନ୍ୟତମ ବକ୍ତାଭାବେ ଯୋଗଦେଇଥିଲେ ଆଇନଜୀବୀ ବସନ୍ତ ଖିଲାର। ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ରାଜ୍ୟ ଉପଭୋକ୍ତା ମହିଳା ମହାସଂଘର ସମ୍ପାଦିକା ବନିତା ସାମଲ।

## ଗ୍ଲୋକବିଶ୍ୱମା ଦିବସ ପାଳିତ

ପାରଳାଖେମୁଣ୍ଡ (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ଲୋକବିଶ୍ୱମା ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡକ୍ଟର ପ୍ରଦୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡକ୍ଟର ରିକି ମାଣିକ ସ୍ୱର , ଡିଏମ୍‌ଓ ଡକ୍ଟର ପ୍ରମୋଦ କୁମାର ମହାପାତ୍ର, ଏନ ଏଚ ଏମ ଡିପିଏମ୍ ସୌମ୍ୟ ରାଣୀ ଗୌଡ଼, ଏଡିପି ଏଚ୍ ଓ ଡକ୍ଟର ଆନନ୍ଦ ସାମନ୍ତରାୟ , ଅପ୍ଟିକାଲ ଆସିଷ୍ଟେଣ୍ଟ ଜନ୍ମେଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଶ୍ୱ ଗ୍ଲୋକମା ଦିବସ ଉପରେ ଅତିଥି ମାନେ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ପି ଏଚ ଓ ନେତ୍ରାନନ୍ଦ ଶତପଥୀ, ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଂପ୍ରସାରଣ ଅଧିକାରିଣୀ, ଜଗଦୀଶ ପଟ୍ଟନାୟକ, ନୀଳମଣି ଗୌଡ଼ , ସୁବାଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏ. ଏନ.ଏମ.ଟି.ସି ଛାତ୍ରୀ,କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ଛତ୍ରପୁର (ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଜନିତ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡାଙ୍କ ମାନସ ଚିନ୍ତାଧାରା “ନିରୀକ୍ଷଣ ଆପ୍ “ ଏବଂ ଇସିଜି କାର୍ଯ୍ୟକ୍ରମର ଏଡ୍ରୋଏଡ୍‌ର ଶୁଭାରମ୍ଭ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ପରିଡା ଏହାର ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ମହିଳା ଏବଂ ସେମାନଙ୍କର ଜନ୍ମିତ ଶିଶୁମାନଙ୍କର ସ୍ୱାସ୍ଥ୍ୟରକ୍ଷା ସକାଶେ ପ୍ରସବ ଯତ୍ନ ଅତ୍ୟନ୍ତ ଜରୁରୀ। ପ୍ରତିଷେଧକ ସ୍ୱାସ୍ଥ୍ୟଗତ ଚିକିତ୍ସା ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ବିଧିଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ସହିତ ସେମାନଙ୍କ ସମସ୍ତ ଦିଗ ପ୍ରତି ଏହି ନିରୀକ୍ଷଣ ଆପ୍ ଅନେକ ସହଯୋଗ




କରିବ । ମହିଳାମାନେ ଗର୍ଭାବସ୍ଥାରେ ସୁସ୍ଥ ଆଚରଣ ବିଷୟରେ ଜଣେ କୁଶଳୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଠାରୁ ଶିକ୍ଷା ଗ୍ରହଣ କରିପାରିବେ । ଗର୍ଭାବସ୍ଥା ଏବଂ ପ୍ରସବ ସମୟରେ ସେମାନେ ପୂର୍ବରୁ କେଉଁ ସବୁ ଚିହ୍ନ ଗୁଡ଼ିକ ବା ଲକ୍ଷଣ ଗୁଡ଼ିକ ଦେଖାଯିବ ସେ ସବୁ ସମ୍ପର୍କରେ ଭଲଭାବରେ ଅବଗତ ହୋଇ ପାରିବେ ଏବଂ ସେମାନଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସାମାଜିକ, ଭାବନାତ୍ମକ ଏବଂ ମାନସିକ ସମର୍ଥନ ଗ୍ରହଣ କରିବା ଦିଗରେ ସହାୟକ ହୋଇ ପାରିବ । ଶିଶୁ ଜନ୍ମ ପୂର୍ବରୁ ଯତ୍ନ ଏବଂ ଏହା ସହିତ ଜଡିତ ବିଭିନ୍ନ ଦିଗ ପ୍ରତି ଶିକ୍ଷା, ସ୍କ୍ରିନିଂ, ପରାମର୍ଶ, ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରିବା ସହିତ ମା’ ଏବଂ ଗର୍ଭସ୍ଥ ଶିଶୁର ଉନ୍ନତି ପାଇଁ ପ୍ରୋତ୍ସାହନ ମିଳି ପାରିବ । ଗର୍ଭାବସ୍ଥାରେ ସଠିକ ଆଣ୍ଟିନେଟାଲ ଚେକ ଅପ୍ ଏବଂ ଗଞ୍ଜାମ ଜିଲ୍ଲାର ସମସ୍ତ ଗର୍ଭବତୀ ମହିଳାଙ୍କୁ ମାଗଣା ଅଲଟ୍ରାସାଉଣ୍ଡ ପରୀକ୍ଷା ସୁବିଧା ଯୋଗାଇ ବିପଦ ଚିହ୍ନ ଗୁଡିକର ଶୀଘ୍ର ଚିହ୍ନଟ କରିବା ଏବଂ ପରେ ନିରାପଦ ମାତୃତ୍ୱ ପାଇଁ ପ୍ରତିଷେଧକ ପରିଚାଳନା ଯୋଗାଇବା ହେଉଛି ଏହା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଏନ୍.ଆର୍.ଏଚ୍.ଏମ୍. ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ଡିଏମଆରସିଏଚ୍ ଶକ୍ତି କୁମାର ଦିଗାଲ, ସମସ୍ତ ସିଡିପିଓ ଓ ସମସ୍ତ ଆଶାକର୍ମୀ ମାନେ ଯୋଗଦେଇଥିଲେ ।

# ରାଜ୍ୟ ଖବର





ଖପ୍ରାଖୋଲ (ଭାସ୍କର ନ୍ୟୁଜ) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଜୁରିଆ ଠାରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରରେ ସମବାୟ ସମିତି ସଭାପତି କନ୍ଦର୍ପ ସୁଆର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଲୁହାସିଂହା ସରପଞ୍ଚ ସିମାଞ୍ଚଳ ପୁରୋହିତ, ମୁଖ୍ୟ ବକ୍ତା ରୂପେ ଚଙ୍ଗରିଆ ସରପଞ୍ଚ ସୁଶୀଳ କୁମାର ଗୁରୁ, ସମ୍ମାନିତ ଅତିଥି ରୂପେ ବିଡିସିସି ବ୍ୟାଙ୍କ ନିର୍ଦ୍ଦେଶିକା ଦମୟନ୍ତୀ ସୁଆର , ଲାଠୋର ବିଡିସିସି ବ୍ୟାଙ୍କ ମ୍ୟାନେଜର ରୋହନ ପାଣିଗ୍ରାହୀ, ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାଷୀ ଏବଂ ସ୍ୱୟଂ ସହାୟକ ଦଳ ଆର୍ଥିକ ସ୍ୱାକ୍ଷର ହେବା ସହ ବ୍ୟାଙ୍କ୍‌ରେ ଆର୍ଥିକ ନେଣ ଦେଣ କିପରି ଠିକ୍ ଭାବରେ କରି ପାରିବେ ସେନେଇ ଆଲୋଚନା ହୋଇଥିଲା।ସେହିପରି ସରକାରଙ୍କ ବିଭିନ୍ନ ବୀମା ରେ କିଭଳି ସାମିଲ ହୋଇ ପାରିବ। ବିଭିନ୍ନ ଋଣ ଓ ସବସିଡି ଉପରେ ସଚେତନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଗୁଆ ଚାଷୀ ଲୋଚନ ସିଂହ ବରିହା, ସୁପର ଭାଇଜର ଅନନ୍ତ ରଣା , ସମ୍ପାଦକ ଶ୍ରୀପତି ଭୋଇ , ଡି.ଇ.ଓ ଯଦୁମଣି ରଣା , ଚନ୍ଦ୍ରମଣି ମେହେର, ରାଜକିଶୋର ମେହେର, ଜୟନ୍ତ ପାଲ ମେହେର ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସରକାରୀ ସହାୟତା ଅପେକ୍ଷାରେ ମା'-ବାପା ଛେଉଣ୍ଡ ଝିଅ ଅସ୍ତି



ଝରିଗାଁ (ଭାସ୍କର ନ୍ୟୁଜ): ସରକାରୀ ସହାୟତା କୁ ଚାହିଁ ବସିଛି ବାପମାଛେଉଣ୍ଡ ଅସ୍ତି। ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଡ଼ଙ୍ଗରିଗୁଡା ପଞ୍ଚାୟତ ଅନ୍ତର୍ଗତ ହଳଦୀଗୁଡା ଗ୍ରାମର ୭ ନମ୍ବର ୱାର୍ଡର ଏକ ପାଳ ଛପର ମାଟି କୁଡିଆ ଘର। ତାହା ମଧ୍ୟ ଉତ୍ତରଅଧିକାରୀ ଭାବେ ପାଇଥିବା ପୈତୃକ ଘରେ ବାସ କରନ୍ତି ବାପା/ମା'ଛେଉଣ୍ଡ ଝିଅ ଅସ୍ତି ଭତରା।ବୟସ ପାଖାପାଖି (୨୯)ବର୍ଷ। କିଛି ବର୍ଷ ପୂର୍ବେ ତାଙ୍କର ମାତୃ ବିୟୋଗ ହୋଇଥିବା ବେଳେ ବିଗତ ବର୍ଷ ତାଙ୍କ ବାପା ଚ଼ିତୁ ଭତରାଙ୍କ ମଧ୍ୟ ବିୟୋଗ ଘଟିଛି । ବାପା ବଞ୍ଚିଥିଲା ସମୟରେ ବାପା ବାହାରୁ କୁଲିମଜୁରୀ କରି ଯାହାବି ଘରେ ନେଇ ଆସୁଥିଲେ ତହିଁରେ ଦୁଇ ପ୍ରାଣୀ ଦୁଇଓଳି ଚଳି ଯାଉଥିଲେ। ପିତୃ ଅର୍ଜିତ ଅଳ୍ପ କିଛି ଜମି ଅଛି ସତ, ହେଲେ ଜମି ଜମାବନ୍ଦୀ ଅବସ୍ଥାରେ। ତେଣୁ ଜମି ଭାଗରୁ ମଧ୍ୟ ବଞ୍ଚିତ ଏହି ଅସହାୟ ଯୁବତୀ । ବାପାଙ୍କ ଦେହାନ୍ତ ପରେ ବିଲକୁଲ ଏକା ପଡିଯାଇଛି ଅସ୍ତି । ବାପା ତିଆରି କରିଥିବା ଝାଟିମାଟି କୁଡ଼ିଆ ତାର ଆଶ୍ରୟସ୍ଥଳୀ ପାଲଟି ଥିବାବେଳେ । ପଞ୍ଚାୟତରୁ ମିଳୁଥିବା ମାତ୍ର ୫ କେଜି ପିଡିଏସ ଚାଉଳ ହିଁ ତା'ର ବଞ୍ଚିରହିବାର ଉତ୍ସ । କୁଡ଼ିଆଟି ମଧ୍ୟ ପ୍ରାୟ ଭଗ୍ନ ଅବସ୍ଥାରେ। ଖରା ବର୍ଷା ପବନ ବତାସ ଝଡ ତୋଫାନ ହେଲେ ବିପଦ ସଂକୁଳ ଅବସ୍ଥାରେ ରହୁଛନ୍ତି ଅସ୍ତୀ। ସାମାନ୍ୟ ବର୍ଷାରେ ଛଣ ଛପର ଚାଳିଆରୁ ପାଣି ଝରି ମାଟି ଚଟାଣ ଓ ମାଟି କାନ୍ଥ ଭିଜି ବତୁରି ଯାଏ। ସନ୍ତେଇ ଯାଇ ଚଟାଣର ମାଟି ପାଦରେ ଲାଗିଯାଏ। କେତେବେଳେ ଦୟା ଦେଖେଇ କେହି କିଛି ପୋଡଶି ମଣିଷ ପଣିଆ ଦେଖାଇ ଖାଇବାକୁ ଦିଏ ତ ଆଉ କେତେବେଳେ ଭୋକ ଉପାସରେ ମଧ୍ୟ ରହିବାକୁ ହୁଏ। ଅସ୍ତିକୁ ସମୟ ଗଡି ଚାଲିଛି। ବାହା ହୋଇ ଘର ସଂସାର କରିବାକୁ ଇଚ୍ଛା ଥାଇବି ସେ ସପନ ସପନରେ ହିଁ ରହିଗଲା ଅସ୍ତିର। ନିଜ ସମବୟସ୍କ ଝିଅମାନଙ୍କ ଘର ସଂସାର ଦେଖି ଦୁଃଖୀ ହୋଇଯାଏ। ପଡୋଶୀଙ୍କ କହିବାନୁସାରେ କାମ କରିବାକୁ ମଧ୍ୟ ଅସମର୍ଥ ପ୍ରକାଶ କରୁଛି ଅସ୍ତୀ। ପ୍ରାୟ ସବୁବେଳେ ଅନ୍ୟମନସ୍କ ରହିବାସହ ମୁହଁରେ କିଛିବି ପ୍ରସନ୍ନତା ଦେଖି ହେଉନାହିଁ। ପାଞ୍ଚ ଥର ଜଣେ ପଚାରିଲେ ଥରେ ଉତ୍ତର ଦେଉଛି ଅସ୍ତୀ। ତେଣୁ ତାକୁ କେହି କାମ ମଧ୍ୟ ଦିଅନ୍ତି ନାହିଁ । ପ୍ରଶାସନ ଏହି ଦୁଃଖିହାରୀ ଯୁବତୀଙ୍କୁ ରହିବା ପାଇଁ ଘର ଖଣ୍ଡେ ଓ କିଛି ପେନ୍‌ସନ୍‌ର ବ୍ୟବସ୍ଥା କରନ୍ତେ ତେବେ ବାପାମା ଛେଉଣ୍ଡ ଝିଅଟିକୁ ବଞ୍ଚିବାର ରାହା ମିଳିଯାଆନ୍ତା ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ଅସ୍ତୀ ପାଇଁ ସରକାରୀ ସହାୟତା ଯୋଗାଇବାକୁ ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସତ୍ୟନାରାୟଣ ମେହେରଙ୍କୁ ଯୋଗାଯୋଗ କରି ପଚାରିବାରୁ ଅସ୍ତୀର ଭତ୍ତା ବ୍ୟବସ୍ଥା ନିଶ୍ଚିତ କରାଯିବ ବୋଲି ପ୍ରକାଶ କରିଥିଲେ। ଆବାସ ଯୋଜନାରେ ତାଲିକାଭୁକ୍ତ କରି ପକ୍କାଘର ଯୋଗାଇବା ପାଇଁ ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ମେହେର କହିଛନ୍ତି।

## ସମ୍ପତ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ



କୋରାପୁଟ,(ଭାସ୍କର ନ୍ୟୁଜ): ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ତରଫରୁ ସମ୍ପତ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ ସ୍ଥାନୀୟ ପୌରପାଳିକ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ସିନିୟର ପ୍ରୋଗ୍ରାମ ମେନେଜର ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଚଡିଏଫସିର ଶାଖା ପ୍ରବନ୍ଧକ ମନୋରଞ୍ଜନ ମୁନି, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଧାମ୍, ମିଶନ ଶକ୍ତି ବିପିସି ବିନୋଦ ବିଶୋଇ, କୃଷି ଅଧିକାରୀ ତପସ ଚନ୍ଦ୍ର ରାଇ, ପ୍ରଗତୀର ସମ୍ପାଦକ ପ୍ରଭାକର ଅଧିକାରୀ, ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରୀ, ବନରକ୍ଷୀ ରାଜୁ ପାଙ୍ଗି, ପଶୁଧନ ନିରୀକ୍ଷକ ହରିଶ ଚନ୍ଦ୍ର ମହାପାତ୍ର, ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ନିରଞ୍ଜନ ଗୌଡ଼, ଏଫ୍‌ଇଏସ୍ କ୍ଷେତ୍ର ସଂଯୋଜକ ବିଜୟ ଟପ୍ପୋ, ଟାଟା ଫାଉଣ୍ଡେସନର ଲୋକନାଥ ସାହୁ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକତା, ଧାନ ଫାଉଣ୍ଡେସନ, ଭିଡିସିର ସଭାପତି, ସମ୍ପାଦକ, ୱାର୍ଡ ମେମ୍ବର, ପିଜି ଓ ଫେଡେରେସର ସଭ୍ୟାମାନେ ଉପସ୍ଥିତ ଥିଲେ। ଏଫ୍‌ଇଏସ୍ କର୍ମଚାରୀ କୃତ୍ତିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫେଡେରେସନ ସଦସ୍ୟମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅତିଥିମାନେ ବୃକ୍ଷରେ ପାଣି ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଜୟ ଟପ୍ପୋ ଏଫ୍‌ଇଏସ୍‌ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବା ବେଳେ ପ୍ରଦୀପ ମିଶ୍ର ଏଚଆରଡିପି ଯୋଜନା ସମ୍ପର୍କରେ ଉପସ୍ଥାନ କରିଥିଲେ। ଦେଇଥିବା ବେଳେ ଫେଡେରେସନ ସଭ୍ୟ ମଣିମା ଖିଲ ସଂଗଠନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ପୂର୍ବରୁ ଫାଉଣ୍ଡେସନ ତରଫରୁ ମହାଦେବୀ ପଞ୍ଚାୟତ ଅଧୀନରେ କିଛି ଗ୍ରାମକୁ ପୌଷ୍ୟ ଭାବେ ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ୍ ପ୍ରଦାନ କରି ସେମାନଙ୍କ ଦକ୍ଷତା ବିକାଶ କରାଯାଇଥିଲା। ସେହି ଗ୍ରାମବାସୀଙ୍କୁ ବର୍ତ୍ତମାନ ଆଗାମୀ କାର୍ଯ୍ୟ ପାଇଁ ଦାୟୀତ୍ୱ ପ୍ରଦାନ କରିବା ସହ ସମ୍ପତ୍ତି ହସ୍ତାନ୍ତର କରାଯାଇଥିଲା।

## ଏକାକୀ ମହିଳାମାନଙ୍କୁ ନେଇ କର୍ମଶାଳା

ଟିଟିଲାଗଡ଼ (ଭାସ୍କର ନ୍ୟୁଜ): ଟିଟିଲାଗଡ଼ ବ୍ଲକ ଅଧିନସ୍ଥ ମହୁଲପଡା ଗ୍ରାମପଞ୍ଚାୟତ ପରିସରରେ ମିଡ଼ିଆ, ପି ଆର ଆଇ ମେମ୍ବର ଏବଂ ନିରୀହ ଏକାକୀ ମହିଳାମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏକ୍ସନଏଡ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ଅନୁଷ୍ଠାନ ଗୋଷ୍ଠୀ ସଞ୍ଚାଳକ ମୁରଲୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ସମାଜରେ ଏକାକୀ ଭାବରେ ରହିଯାଇଥିବା ମହିଳା, ସ୍ୱାମୀ ପରିତ୍ୟକ୍ତା, ବିଧବା ମହିଳା, ବୃଦ୍ଧା, ଅବିବାହିତା ବୟସ୍କ ମହିଳାମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା, ସାମାଜିକ ନିରାପତ୍ତା ଭିତିରେ ଅଗ୍ରାଧିକାର, ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରିବା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା, ମନରେଗା ଯୋଜନା ରେ ସାମିଲ ହୋଇ କର୍ମନିଯୁକ୍ତି ପାଇବା, ବିଭିନ୍ନ ପ୍ରକାର ଭତ୍ତା, ପକ୍କାଘର ଯୋଜନାରେ ସାମିଲ ହେବା ସହ ସମାଜରେ ସୁରକ୍ଷିତ ଭାବରେ ଜୀବନ ଯାପନ କରିବା ନେଇ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାରେ ଅନେକ ବୃଦ୍ଧ ବୃଦ୍ଧା ସେମାନଙ୍କର ଭତ୍ତା ଗୁଡ଼ିକ ବ୍ୟାଙ୍କ ପାସବୁକରେ ଜମା ହେଉଥିବା ବେଳେ ବର୍ତ୍ତମାନ ସମୟରେ ଅନେକ ବୃଦ୍ଧ ବୃଦ୍ଧାଙ୍କ ଟିପ ଚ଼ିହ୍ନ ମେଳ ଖାଉ ନଥିବାରୁ ଅନେକ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ଅନେକ ବୃଦ୍ଧ ବୃଦ୍ଧା ବ୍ୟାଙ୍କଙ୍କୁ ପେନ୍‌ସନ୍ ପାଇଁ ଯିବା ପାଇଁ ଅଟୋ ରିକ୍ସା ଭଡାରେ ସବୁ ଟଙ୍କା ଚାଲି ଯାଉଥିବା ଅଭିଯୋଗ କରି ପଞ୍ଚାୟତ ଅଫିସ ଗୃହ କିମ୍ବା ପୂର୍ବ ଭଳି ସେମାନଙ୍କୁ ସେମାନଙ୍କ ଗାଁରେ ଯୋଗାଇ ଦେଲେ ଉପକୃତ ହେବେ ବୋଲି କହିଥିଲେ। ଏହି କର୍ମଶାଳାରେ ସରପଞ୍ଚ ଉର୍ବଶୀ ଘିଭେଲା, ଗ୍ରାମ ରୋଜଗାର ସେବକ ବୁଲୁ ପ୍ରଧାନ, ଗ୍ରାମ ସାଥି ଜଗବନ୍ଧୁ ଠାକୁର, ରୋହିତ ବାଗ, ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ପ୍ରମୁଖ ଉପସ୍ଥିତ ରହିଥବା ବେଳେ ଅଜୟ କୁମାର ଏବଂ ହରି ମହାନନ୍ଦ ସହଯୋଗ କରିଥିଲେ।




## ଅଦିନିଆ ବର୍ଷାରେ ଉଜୁଡିଗଲା ଶହ ଶହ ଏକର ତରଭୁଜ ଫସଲ



ବାଲିମେଳା (ଭାସ୍କର ନ୍ୟୁଜ): କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାଲିଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନଙ୍କର ଶହ ଶହ ଏକର ପରିମିତ ଚାଷଜମିରେ ଲାଗିଥିବା ତରଭୁଜ ଫସଲ କ୍ଷତିଗ୍ରସ୍ତ ହୋଇଛି। ନାଲିଗୁଡା ଗ୍ରାମର ସମାରୁ ନାଲିଙ୍କ କହିବାନୁସାରେ ସେ ବରୋଦା ବ୍ୟାଙ୍କରୁ ୫୦୦୦୦/- ଟଙ୍କା ଋଣ କରି ନିଜ ଜମିରେ ତରଭୁଜ ଫସଲ ଲଗେଇଥିଲେ। କିନ୍ତୁ ଲଘୁଚାପ ଜନିତ ଅଦିନିଆ ବର୍ଷାରେ ଯେମିତି ତାଙ୍କର ସବୁ ପରିଶ୍ରମର ଫଳ ଧୋଇ ଦେଇଛି । ଏ ବର୍ଷ ତରଭୂଜ ଫସଲ ମଧ୍ୟ ଅନୁରୂପ ହୋଇଥିଲା ଓ ସେ ଆଶା ରଖିଥିଲେ। ବ୍ୟାଙ୍କ ଋଣ ଶୁଝିବା ପରେ ଭଲ ଦି ପଇସା ଲାଭ ପାଇଥାନ୍ତେ କିନ୍ତୁ ସବୁକିଛି ଆଶା ଯେମିତି ଧୁଳିସାତ୍ ହୋଇଯାଇଛି। ବର୍ତ୍ତମାନ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି ବ୍ୟାଙ୍କ ଋଣ ଶୁଝିବେ କେମିତି । ସମାରୁଙ୍କ ଭଳି ଏ ଅଞ୍ଚଳର ଶହ ଶହ ଚାଷୀ ଅନୁରୂପ ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ କୃଷି ଓ ବ୍ୟାଙ୍କ ବିଭାଗ ଚାଷ ଓ ଚାଷୀଙ୍କର କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କ ଦୁଃଖ ଦୂର କରିପାରୁଛି ନା ନାହିଁ ।

## କାନ୍ଥ ପଡି ଶିଶୁକନ୍ୟାର ମୃତ୍ୟୁ; ବାପା-ମା'ଗୁରୁତର

ଖଇରପୁଟ (ଭାସ୍କର ନ୍ୟୁଜ): ଲଗାଣ ବର୍ଷାରେ କାନ୍ଥ ପଡିବାରୁ ଶିଶୁ କନ୍ୟାର ମୃତ୍ୟୁ, ମା', ବାପା ଗୁରୁତର। ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ମେଟାଗୁଡା ଗ୍ରାମରେ ଘରେ ଶୋଇ ଥିବା ବେଳେ ଘରର କାନ୍ଥ ଭାଙ୍ଗି ଜଣେ ଶିଶୁ କନ୍ୟା ମୃତ୍ୟୁ ବରଣ କରିଥିବା ବେଳେ ଶିଶୁ କନ୍ୟାର ମା' ଓ ବାପା ଉଭୟ ଗୁରୁତର ହୋଇଛନ୍ତି। ମେଟାଗୁଡା ଗ୍ରାମରେ ଆଇତା ମାଡକାମି, ତାଙ୍କ ସ୍ତ୍ରୀ ଓ ୪ ମାସର କୁନି ଝିଅ ସ୍ୱାତି ନିଜ ଘରେ ଶୋଇଥିବା ବର୍ଷା ଯୋଗୁଁ ଘରର କାନ୍ଥ ଭାଙ୍ଗି ତିନିଜଣଙ୍କ ଉପରେ ପଡିଥିଲା। ଏହି ସମୟରେ ଆଇତାଙ୍କ ପରିବାର ଲୋକଙ୍କ ଚିତ୍କାର ଶୁଣି ଆଖପାଖ ଲୋକେ ଏହି ପରିବାରକୁ ଉଦ୍ଧାର କରିଥିଲେ। ଗ୍ରାମବାସୀ ତୁରନ୍ତ ଆଇତାଙ୍କ ସ୍ତ୍ରୀକୁ ଗୁରୁତର ଅବସ୍ଥାରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ୪ ମାସର କୁନି ଝିଅ ସ୍ୱାତି ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଛି ।

## କନ୍ଧକୁଳ ସମାଜର ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣ ପୁର ଗ୍ରାମ ପଞ୍ଚାୟତର ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ ଥିବା କଲ୍ୟାଣ ମଣ୍ଡପରେ କନ୍ଧକୁଳ ସମାଜର ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତ ବୈଠକରେ କନ୍ଧକୁଳ ସମାଜର ୧୩ ଟି ଗ୍ରାମ ପଞ୍ଚାୟତର ସଭାପତି ଓ ଉପସଭାପତି ଉପସ୍ଥିତ ରହିଥିବା ବେଳେ ପୂର୍ବତନ ସଭାପତି ରଘୁନାଥ ନିଶିକା, ପୂର୍ବତନ ଉପ ସଭାପତି ଗୋପୀନାଥ ପେରିସିକା, ସଭ୍ୟ ହଳଧର ହୁଇକା, ଅଧିବାସୀ ଉନ୍ନୟନ ପରିଷଦ ଜିଲ୍ଲା ଉପ ସଭାପତି ବନମାଳି କାଡ୍ରାକା ମଞ୍ଚାସିନ ରହିଥିବା ବେଳେ ଆଜିକାର ବୈଠକର ସଭାପତି ରାମନାଥ କାଡ୍ରାକା ସଭାପରିଚଳା କରିଥିଲେ। ଏହି ପ୍ରସ୍ତୁତ ସଭାରେ ଉପସ୍ଥିତ କନ୍ଧକୁଳର ସମସ୍ତ ସଦସ୍ୟ ମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏହି ସଭାରେ ଆଦିବାସୀଙ୍କ ପାରମ୍ପରିକ ଢାଞ୍ଚାରେ ଆଦିବାସୀ ଙ୍କ ସଂସ୍କୃତି କୁ କିଭଳି ବଜାୟ ରଖିବାକୁ ହେବ ସେ ନେଇ ଆଲୋଚନା ହୋଇଥିଲା ଏବଂ ଆଗାମୀ କନ୍ଧକୁଳ ସମାଜ ପ୍ରତିଷ୍ଠା ଦିବସ ଆସନ୍ତା ୧ ଅପ୍ରେଲ ୨୩ ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କନ୍ଧକୁଳ ପ୍ରତିଷ୍ଠା ଦିବସରେ ଆଦିବାସୀ ଙ୍କ ନୂତନ ବର୍ଷ ଆରମ୍ଭ ହେବ ସେହି ଠାରୁ ଆଦିବାସୀଙ୍କ ବର୍ଷ ଶେଷ ପର୍ଯ୍ୟନ୍ତ କଣ ସବୁ ପୂଜାର୍ଚ୍ଚନା କରାଯିବ ସେହି ସମ୍ପର୍କରେ ଉକ୍ତ ପାଳନ ଦିବସରେ ଗୋଟି ଗୋଟି କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କନ୍ଧକୁଳ ର ଭଦ୍ରବ୍ୟକ୍ତି ଓ ସଦସ୍ୟ ଶଙ୍କର ହୁଇକା, ରାମରାଓ କାଡ୍ରାକା, ବିଶ୍ୱନାଥ କାଡ୍ରାକା, ଯଗେନ୍ଦ୍ର ୱାଡାକା, ଲକ୍ଷ୍ମୀ ପ୍ରାସ୍କା, ବିନାୟକ କୁଲିସିକା, ଅଶୋକ ବିଡିକା କହିଛନ୍ତି।

## ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ନର୍ସିଂର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଶପଥ ପାଠୋତ୍ସବ

ଗୁଣୁପୁର (ଭାସ୍କର ନ୍ୟୁଜ): ଗୁଣୁପୁର ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ନର୍ସିଂର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦୀପ ପ୍ରଜ୍ୱଳନ ଓ ଶପଥ ପାଠ ଉତ୍ସବ ଆଜି ବିଶ୍ୱବିଦ୍ୟାଳୟ ପରସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟ୍ ଏଙ୍ଗେଲଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସ୍ଥିତ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଯୋଗ ଦେଇ ପ୍ରଥମ ବର୍ଷର ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ କଠିନ ପରିଶ୍ରମ, ସାମାଜିକ ସେବା ସହ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବିଷୟ କହିଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ନର୍ସିଂ ଛାତ୍ରଛାତ୍ରୀମାନେ ଏହି ନର୍ସିଂ ବୃତ୍ତିଗତ ଶିକ୍ଷାକୁ ଭଲପାଇବା ସହ ଭବିଷ୍ୟତରେ କିପରି ସଫଳତା ପାଇ ପାରିବେ ସେ ନେଇ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ.ବିନୟ କୁମାର ମିତ୍ତଲ୍ ଯୋଗ ଦେଇ ଏହି ନର୍ସିଂ ପାଠ୍ୟକ୍ରମ ଦ୍ୱାରା ସେବା କ୍ଷେତ୍ରରେ ନିଜକୁ ସାମିଲ ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷ କେ. ସି. ସୁରେଶ ବାବୁ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ଅଧାପିକା ବି. ନିତ୍ୟା ସ୍ୱାଗତ ଭାଷଣ ଦେଇଥିବା ବେଳେ ରତନ କୁମାର ଧନ୍ୟବାଦ୍ ଅର୍ପଣ ଓ ଅଧାପିକା ଗାୟତ୍ରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ରେଜିଷ୍ଟ୍ରାର ଡ.ଏନ୍‌ଭିଜେ ରାଓ, ଅଧାପକ, ଅଧାପିକା ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଶିବମନ୍ଦିରରୁ ଚୋରି, ଥାନାରେ ଅଭିଯୋଗ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବମନ୍ଦିରରୁ ଘଣ୍ଟ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। କାଲି ସକାଳେ ଶିବ ମନ୍ଦିରକୁ ବହୁ ଭକ୍ତ ଆସିଥିଲେ। ସେହି ସମୟରେ ମନ୍ଦିରରେ ଘଣ୍ଟ ଲାଗିଥିବା ଭକ୍ତମାନେ ଦେଖିଥିଲେ । ଏହାର କିଛି ସମୟ ପରେ ମନ୍ଦିର ପରିଚାଳନା କମିଟିର ସଭାପତି ନରସିଂହ ପାଢ଼ୀ ଶିବ ଦର୍ଶନ କରିବା ପାଇଁ ମନ୍ଦିରକୁ ଗଲା ବେଳେ ମନ୍ଦିରରେ ଘଣ୍ଟ ନଥିବା ଦେଖି ମନ୍ଦିର ପୂଜକ ଓ ଭକ୍ତମାନଙ୍କୁ ପଚାରି ବୁଝିଥିଲେ। ସମସ୍ତେ ମନ୍ଦିରରେ ଘଣ୍ଟ ଲାଗିଥିବା କହିଥିଲେ । ଏହା ଦିନରେ କେତେ ବେଳେ ଘଣ୍ଟ ଚୋରି ହୋଇଛି । ଏହାକୁ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏହାକୁ ନେଇ ପୋଲିସ କୌଣସି ତଦନ୍ତ କରୁନଥିବା କହିଛନ୍ତି।

## କଟାପାଲି ସମବାୟ ସମିତିର ବାର୍ଷିକ ସଭା



ବରଗଡ (ଭାସ୍କର ନ୍ୟୁଜ): କଟାପାଲି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଓ ଆୟବ୍ୟୟ ଅଟକଳର ଆଲୋଚନାଚକ୍ର ସମବାୟ ସମିତିର ସଭାପତି ଆହ୍ଲାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପା ଭୋଇ,ଡାଇରେକ୍ଟର ଶରତ ଅଦାବର, ମହେନ୍ଦ୍ର ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ନାରାୟଣ ମାଝି ଯୋଗଦେଇଥିବା ବେଳେ, ସଦର ଶାଖା ମ୍ୟାନେଜର ଜପଧନ ମହାପାତ୍ର,ସମିତି ସଭ୍ୟ ଦୀପକ ବିଶ୍ୱାଳ, ସମ୍ପାଦକ ଜୟଦେବ ଦାଶ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। କଟାପାଲି ସରପଞ୍ଚ ରମେଶ ସାହୁ ଏ ଅବସରରେ ଯୋଗଦେଇଥିଲେ।

**ସତିଘାଟ ପ୍ରକଳ୍ପର ଆରମ୍ଭ ପୂର୍ବରୁ ସମୀକ୍ଷା**

## ଝରିଗାଁ ଗସ୍ତରେ ୫ଟି ମୁଖ୍ୟ ସଚିବ



ଝରିଗାଁ (ଭାସ୍କର ନ୍ୟୁଜ): ଜିଲ୍ଲା ଗସ୍ତରେ ଥିବା ୫ ଟି ମୁଖ୍ୟ ସଚିବ ଶ୍ରୀ ଭି କେ ପାଣ୍ଡିଆନ ଆଜି ଅପରାହ୍ନ ୨.୪୫ ମିନିଟରେ ଝରିଗାଁ ବ୍ଲକ୍, ଚଚା ପଞ୍ଚାୟତ ଅନ୍ତର୍ଗତ ଗବାଗୁଡ଼ା ନିକଟସ୍ଥ ସତୀଘାଟ ଡ୍ୟାମ୍ ନିର୍ମାଣ ପୂର୍ବରୁ ଚିହ୍ନିତ ସ୍ଥାନ ନିରୀକ୍ଷଣ କରିବାକୁ ପହଞ୍ଚିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଜନସାଧାରଣ ସତୀଘାଟ ଡ୍ୟାମ୍ ନିର୍ମାଣ ଜାଗାରେ ପହଞ୍ଚିଥିଲେ। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ମହିଳା, ଅଙ୍ଗନୱାଡ଼ି କର୍ମୀ, ସଂଘ ସହାୟକ ମା'ମାନେ ତଥା ବହୁ ସଂଖ୍ୟାରେ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ସାକ୍ଷାତ କରିଥିଲେ। ପୂର୍ବତନ ନବରଙ୍ଗପୁର ଲୋକସଭା ସାଂସଦ ପ୍ରଦୀପ ମାଝୀ ଏହି ସତୀଘାଟ ନଦୀକୁ ନେଇ ଡେମ୍ ନିର୍ମାଣ କରିବାକୁ ମୁଖ୍ୟ କର୍ଣ୍ଣଧାର ରହିଛନ୍ତି। ଝରିଗାଁ ବ୍ଲକର ୯୦ ପ୍ରତିଶତ ଚାଷୀ କୃଷି ଉପରେ ନିର୍ଭରଶୀଳ ରହୁଥିବାରୁ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ପ୍ରଦୀପ ମାଝୀ ଏହା ସାକାର କରିବାକୁ ଯେଉଁ ଉଦ୍ୟମ ଆଜି ପର୍ଯ୍ୟନ୍ତ ଜାରି ରହିଥିଲା ତାହା ଆଜି ସାକାର ହେବାକୁ ଯାଉଛି। ଶ୍ରୀ ପାଣ୍ଡିଆନ ଡ୍ୟାମ୍ କାର୍ଯ୍ୟ ଚଳିତ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ଗସ୍ତ ବେଳେ ଉପସ୍ଥିତ ଥିବା ବିଭିନ୍ନ ଅଞ୍ଚଳରୁ ସମସ୍ୟା ନେଇ ସାକ୍ଷାତ କରିବାକୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ମଧ୍ୟ ଶୁଣିଥିଲେ। ମିଶନ ଶକ୍ତି ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ସେମାନଙ୍କ ଆର୍ଥିକ ପ୍ରଗତି ନେଇ ବିନା ସୁଧରେ ପାଞ୍ଚ ଲକ୍ଷ ଟଙ୍କା ଋଣ ପ୍ରଦାନ ସମ୍ପର୍କରେ ଘୋଷଣା କରିଥିଲେ। ପୂର୍ବ ନିରୂପିତ ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ବ୍ଲକ୍ ପ୍ରଶାସନ ଅଧିକାରୀ ପୋଲିସ ପ୍ରଶାସନ ଉପସ୍ଥିତ ରହିଥିଲେ। ୧୫ ମିନିଟ୍ ରହି ସତୀ ଘାଟ ନଦୀ ଯୋଜନା ସମୀକ୍ଷା ପରେ ଚନ୍ଦାହାଣ୍ଡି ବ୍ଲକ ଅଭିମୁଖେ ବାହାରିଥିଲେ। ଡେମ କାର୍ଯ୍ୟ ନିର୍ମାଣ ପ୍ରତିଶ୍ରୁତି ପାଇ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହଲ ଖେଳିଯାଇଛି। ୬୦୦ ହେକ୍ଟରରୁ ଅଧିକ ଜମିରେ ଜଳ ସେଚିତ ହୋଇପାରିବ ବୋଲି ସ୍ଥାନୀୟ ଚାଷୀ ଆନନ୍ଦିତ ହେବାସହ ପ୍ରଶଂସା କରିଛନ୍ତି।

## ୫ଟି ସଚିବଙ୍କ ଉମରକୋଟ ଗସ୍ତ, ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ



ରାଇଘର/ଉମରକୋଟ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ୫ଟି ସଚିବ ଭି. କେ ପାଣ୍ଡିଆନ ଏକ ୫ ଘଣ୍ଟିଆ ଉମରକୋଟ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଥମେ ସଚିବ ବିଡ୍ରି ଠାକୁରାଣୀଙ୍କ ଦର୍ଶନ କରିବା ପରେ ଐତାହାସିକ ପ୍ରସିଦ୍ଧ ନଳ ବଂଶର ରାଜଧାନୀ ଥିବା ପଡ଼ାଗଡ ପରିଦର୍ଶନରେ ଯାଇଥିଲେ। ସେଠାରେ ଏହାର ଗବେଷକ କୈଳାସ ଚନ୍ଦ୍ର ବେହେରା ସଚିବଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ପୋଡାଗଡର ମନୋରମ ଦୃଶ୍ୟ ଦେଖିକି ୫ଟି ସଚିବ ମନ ମୁଗଧ ହେବା ସହ ଏହି ଐତାହାସିକ ସ୍ଥାନ ଓ ଏହାର ମ୍ୟୁଜିୟମର ବିକାଶ କରାଯିବ ବୋଲି ଘୋଷଣା କରିବା ସହ ୧୫ ଦିନ ଭିତରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ରିପୋର୍ଟ ପହଞ୍ଚିବ ପରେ ମୁଖ୍ୟମନ୍ତ୍ରୀ ଏହାର ଘୋଷଣା କରିବେ ବୋଲି ପାଣ୍ଡିଆନ କହିଥିଲେ। ତୁରନ୍ତ ପୋଡଗଡ ଠାରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କୁ ସଚୀବ ନିର୍ଦ୍ଦେଶ ଦେଇଥିଲେ। ପରେ ୫ ଟି ସଚିବ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଏକ ଅଭିଯୋଗ ସଭାରେ ଉପସ୍ଥିତ ରହି ବିଭିନ୍ନ ସଂଗଠନର ପ୍ରତିନିଧିମାନଙ୍କ ଠାରୁ ଦାବି ପତ୍ର ଗ୍ରହଣ କରିଥିଲେ । ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ। ଷ୍ଟାଡିୟମର ବିକାଶ କିପରି ହେବ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନ କରିଥିଲେ। ପରେ ୫ଟି ସଚିବ ଉମରକୋଟ ଆର୍‌ସିଏମ୍‌ଏସ୍‌ର ୟାର୍ଡ ଠାରେ ସ୍ୱୟଂ ସହାୟକ ମହିଳା ଓ ମିଶନ ଶକ୍ତି ମହିଳାଙ୍କ ସଭାରେ ଯୋଗଦାନ କରିଥିଲେ। ଏହି ସଭାରେ ଉମରକୋଟ, ରାଇଘର, ଝରିଗାଁ, ତେନ୍ତୁଳି ଖୁଣ୍ଟି, ଚନ୍ଦାହାଣ୍ଡି ବ୍ଲକରୁ ପ୍ରାୟ ୨୦୦ ମହିଳା ଗ୍ରୁପ ଯୋଗ ଦେଇଥିଲେ। ଆଜି ସଚିବ ୩୦ଟା ମହିଳା ସ୍ୱୟଂ ସହାୟକ ଗ୍ରୁପକୁ ଉମରକୋଟ ଏସ୍‌ବିଆଇ ଶାଖା ଦ୍ୱାରା ୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ଏପରିକି ରାଇଘରର ଏକ ଗ୍ରୁପକୁ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। ମହିଳାମାନଙ୍କୁ ବିନା ସୁଧରେ ମିଳୁଥିବା ଋଣ ଓ ବିଜୁ ସ୍ୱାସ୍ଥ୍ୟ ବିମା ଯୋଜନାରେ ମିଳୁଥିବା ସୁବିଧା ସମ୍ପର୍କରେ ଅବଗତ କରିଥିଲେ ଓ ପଚାରି ବୁଝିଥିଲେ। ଏହି ସଭାରେ ମିଲଟ ମିଶନ ଦ୍ୱାରା ପ୍ରସ୍ତୁତ କରଯାଇ ଥିବା ଜଳଖିଆ ଦୋକାନ ବୁଲିବା ସହ ମିଲଟ ଚା' ପିଇଥିଲେ ୫ଟି ସଚିବ। ପରେ ୫ଟି ସଚୀବ ଉମରକୋଟର ଆରାଧ୍ୟ ଠାକୁରାଣୀ ମା'ପେଣ୍ଡରାନୀଙ୍କ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିଥିଲେ। ଏଠାରେ ଅକ୍ଷୟ ବିଶୋଇ ମା'ଙ୍କ ମନ୍ଦିର ରବିକାଶ ପାଇଁ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ୫ ଟି ସଚୀବ ପୂଜାରିଗୁଡ଼ା ହସ୍ପିଟାଲ୍ ପରିଦର୍ଶନ କରିଥିଲେ। ହସ୍ପିଟାଲ୍‌ର ସୌନ୍ଦର୍ଯ୍ୟ, ରୋଗୀଙ୍କୁ ମିଳୁଥିବା ଚିକିତ୍ସା ସୁବିଧା, ଏହାର ସଫା ସୁତୁର। ଦେଖୀ ସଚିବ ମନମୁଗ୍ଧ ହେବା ସହ ରୋଗୀଙ୍କ ସହ କଥାବାର୍ତ୍ତା କରି ମିଳୁଥିବା ଚିକିତ୍ସା ସୁବିଧା ସମ୍ପର୍କରେ ବୁଝିଥିଲେ। ଏହି ହସ୍ପିଟାଲ୍‌ର ମେଡ଼ିକାଲ ଅଫିସର ଡକ୍ଟର ଅଭୟ କୁମାର ଦେ ଓ ଅନ୍ୟ କର୍ମଚାରୀଙ୍କୁ ହସ୍ପିଟାଲ୍ ପ୍ରତି ରହିଥିବା ନିଷ୍ଠା ଓ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ପରେ ସଚୀବ ହସ୍ପିଟାଲ୍‌କୁ ଲାଗିଥିବା ଭାସ୍କେଲ୍ ଡ୍ୟାମ୍ ପରିଦର୍ଶନରେ ଯାଇଥିଲେ। ଏହି ଡ୍ୟାମର ପୁନରୁଦ୍ଧାର ପାଇଁ ଏକ ରିପୋର୍ଟ ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ଜାମୃଣ୍ଡା ଠାରେ ଥିବା ୫ ଟି ସ୍କୁଲ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଭି, କେ ପାଣ୍ଡିୟାନ ଉମରକୋଟ ହସ୍ପିଟାଲ୍ ଯାଇ ସେଠାରେ ଥିବା ଆହାର କେନ୍ଦ୍ରରେ ସଧାରଣ ଲୋକଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଓ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ। ୫ ଟି ସଚିବଙ୍କ ସହ ଜିଲ୍ଲାପାଳ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ, ନଗରପାଳ ରାଧା ଭତ୍ର। ମଧ୍ୟ ମଧ୍ୟାହ୍ନ ଭୋଜନ କରିଥିଲେ। ୫ ଟି ସଚିବଙ୍କ ସହ ଜିଲ୍ଲାପାଳ, ସମସ୍ତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା
ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ମାଟ୍ରିକ୍ ପରୀକ୍ଷାରେ ବିଭ୍ରାଟ

# ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଅ

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ମାଟ୍ରିକ୍ୟୁଲେସନ୍ ବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଜଣେ ବିଦ୍ୟାର୍ଥୀ କଲେଜର ଦ୍ୱାରଦେଶରେ ପହଞ୍ଚିବାକୁ ସକ୍ଷମ ହେବା ସହିତ ନିଜର ଇଚ୍ଛା ମୁତାବକ ପାଠ୍ୟକ୍ରମ ଚୟନ କରି ଜୀବନର ଗତିପଥ ନିର୍ଦ୍ଧାରଣ କରିଥାଏ । ସେହି ଦୃଷ୍ଟିରୁ ମାଟ୍ରିକ ପରୀକ୍ଷାରେ ଯେତେ ଦୂର ସମ୍ଭବ ସ୍ୱଚ୍ଛତା ରକ୍ଷା କରାଯିବା ଆବଶ୍ୟକ, ଯେପରି ଜଣେ ମେଧାବୀ ପରୀକ୍ଷାର୍ଥୀ ନିଜ ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରିବ। ବର୍ତ୍ତମାନ ଆମ ରାଜ୍ୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି ଏବଂ ବହୁ ସଂଖ୍ୟକ ପରୀକ୍ଷା କେନ୍ଦ୍ରରେ ଲକ୍ଷାଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ସୁବନ୍ଦୋବସ୍ତ କରାଯାଇଛି । ଓଡ଼ିଶା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ବା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପରିଚାଳିତ ହେଉଛି । ତେବେ ଶନିବାର ଦିନ ମାଟ୍ରିକ୍ ପରୀକ୍ଷାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବାର ଖବର ହସ୍ତଗତ ହୋଇଛି, ଯାହାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଦିନ ଇତିହାସ ଓ ନଗର ବିଜ୍ଞାନ ପରୀକ୍ଷା ଚାଲିଥିବାବେଳେ ପ୍ରଶ୍ନପତ୍ରରେ ତ୍ରୁଟି ଦେଖିବାକୁ ମିଳିଲା । ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାବେଳେ 'ବି-ସେଟ୍' ପ୍ରଶ୍ନପତ୍ରରେ 'ଏ-ସେଟ୍'ର ପ୍ରଶ୍ନ ପରୀକ୍ଷାରେ ଆସିଥିବାର ଜଣାପଡିଥିଲା । ଏପରିକି ୫୦ଟି ସଂକ୍ଷିପ୍ତ ପ୍ରଶ୍ନ ପରିବର୍ତ୍ତେ ୪୯ଟି ପ୍ରଶ୍ନ ରହିଥିଲା । ସେଥିରୁ ୧୮ଟି ପ୍ରଶ୍ନ ଏକାଧିକ ଥର ପ୍ରଶ୍ନପତ୍ରରେ ଉଲ୍ଲେଖ ରହିଥିଲା। ରାଜ୍ୟର ସମୁଦାୟ ୩ହଜାର ୨୧୮ଟି ପରୀକ୍ଷା କେନ୍ଦ୍ରରେ ଶନିବାର ସକାଳ ଆଠଟାରୁ ପରୀକ୍ଷା ଆରମ୍ଭ ହେବା ପରେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନପତ୍ର ବଣ୍ଟନ କରାଯାଇଥିଲା । ଏଥିରେ ଇତିହାସ ଓ ନଗର ବିଜ୍ଞାନ ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ 'ବି-ସେଟ୍' ଲେଖା ଯାଇଥିବାବେଳେ ପ୍ରଶ୍ନଗୁଡ଼ିକ 'ଏ-ସେଟ୍'ର ରହିଥିଲା । ପରେ 'ବି-ସେଟ୍'ର ପ୍ରଶ୍ନ ସ୍ଥାନିତ ଥିଲା । ବହୁ ପ୍ରଶ୍ନ ଏକାଧିକ ଥର ପ୍ରଶ୍ନପତ୍ରରେ ଲେଖାଥିବା ଦେଖି ପରୀକ୍ଷାର୍ଥୀମାନେ ବିବ୍ରତ ହୋଇପଡିଥିଲେ । କେବଳ ସେତିକି ନୁହେଁ, ୧ରୁ ୬ନମ୍ବର ପର୍ଯ୍ୟନ୍ତ ଯେଉଁ ପ୍ରଶ୍ନ ରହିଥିଲା, ୭ରୁ ୧୨ ନମ୍ବରରେ ମଧ୍ୟ ସେହି ସମାନ ପ୍ରଶ୍ନ ରହିଥିଲା । ଏଭଳି କିମ୍ଭୁତ କିମାକାର ପ୍ରଶ୍ନପତ୍ର ଦେଖି ପରୀକ୍ଷାର୍ଥୀମାନେ ଖୁବ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲେ । ଶନିବାର ମାଟ୍ରିକ୍ ପ୍ରଶ୍ନପତ୍ରରେ ହୋଇଥିବା ତ୍ରୁଟିକୁ ଖୋଦ୍ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ଦାଶ ସ୍ୱୀକାର କରିଛନ୍ତି । ତେବେ ଏହା ମୁଦ୍ରଣ ଜନିତ ତ୍ରୁଟି ବୋଲି ସେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନେ ଏଥିନେଇ ଭୟଭୀତ ହୁଅନ୍ତୁ ନାହିଁ ବୋଲି ପରାମର୍ଶ ଦେଇଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ମଧ୍ୟ ଅନୁରୂପ ମତ ରଖି ଏହି ମୁଦ୍ରଣ ଜନିତ ତ୍ରୁଟି ପାଇଁ ଛାତ୍ରଛାତ୍ରୀ ବା ଅଭିଭାବକ ଚିନ୍ତିତ ନହେବାକୁ ନିବେଦନ କରିଛନ୍ତି। ତେବେ ଏଥିପାଇଁ ଆଉ ଥରେ ପରୀକ୍ଷା କରାଯିବାର କୌଣସି ଆବଶ୍ୟକତା ନାହିଁ ଏବଂ ମୂଲ୍ୟାୟନ ସମୟରେ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ମାଟ୍ରିକ୍ ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ବିଧାନସଭାରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି । କେବଳ ଆଜି ନୁହେଁ, ପ୍ରତିବର୍ଷ ଏଭଳି ତ୍ରୁଟି ଓ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସାମ୍ନାକୁ ଆସୁଛି ବୋଲି ସଦସ୍ୟମାନେ ଅଭିଯୋଗ କରିଥିଲେ । ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରୁଥିବା ମାଧ୍ୟମିକ ଶିକ୍ଷାବୋର୍ଡ ଏଣିକି ପରୀକ୍ଷା ପରିଚାଳନାରେ ଯଥେଷ୍ଟ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ଏକାନ୍ତ ଜରୁରୀ ।

# ବଡ଼ଲୋକ, ଭଲଲୋକ ଓ ପାଖଲୋକ



ଡ. ସତ୍ୟ ନାରାୟଣ ମିଶ୍ର
ଅଭିଲେଖାଧିକାରୀ, ଏମ-୭୯, ମଧୁସୂଦନ ନଗର, ୟୁନିଟ- ୪, ଭୁବନେଶ୍ୱର
ମୋ -୯୯୩୭୩୪୫୯୦୦

ସମାଜରେ ବ୍ୟକ୍ତି ନିଜକୁ ବଡଲୋକ ବା ଭଲଲୋକ ବୋଲି ଉପସ୍ଥାପନ କରିଥାଏ ଓ ଉକ୍ତ ବ୍ୟକ୍ତିମାନଙ୍କ ନିକଟରେ ଯିଏ ଅତି ନିକଟତର ହୋଇଥାନ୍ତି ତାଙ୍କୁ ସେମାନଙ୍କର ପାଖଲୋକ ବୋଲି ପରିଚୟ ମିଳିଥାଏ । ମାତ୍ର ବ୍ୟକ୍ତିକୁ ଯେତେବେଳେ ସମାଜ ଯେଉଁ ଲୋକ ବୋଲି ଅଭିହିତ କରିଥାଏ, ତାହା ଥାଏ ସାମାଜିକ ସ୍ୱୀକୃତି ଓ ତଦନୁଯାୟୀ ମଣିଷର ସ୍ଥାନ ସମାଜ ନିକଟରେ ପ୍ରତିଷ୍ଠା ହୋଇଥାଏ । ମାତ୍ର ଯେତେ କୁଗୁଣରେ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ବ୍ୟକ୍ତି କେବେ ନିଜକୁ ଖରାପ ଲୋକ ବୋଲି ପରିଚୟ ଦେଇ ନଥାଏ ବରଂ ଅନେକ କ୍ଷେତ୍ରରେ ଖରାପ କାର୍ଯ୍ୟ କରି ମଧ୍ୟ ଭଲଲୋକ ବା ବଡ ଲୋକର ପରିଚୟକୁ ଦାବି କରିଥାଏ । ଅତଏବ ବଡଲୋକ ଓ ଭଲଲୋକର ପରିଚୟ ଓ ସଂଜ୍ଞା ପାଇଁ ଥାଏ ବିଭିନ୍ନ ମାର୍ଗ ଓ ମାନଦଣ୍ଡ, କିନ୍ତୁ ବଡଲୋକ ବା ଭଲଲୋକ ନିକଟରେ ଯିଏ ସବୁବେଳେ ଜଡିତ ଥାଏ ଓ ପାଖ ଲୋକକୁ ଯିଏ ଅତ୍ୟନ୍ତ ବିଶ୍ୱାସ କରିଥାଏ ସେହି ପାଖଲୋକମାନେ ନିଜର କୌଣସି ପରିଚୟ ନଥାଇ ମଧ୍ୟ ଅନ୍ୟର ପରିଚୟରେ ଅନେକ ଦୃଷ୍ଟିଭଙ୍ଗୀ ପରିଦର୍ଶନ କରିଥାନ୍ତି ଓ ଅନେକ ଅକରଣୀୟ କାର୍ଯ୍ୟକୁ ସିଦ୍ଧି କରିଥାନ୍ତି । ଯେତେବେଳେ ଜଣେ ଜଣଙ୍କର ଘରୋଇ କାର୍ଯ୍ୟ କରିଥାଏ, ସେତେବେଳେ ସେ ସେବକ ବା ସେବିକା ହୋଇଥାନ୍ତି ଓ ଯିଏ ଘରର ମାଲିକ ସେ ହୋଇଥାନ୍ତି ବାବୁ ଓ ବାବୁଆଣୀ ବା ମାଲିକାଣୀ । ମାତ୍ର ଯେତେବେଳେ ବ୍ୟକ୍ତି କୌଣସି ସରକାରୀ କାର୍ଯ୍ୟ ବା କମ୍ପାନୀ କାର୍ଯ୍ୟ କରେ ସେତେବେଳେ ତାହା ହୋଇଥାଏ ଚାକିରୀ ଯାହାର ସ୍ଥାନ ସମାଜରେ ଏକ ମର୍ଯ୍ୟାଦା ଲାଭ କରିଥାଏ । ଅତଏବ ସେବକ ଓ ଚାକିରୀ ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହୋଇଥିଲେ ହେଁ ଦୁଇଟିର କାର୍ଯ୍ୟ ମଧ୍ୟ ଭିନ୍ନ ହୋଇଥାଏ । ମାତ୍ର ଦୁଇଟିର ଉଦ୍ଦେଶ୍ୟ ଗୋଟିଏ ଥାଏ ତାହା ହେଉଛି ଅର୍ଥର ଆବଶ୍ୟକତା । ମାସ ଶେଷରେ ସେବକ ବାବୁ ବା ମାଲିକାଣୀଙ୍କ ନିକଟରୁ ଅର୍ଥ ଗ୍ରହଣ କରୁଥିଲେ ହେଁ, ଚାକିରୀରେ ବ୍ୟକ୍ତି ସରକାର ବା କମ୍ପାନୀଙ୍କ ନିକଟରୁ ଅର୍ଥ ଗ୍ରହଣ କରିଥାଏ । ଅନ୍ୟପକ୍ଷରେ ସେବକକୁ ସାଧାରଣତଃ ହେୟ ଜ୍ଞାନରେ ଓ ଅତି ନଗନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ବେଳେ, ଚାକିରୀରେ ଭାଷାର ଶାଳୀନତା ଓ ମାର୍ଜିତ ବ୍ୟବହାର ପ୍ରୟୋଗ ହୋଇଥାଏ । ବାବୁ ବା ମାଲିକାଣୀ ମାନଙ୍କର ଗୋଟିଏ ଧାରଣା ଥାଏ ଯେ ସେମାନେ ପାରିଶ୍ରମିକ ଅର୍ଥ ଦେଉଛନ୍ତିର ଅର୍ଥ ସେମାନଙ୍କର ଜୀବନର ଅଧିକାର କେବଳ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ଓ ନିର୍ଦ୍ଦେଶ ମଧ୍ୟରେ ସୀମିତ ହୋଇ ରହିବ । ଆଜିର ଦୁନିଆରେ ଯେତେବେଳେ ମଣିଷର ଜୀବନଶୈଳୀ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ଲିପ୍ତ ଥାଏ, ସେତେବେଳେ ଘରୋଇ କାର୍ଯ୍ୟକଳାପ କରିବାକୁ ସେମାନଙ୍କୁ ସମୟ ନଥାଏ । ସେଥିପାଇଁ ସେମାନେ ସେମାନଙ୍କ ଉପରେ ନିର୍ଭରଶୀଳ ଥାନ୍ତି, ମାତ୍ର ଅନେକ ପରିବାରରେ କୌଣସି କାର୍ଯ୍ୟ ବ୍ୟସ୍ତତା ବା ଆବଶ୍ୟକତା ନଥିଲେ ମଧ୍ୟ ଆଭିଜାତ୍ୟ ଓ ଅର୍ଥର ପ୍ରାବଲ୍ୟତା ତଥା ସାମାଜିକ ଲୋକ ଦେଖାଣିଆ ସମ୍ମାନକୁ ଚରିତାର୍ଥ କରିବା ପାଇଁ ସେବକ ସେବିକା ନିଯୁକ୍ତି କରି ଆଦେଶ ଓ ନିର୍ଦ୍ଦେଶ ଦେଇ ଆତ୍ମ ଶାନ୍ତି ପାଇଥାନ୍ତି ।

ଘରର ଚଟାଣ, ଅଗଣା, ଆସବାପତ୍ର, ଲୁଗା ଆଦି ସଫା କରିଦେଉଥିବା ସେବକ ସେବିକା ଅତି ଯତ୍ନରେ ସିନା ସଫା କରିଥାନ୍ତି ଯାହା ସମସ୍ତଙ୍କୁ ଦୃଷ୍ଟିଗୋଚର ହୋଇଥାଏ, ମାତ୍ର ଘରର ମାଲିକ ମାଲିକାଣୀ ମାନଙ୍କର ମନକୁ କେଉଁ ସେବକ ସେବିକା ସଫା କରିପାରିବ ? ସେଥିପାଇଁ ନିଜେ ନିଜର ଚାକର ହେବା ଏକାନ୍ତ ଆବଶ୍ୟକ । ଅନେକ ସମୟରେ ବ୍ୟକ୍ତି ଯେତେବେଳେ ସେବକ ସେବିକା ହିସାବରେ କୌଣସି ବ୍ୟକ୍ତିର ବାସଗୃହରେ ସେବା କରିଥାଏ, ସେତେବେଳେ ତାହା ନିତ୍ୟ ନୈମିତ୍ତିକ ଘଟଣା ବୋଲି ବିଚାର କରାଯାଏ ଓ ସେଥିରୁ ଉତ୍ପନ୍ନ ହେଉଥିବା ଅର୍ଥରେ ଉକ୍ତ ବ୍ୟକ୍ତିର ଘର ପ୍ରତିପୋଷଣ ହୋଇଥାଏ । ମାତ୍ର ଯେତେବେଳେ ଜଣେ ବଡଲୋକଙ୍କ ଘରେ ସେବକ ସେବିକା ଭାବେ କାର୍ଯ୍ୟ କରିଥାଏ, ସେତେବଳେ ଉକ୍ତ ସେବକ ସେବିକାଙ୍କର ମର୍ଯ୍ୟାଦା ଭିନ୍ନ ଦୃଷ୍ଟିରେ ପରିଲକ୍ଷିତ ହୋଇଥାଏ । ତେବେ ବଡ ଲୋକ କିଏ ର ସଂଜ୍ଞାକୁ ଯଦି ବର୍ତ୍ତମାନର ସମାଜରେ ବିଶ୍ଳେଷଣ କରାଯାଏ, ତେବେ ବଡଲୋକର ଅର୍ଥ ଯାହାଙ୍କ ନିକଟରେ ପ୍ରଚୁର ଧନ ସମ୍ପତ୍ତି, ପ୍ରତିପତ୍ତି, କ୍ଷମତା, ପ୍ରତିଷ୍ଠା ଆଦି ଥାଏ, ତାହାଙ୍କୁ ବଡ ଲୋକ ବୋଲି ସମ୍ବୋଧନ କରାଯାଏ । ସମ୍ପ୍ରତି ଗଣତନ୍ତ୍ରରେ ସମାନତାର ଅର୍ଥ କେବଳ ଗୋଟିଏ ସ୍ଥାନରେ ସ୍ଥିରୀକୃତ ହୋଇ ରହିଥାଏ ଓ ତାହା ହେଉଛି କାଗଜ କଲମରେ ବା ପୁସ୍ତକ ଆଦି ମାନଙ୍କରେ । କିନ୍ତୁ ବାସ୍ତବ କ୍ଷେତ୍ରରେ ସମାନତାର ପ୍ରୟୋଗ ଏକ ବିଡମ୍ବନା ବୋଲି ବିଚାର କରାଯାଏ । ସେଦୃଷ୍ଟିରୁ ବିଚାର କଲେ ବଡଲୋକ ମାନେ ହେଉଛନ୍ତି ଯାହାଙ୍କୁ ସମାଜର ସାମାଜିକ ପ୍ରାଣୀମାନେ ସହଜରେ ସାକ୍ଷାତ କରି ପାରନ୍ତି ନାହିଁ ବା ସେମାନଙ୍କ ସହ ଭାବ ବିନିମୟ କରିପାରନ୍ତି ନାହିଁ କାରଣ ସେମାନେ ସଦା ସର୍ବଦା ସୁରକ୍ଷା ବଳୟ ମଧ୍ୟରେ ଜୀବନର ଅଙ୍କକୁ ଗଣିଥାନ୍ତି । ସେହିଭଳି ବ୍ୟକ୍ତିଙ୍କ ଘରେ ଯଦି ଜଣେ ସେବକ ସେବିକା ହୋଇଥାନ୍ତି ତେବେ ସେ ନିଜକୁ ଧନ୍ୟ ମଣିଥାନ୍ତି କାରଣ ଉକ୍ତ ବଡଲୋକଙ୍କ ଦ୍ୱାରା ସେ ଅନେକ କାର୍ଯ୍ୟ ସାଧନ କରିବାର ଅଭିପ୍ରାୟ କଳ୍ପନା କରିଥାନ୍ତି । ସମାନ ଘରୋଇ କାର୍ଯ୍ୟ ପାଇଁ ଯେତେବେଳେ ଜଣେ ଅନ୍ୟଜଣେ ବଡଲୋକର ନ୍ୟୁନ ବ୍ୟକ୍ତିଙ୍କ ନିକଟରେ କାର୍ଯ୍ୟ କରେ ତେବେ ତାହା ହୋଇଥାଏ ଚାକର ଚାକରାଣୀର ସଂଜ୍ଞା । ମାତ୍ର ସମାନ କାର୍ଯ୍ୟ ଯଦି ଜଣେ ବଡଲୋକର ବାସଗୃହରେ କରିଥାଏ ତେବେ ତାହା ହୋଇଥାଏ ମର୍ଯ୍ୟାଦାର ପ୍ରଶ୍ନ, କାରଣ ବଡଲୋକର ଥାଏ ବାସଗୃହ ଓ ବଡଲୋକର ନ୍ୟୁନ ମାନଙ୍କର ଥାଏ କେବଳ ଗୃହ ବା ଘର ।

ଅନେକ କ୍ଷେତ୍ରରେ ଦୃଶ୍ୟମାନ ହୋଇଥାଏ ଯେ ଯେଉଁ ବ୍ୟକ୍ତି ମାନେ ଅର୍ଥ ରୋଜଗାର ନିମିତ୍ତ ସମାଜର ବଡଲୋକ ମାନଙ୍କ ନିକଟରେ ଘରୋଇ କାର୍ଯ୍ୟ କରିଥାନ୍ତି ସେମାନେ ଯେତେବେଳେ ଉକ୍ତ ବାସଗୃହରୁ ବାହାରକୁ ଆସି ନିଜର ସ୍ୱ-ପରିଚୟରେ ଜୀବନ ନିର୍ବାହ କରିଥାନ୍ତି ସେତେବେଳେ ସେମାନେ ଅନ୍ୟମାନଙ୍କୁ କଥା କଥାରେ ଦମ୍ଭୋକ୍ତି ପ୍ରକାଶ କରିଥାନ୍ତି । ନିଜକୁ ବଡଲୋକଙ୍କ ଦ୍ୱାରା ଗର୍ବାନ୍ୱିତ ହୋଇ ନିଜର ଶକ୍ତି ଓ କ୍ଷମତାକୁ ସେ ଅନ୍ୟମାନଙ୍କ ଉପରେ ପ୍ରୟୋଗ କରିବାର ପ୍ରୟାସ କରିଥାନ୍ତି । ଅନେକ କ୍ଷେତ୍ରରେ ଉକ୍ତ ବଡଲୋକଙ୍କ କ୍ଷମତା ଓ ପ୍ରତିଷ୍ଠା ଆଦିକୁ ସେ ଅପବ୍ୟବହାର କରିଥାନ୍ତି । ନିଜର ଅସ୍ତିତ୍ୱକୁ ହୃଦୟଙ୍ଗମ କରି ନପାରି ବଡଲୋକର ସଂଜ୍ଞାରେ ନିଜକୁ ବାହ୍ୟାଡମ୍ବରରେ ଦମ୍ଭୋକ୍ତି ପ୍ରକାଶ କରିଥାନ୍ତି ଯାହା ସମାଜ କେତେଦୂର ଗ୍ରହଣ କରିଥାଏ ତାହା ଏକ ପ୍ରସଙ୍ଗ । ଧନ, ପ୍ରତିଷ୍ଠା, ପ୍ରତିପତ୍ତି, କ୍ଷମତାର ଉତ୍କର୍ଷରେ ଯେ ମଣିଷ ବଡଲୋକ ହୋଇଥାଏ ତାହା କେବଳ ଉକ୍ତ ବ୍ୟକ୍ତି ମାନଙ୍କ ବାସଗୃହରେ କାର୍ଯ୍ୟ କରୁଥିବା କର୍ମଚାରୀ ବା ସେବକ ସେବିକା ମାନେ ଜାଣିଥାନ୍ତି ଓ ମାନ୍ୟ କରିଥାନ୍ତି । ମାତ୍ର ବଡଲୋକ ବୋଲି ସାଦରେ ସମ୍ବୋଧନ କରାଯାଇଥାଏ ତାଙ୍କୁ, ଯିଏ ମଣିଷର ମାନବିକତାର ମହତ୍ୱକୁ ପରିପୂର୍ଣ୍ଣ କରି ମଣିଷର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିଥାଏ । ଦାମୀ ଗୃହ, ଗାଡି, କ୍ଷମତା ବା ପ୍ରତିଷ୍ଠା, ପ୍ରତିପତ୍ତି ଦ୍ୱାରା ମଣିଷ ସୀମିତ ହୋଇ କେବଳ ନିଜର ସ୍ୱାର୍ଥକୁ ଦୃଷ୍ଟି ଦେଇଥାଏ ଓ ସେ ବଡଲୋକର ମର୍ଯ୍ୟାଦାକୁ ଧାରଣ କରିପାରି ନଥାଏ । କାରଣ ବଡଲୋକ ହେବାପାଇଁ ଦରକାର ବଡ ମନ ଯେଉଁଠି ନଥିବ ଅସମାନତା, ଘୃଣା, ହିଂସା, ଅସହିଷ୍ଣୁତା ଇତ୍ୟାଦି ଇତ୍ୟାଦି । ରାସ୍ତାକଡରେ ସାମାନ୍ୟ ଅର୍ଥ ବିନିମୟରେ ଆତ୍ମତୃପ୍ତି ଖାଦ୍ୟ ବା ପାନୀୟ ପରିବେଷଣ କରୁଥିବା ବ୍ୟକ୍ତି ଯିଏ ମଣିଷର କ୍ଷୁଧା ଓ ତୃଷ୍ଣାକୁ ପରିହାର କରିଥାଏ ସେ ହେଉଛି ପ୍ରକୃତ ବଡଲୋକ । କାରଣ ଉକ୍ତ ବ୍ୟକ୍ତି ନିକଟରେ ଅଛି ମଣିଷ ପଣିଆର ବାସ୍ନା ଓ ମାନବିକ ମୂଲ୍ୟବୋଧ । ଆବଶ୍ୟକତାରେ ଯିଏ ଅଯାଚିତ ଭାବେ ସାହାଯ୍ୟ କରିବା ପାଇଁ ଉଦ୍ୟତ ହୋଇଥାନ୍ତି ସେ ବଡଲୋକର ମାନ୍ୟତା ପାଇଥାନ୍ତି । ସମାଜ ଔପଚାରିକ ଭାବେ ସ୍ୱୀକୃତି ନଦେଲେ ମଧ୍ୟ ସେ ହୋଇଥାଏ ପ୍ରକୃତ ବଡଲୋକ । ବଡଲୋକର ସଂଜ୍ଞାରେ ଉକ୍ତ ବାସଗୃହର ସେବକ ସେବିକା ଧନ ଓ କ୍ଷମତାର ତରାଜୁରେ ସମତୁଲ କରିବା କେବଳ ବୃଥା ଆସ୍ଫାଳନ ବୋଲି ବିବେଚନା କରାଯାଏ । ଅନାଦୃତ ବଡଲୋକର ସେବକ ସେବିକା ହୋଇ ନିଜକୁ ଅଭିମାନ ଓ ଗର୍ବ କରିବା ଅପେକ୍ଷା ଆଦୃତ ବଡମଣିଷର ଚାକର ହୋଇ ନିଜକୁ ଗର୍ବାନ୍ୱିତ ଓ ଭାଗ୍ୟବାନ ମଣିବା ଆବଶ୍ୟକ କାରଣ ଅନାଦୃତ ବଡଲୋକ ସାଧାରଣତଃ ଧନ, ପ୍ରତିପତ୍ତି, କ୍ଷମତା ଆଦି ଦ୍ୱାରା ସୀମିତ ସମୟ ପାଇଁ ବଡଲୋକ ହୋଇଥାନ୍ତି ମାତ୍ର ଆଦୃତ ବଡମଣିଷ ନିଜର ଜ୍ଞାନ, ସେବା, ତ୍ୟାଗ, ପରୋପକାର ଆଦି ପାଇଁ ମୃତ୍ୟୁ ପରେ ମଧ୍ୟ ଆଦର ପାଇଥାନ୍ତି । ତେଣୁ ମଣିଷ ନିଜକୁ ନିଜେ ମୂଲ୍ୟାୟନ କରିବା ପୂର୍ବରୁ ନିଜର ସ୍ଥିତି, ଅବସ୍ଥିତି, ପରିସ୍ଥିତି ଆଦିକୁ ଉପଯୁକ୍ତ ଭାବେ ବିବେଚନା କରି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଉଚିତ, ଯେଉଁଠି ମଣିଷ ଅନାଦୃତ ବଡଲୋକର ସେବକ ସେବିକା ନହୋଇ, ଆଦୃତ ବଡ ମଣିଷର ଓ ବଡ ଠାକୁରଙ୍କର ଚାକର ହୋଇପାରିବ ଯେଉଁଥିରେ ଥାଏ ଆତ୍ମତୃପ୍ତି, ମାନ ସ୍ୱାଭିମାନ ଓ ଆଦର୍ଶର ଚାକିରୀ ।

# କଲ୍‌କୀ ଅବତାର ରହସ୍ୟ

ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ
ସର୍ଜରୀ ବିଶେଷଜ୍ଞ, ଫ୍ଲାଟ ନଂ-୪୦୩
କିରଣ ପାରିଜାତକ ଏନ୍‌କ୍ଲେଭ, କଟକ

କଲ୍‌କୀଙ୍କୁ ଭଗବାନ ବିଷ୍ଣୁଙ୍କ ପରବର୍ତ୍ତୀ ଏବଂ ଅନ୍ତିମ ଅବତାର ବୋଲି କୁହାଯାଇଛି । ପୌରାଣିକ ମାନ୍ୟତା ଅନୁଯାୟୀ, ପୃଥିବୀରେ ପାପର ଭାର ସୀମା ଟପିଗଲେ, ଦୁଷ୍ଟମାନଙ୍କ ସଂହାର ନିମନ୍ତେ ଭଗବାନ ବିଷ୍ଣୁଙ୍କ ଏହି ଅବତାର ପ୍ରକଟ ହେବେ। ଭାଗବତ ପୁରାଣ (ସ୍କନ୍ଧ ୧୨, ଅଧ୍ୟାୟ ୨)ରେ କଳ୍କି ଅବତାର କଥା ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ନିଜ ମାତାପିତାଙ୍କ ପଞ୍ଚମ ସନ୍ତାନ କଳ୍କି ଦେବଦତ୍ତ ନାମକ ଘୋଡ଼ାରେ ବସି ଦୁଷ୍ଟଙ୍କ ସଂହାର କରିବେ। ଏହାପରେ ସତ୍ୟଯୁଗର ପ୍ରାରମ୍ଭ ହେବ। କଲ୍‌କୀ ଅବତାରଙ୍କ ସ୍ୱରୂପ ଏବଂ ଆଖ୍ୟାନ ସମ୍ପର୍କରେ ଅନେକ ଚର୍ଚ୍ଚା ହୋଇଛି। ସବୁଠୁ ପୁରୁଣା ମୀମାଂସା ସାମ୍ୟବାଦୀ ଚିନ୍ତକ ସତ୍ୟଭକ୍ତ କରିଛନ୍ତି। ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ କଳ୍କି ପୁରାଣର ଭୂମିକାରେ ସେ ଏହା କହିଛନ୍ତି, ଯେଉଁମାନେ ବି ସାର୍ବଭୌମ ସତ୍ୟ ଏବଂ ଯୁଗୀୟ ସିଦ୍ଧାନ୍ତକୁ ବ୍ୟକ୍ତ କରିଥାନ୍ତି। ସେ ସମସ୍ତ ଅବତାରଙ୍କ ରୂପରେ ପ୍ରତିଷ୍ଠିତ ହୋଇଥାନ୍ତି। ଏହି ଅଭିବ୍ୟକ୍ତିର ସଘନତା ଏବଂ ବିରଳତା ଅନୁଯାୟୀ ଅବତାରୀ ଶକ୍ତିଙ୍କ ସ୍ତର କିମ୍ବା କଳା ନିର୍ଦ୍ଧାରଣ କରାଯାଇଥାଏ। ଭଗବାନ ବୁଦ୍ଧ ବର୍ତ୍ତମାନ ସୁଦ୍ଧା ହୋଇଥିବା ଅବତାରଙ୍କ ମଧ୍ୟରେ ନବମ କିମ୍ବା କେତେକ ସ୍ଥାନରେ ୧୫ତମ ବୋଲି ପରିଗଣିତ ହୋଇଥାନ୍ତି। ତାଙ୍କ ପୂର୍ବରୁ ଭଗବାନ ଶ୍ରୀକୃଷ୍ଣ ୧୬ କଳା ସହିତ ଅବତାର ନେଇଥିଲେ ବୋଲି ଅନେକ ଗ୍ରହଣ କରିଥାନ୍ତି। ଯେଉଁ ଅବତାରଙ୍କ ଏବେ ପ୍ରତୀକ୍ଷା ରହିଛି ସେହି ଅନ୍ତିମ ଅବତାର (୧୬ତମ ବା ଦଶମ) ଆହୁରି ନିଷ୍କଳଙ୍କ ହେବେ। କଳା, କାନ୍ତି, ଶୌର୍ଯ୍ୟ ଏବଂ ଦୈବୀଗୁଣ ସମ୍ପନ୍ନ ହେବେ। ଭାଗବତରେ କଳ୍କିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ରହିଛି। ତାଙ୍କର ଚରିତ୍ର ଏବଂ ଜୀବନର ବିସ୍ତୃତ ବର୍ଣ୍ଣନା 'କଳ୍କି ପୁରାଣ'ରେ ରହିଛି। ବିଦ୍ୱାନମାନେ କୁହନ୍ତି, ଭାଗବତ ଏବଂ କଳ୍କି ପୁରାଣରେ ଅନ୍ତିମ ଅବତାର ସମ୍ପର୍କରେ ଯାହା ଉଲ୍ଲେଖ ରହିଛି ତାହା ଆଳଙ୍କରିକ ଅଟେ। ତା'କୁ ରୂପକ ବୋଲି ଗ୍ରହଣ କରିବା ଉଚିତ। ପୁରାଣରେ ଉଲ୍ଲେଖ ରହିଛି ଯେ କଳ୍କିଙ୍କ ପିତାଙ୍କ ନାମ ବିଷ୍ଣୁଯଶ ଏବଂ ମାତାଙ୍କ ସୁମତି ହେବ। ବିଷ୍ଣୁଯଶର ଅର୍ଥ ଏହା ଯେ ଏପରି ଜଣେ ବ୍ୟକ୍ତି ଯିଏକି ସର୍ବବ୍ୟାପକ ପରମାତ୍ମାଙ୍କ ସ୍ତୁତି କରିଥାନ୍ତି ଏବଂ ସେ ଲୋକଉପକାରୀ ଅଟନ୍ତି। ସୁମତିର ଅର୍ଥ ଏହା ଯେ ସେ ଉତ୍ତମ ବିଚାର ସମ୍ପନ୍ନ ଏବଂ ସମସ୍ତ ବିଦ୍ୟା ବିଷୟରେ ଜାଣିଛନ୍ତି। କଳ୍କି ନିଷ୍କଳଙ୍କ ଅବତାର ଅଟନ୍ତି। ଭଗବାନଙ୍କ ସ୍ୱରୂପ (ସଗୁଣ ରୂପ) ପରମଦିବ୍ୟ ଅର୍ଥାତ୍ ଦୈବୀ ଗୁଣ ସମ୍ପନ୍ନ ହୋଇଥାଏ। ସେ ଶ୍ୱେତ ଅଶ୍ୱ ଉପରେ ସବାର ହୋଇଥାନ୍ତି। ରଙ୍ଗ ଗୋରା ଅଟେ, କିନ୍ତୁ କ୍ରୋଧରେ କଳା ମଧ୍ୟ ହୋଇଯାଆନ୍ତି। ସେ ହଳଦିଆ ବସ୍ତ୍ର ଧାରଣ କରିଥାନ୍ତି। ହୃଦୟରେ ଶ୍ରୀବତ୍ସଙ୍କ ଚିହ୍ନ ଅଙ୍କିତ ହୋଇଥାଏ। ଗଳାରେ ତାଙ୍କର କୌସ୍ତୁଭ ମଣି ରହିଛି। ମୁଖ ପୂର୍ବଦିଗକୁ ଏବଂ ଅଶ୍ୱ ଦକ୍ଷିଣ ଦିଗକୁ ଦେଖୁଥିବା ପ୍ରତୀୟମାନ ହୋଇଥାଏ। ଏହି ଚିତ୍ରଣ କଲ୍‌କୀଙ୍କ ସକ୍ରିୟତା ଏବଂ ଗତି ବିଷୟରେ ସଙ୍କେତ ଦେଇଥାଏ। ଯୁଦ୍ଧ ସମୟରେ ତାଙ୍କ ହାତରେ ଦୁଇଟି ଖଡ଼୍‌ଗ ଥାଏ। କଲ୍‌କୀ ପୁରାଣ ହିନ୍ଦୁମାନଙ୍କ ବିଭିନ୍ନ ଧାର୍ମିକ ଏବଂ ପୌରାଣିକ ଗ୍ରନ୍ଥ ମଧ୍ୟରୁ ଏକ ଉପପୁରାଣ ଅଟେ। ଏହି ପୁରାଣରେ ଭଗବାନ ବିଷ୍ଣୁଙ୍କ ଦଶମ ତଥା ଅନ୍ତିମ ଅବତାରର ଭବିଷ୍ୟବାଣୀ କରାଯାଇଛି ଏବଂ କୁହାଯାଇଛି ଯେ ବିଷ୍ଣୁଙ୍କ ପରବର୍ତ୍ତୀ ଅବତାର କଳ୍କି ଅବତାର ହେବ। କଳିଯୁଗର ପ୍ରାରମ୍ଭ ହୋଇସାରିଛି, ଯେଉଁ କାରଣରୁ ପୃଥିବୀ ଦେବତାମାନଙ୍କ ସହିତ, ବିଷ୍ଣୁଙ୍କ ସମ୍ମୁଖକୁ ଯାଇ ତାଙ୍କୁ ଅବତାର ବିଷୟରେ କହୁଛନ୍ତି। ଶ୍ରୀବିଷ୍ଣୁଙ୍କ ଅଂଶ ରୂପରେ ହିଁ କଳ୍କିଙ୍କ ଜନ୍ମ ହେଉଛି। କଲ୍‌କୀ ସିଂହଳ ଦ୍ୱୀପକୁ ଯାଉଛନ୍ତି। ସେଠାରେ ରାଜକୁମାରୀ ପଦ୍ମନୀଙ୍କ ସହିତ ତାଙ୍କର ପରିଚୟ ହେଉଛି। ଶେଷରେ କଲ୍‌କୀ ଏବଂ ପଦ୍ମନୀଙ୍କ ମଧ୍ୟ ବିବାହ ସମ୍ପନ୍ନ ହେଉଛି ଏବଂ ବିବାହ ପରେ ସ୍ତ୍ରୀତ୍ୱ ପ୍ରାପ୍ତ କରିଥିବା ରାଜାମାନେ ନିଜର ପୂର୍ବ ରୂପ ଫେରି ପାଉଛନ୍ତି। ଏହାପରେ କଳ୍କି ନିଜ ପତ୍ନୀଙ୍କ ସହ ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ହରିଦ୍ୱାରରେ କଲ୍‌କୀ ମୁନିମାନଙ୍କୁ ଭେଟୁଛନ୍ତି ଏବଂ ସେମାନଙ୍କ ଆଗରେ ସୂର୍ଯ୍ୟବଂଶ ଏବଂ ଭଗବାନ ରାମଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। ଏହାପରେ ନାରଦଙ୍କ ଆଗମନ, ବିଷ୍ଣୁଯଶଙ୍କ ଦ୍ୱାରା ନାରଦଙ୍କୁ ମୋକ୍ଷ ସମ୍ବନ୍ଧୀୟ ପ୍ରଶ୍ନ, ରୁକ୍ମିଣୀ ବ୍ରତ ପ୍ରସଙ୍ଗ ଏବଂ ଶେଷରେ ମର୍ତ୍ତ୍ୟଲୋକରେ ସତ୍ୟଯୁଗର ପ୍ରତିଷ୍ଠା ଆଦି ପ୍ରସଙ୍ଗ ବର୍ଣ୍ଣିତ। ମନିଷୀମାନେ କଳ୍କିଙ୍କ ଆକ୍ରମଣାତ୍ମକ ରୂପ ବିଷୟରେ ଉଲ୍ଲେଖ କରି କହିଛନ୍ତି, କଳ୍କି ଧଳାରଙ୍ଗର ଘୋଡ଼ାରେ ବସି ଦୁଷ୍ଟ ମାନଙ୍କ ସଂହାର କରିବେ। ତାଙ୍କ ଆକ୍ରମଣରେ ଶାନ୍ତି (ଧଳା ରଙ୍ଗ), ଶକ୍ତି (ଅଶ୍ୱ) ଏବଂ ପରିଷ୍କାର (ଯୁଦ୍ଧ) ରହିଛି। ଅସ୍ତ୍ର ରୂପରେ ସେ ଖଡ଼୍‌ଗ ଏବଂ ଧନୁର ଉପଯୋଗ କରିବାର ଅର୍ଥ ଆଖପାଖ ଏବଂ ଦୂରଗାମୀ ଦୁଇ ପ୍ରକାରର ଦୁଷ୍ଟ ପ୍ରବୃତ୍ତିର ନିବାରଣ କରିବା ଅଟେ। କଳ୍କିଙ୍କର ଏହି ରଣନୀତି ସମାଜର ଚିନ୍ତାଧାରା, ମାନ୍ୟତା ଏବଂ ଗତିବିଧିର ଦିଗ ବଦଳାଇ ଦେବାର ପ୍ରତୀକ ଅଟେ। ଅସୁର ଏବଂ ଦୁଷ୍ଟମାନଙ୍କୁ ସଂହାର କରିବା ବଦଳରେ ଅବତାର ସେମାନଙ୍କ ମନ ଓ ମାନସକୁ ପରିବର୍ତ୍ତନ କରିବାର ନୀତିକୁ କାର୍ଯ୍ୟକାରୀ କରିଥାନ୍ତି। କଲ୍‌କୀଙ୍କ ଲୀଳା ଉପରେ ଏକ ସମ୍ପୂର୍ଣ୍ଣ ପୁରାଣ ଲେଖାଯାଇଛି। କଳ୍କି ପୁରାଣ ନାମରେ ଏହି ଗ୍ରନ୍ଥର ପ୍ରାମାଣିକତା ଉପରେ ଅନେକ ସନ୍ଦେହ ପ୍ରକଟ କରିଥାନ୍ତି। କିନ୍ତୁ ଏପରି କରିବା ବଦଳରେ ପୁରାଣ କାହାଣୀ ପଛରେ ରହିଥିବା ରୂପକ, ବାର୍ତ୍ତା, ଉପଦେଶ ଆଦିକୁ ବୁଝିବା ଦରକାର। ପୁରାଣର ଏକ ନିଜସ୍ୱ ଧାର୍ମିକ ମହତ୍ତ୍ୱ ରହିଛି। ଆପଣ ତାର ମହତ୍ତ୍ୱ ସହିତ ସହମତ କିମ୍ବା ଅସହମତ ହୋଇପାରନ୍ତି, କିନ୍ତୁ ତାକୁ ଅସ୍ୱୀକାର କରିପାରିବେ ନାହିଁ। ବିଶ୍ୱାସ କରୁଥିବା ଏବଂ ଅବିଶ୍ୱାସ କରୁଥିବା ଲୋକମାନେ ପୁରାଣର ଭିନ୍ନ ଭିନ୍ନ ଅର୍ଥ ବାହାର କରିଥାନ୍ତି।



# ପଖାଳପ୍ରିୟ ଓଡ଼ିଆ





ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ- ୯୪୩୭୭୨୯୩୮୪

କଥାରେ ଅଛି ନଇକେ ବାଙ୍କ୍ ଦେଶକେ ଫାଙ୍କ୍ । ବିଶାଳ ଭାରତ ବର୍ଷରେ ଭାଷାରେ ଯେପରି ଭିନ୍ନତା ରହିଛି ଖାଦ୍ୟରେ ମଧ୍ୟ ବିବିଧତା ଭରି ରହିଛି । ପ୍ରତ୍ୟେକ ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ପାନୀୟରେ ଥାଏ ସେହି ରାଜ୍ୟର ଭିନ୍ନ ଏକ ମହକ ଓ ଭିନ୍ନ ଏକ ସ୍ୱାଦ । ବିଶ୍ୱ ଦରବାରରେ ଓଡିଆ ମାନଙ୍କର ଯଦି କିଛି ସ୍ୱତନ୍ତ୍ର ପରିଚୟ ଥାଏ ତାହା ହେଉଛି ବଡଦେଉଳ ଆଉ ଓଡିଆମାନଙ୍କର ଅତି ପ୍ରିୟ ପଖାଳକୁ ନେଇ । ପଖାଳ କହିଲେ ଓଡ଼ିଶାର ସଂସ୍କୃତିକୁ ବୁଝାଏ । ପଖାଳ ଓଡ଼ିଶାର ପରିଚୟ । କାହିଁ କେତେ କାଳରୁ ପଖାଳ ସହିତ ଓଡ଼ିଆମାନଙ୍କର ରହି ଆସିଛି ଭାବଗତ ସମ୍ପର୍କ । ପଖାଳ ଶବ୍ଦ ପାଲି ଭାଷା ପଖାଳିବା ରୁ ଆସିଛି । ଯାହାର ଅର୍ଥ ଧୋଇବା । ଗରମ ଭାତ ଥଣ୍ଡା ହେବା ପରେ ତାକୁ ଧୋଇ ସେଥିରେ ପାଣି ମିଶାଇ ତିଆରି କରାଯାଉଥିବାରୁ ଏହାର ଏପରି ନାମକରଣ ହୋଇଛି । ବିଭିନ୍ନ ରାଜ୍ୟରେ ପଖାଳକୁ ଭିନ୍ନ ଭିନ୍ନ ନାମରେ ସମ୍ବୋଧନ କରାଯାଇଥାଏ । ଆସାମରେ ଏହାକୁ ପୋଇତାଭାତ, ଛତିଶଗଡରେ ପଖାଳ ବା ବୋରେ ଭାତ,ପଶ୍ଚିମବଙ୍ଗରେ ପାନ୍ତା ଭାତ, ତାମିଲନାଡୁରେ ବଖାଳବାତ କୁହାଯାଇଥାଏ । ଓଡ଼ିଆ ଓ ପଖାଳ ଅଭିନ୍ନ । ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ପଖାଳ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ । ଚାଷୀଙ୍କ ଠାରୁ ଆରମ୍ଭ କରି ସ୍ୱଚ୍ଛଳବର୍ଗର ଲୋକଙ୍କ ଯାଏ ସମସ୍ତେ ପଖାଳକୁ ଭଲ ପାଇଥାନ୍ତି । ସେଥିପାଇଁ ଓଡ଼ିଶାର ପଖାଳ ପାରମ୍ପରିକ ଖାଦ୍ୟ ଭାବେ ପରିଚିତ । ଖରିଦିନେ ପେଟରେ ପଖାଳ ଗଣ୍ଡେ ପଡିଗଲେ ଯେଉଁ ଆତ୍ମତୃପ୍ତି ମିଳେ ତାର ଅନୁଭୂତି ନିଆରା ।

ଖାଦ୍ୟ ବିଶାରଦଙ୍କ ମତରେ ବିଶ୍ୱର ଅନ୍ୟ ପ୍ରାନ୍ତ ତୁଳନାରେ ଭାରତୀୟ ଲୋକେ ହିଁ ଚାଉଳ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଖାଇଥାନ୍ତି । ଚାଉଳକୁ ବ୍ୟବହାର କରି ଭାରତରେ ଦଶ ହଜାରରୁ ଅଧିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରେ । ବାସି ଭାତରୁ ପ୍ରସ୍ତୁତ ପଖାଳ ସେଥି ମଧ୍ୟରୁ ଅନ୍ୟତମ । ହିନ୍ଦୁ ପରମ୍ପରାରେ ପଖାଳ କଂସାର ଅନେକ ତାତ୍ପର୍ଯ୍ୟ ରହିଛି । ଉସୁନା ପଖାଳ ଅପେକ୍ଷା ଅରୁଆ ପଖାଳର ସ୍ୱାଦ ନିଆରା । ଅରୁଆ ପଖାଳକୁ ଆହୁରି ସ୍ୱାଦିଷ୍ଟ କରିଥାଏ ଦହି,ଆମ୍ବ କସିଆ ଅଦା, ପୋଦିନା ପତ୍ର । ଏବେ ଆମ୍ବ ଋତୁ ଆସିଥିବାରୁ ଆମ୍ବ ନସି ଦହି, ଅଦା ଉଷୁନା ପଖାଳରେ ମିଶାଇଲେ ତାର ସ୍ୱାଦ ବଢିଯାଏ । ନିରାମିଷ ଖାଉଥିବା ଲୋକେ ପଖାଳ ସହ ଆଳୁ ଭେଣ୍ଡି ଭଜା, ବଡିଚୁରା, ଆଳୁଚଟଣି, ବାଇଗଣ ଭରତା, ଟମାଟୋ କାକୁଡି ସାଲାଡ, କଖାରୁ ଫୁଲ ପିଠା, କଲରା ଭଜା ଆଦି ସୁସ୍ୱାଦୁ ବ୍ୟଞ୍ଜନ ପସନ୍ଦ କରୁଥିବା ବେଳେ ଆଇଁଷ ପ୍ରିୟମାନେ ଚୁନାମାଛ ଭଜା, ଛୋଟ ଚିଙ୍ଗୁଡି ଭଜା, ଶୁଖୁଆ, ପୋହଳା ମାଛ ଗୋଟା ବେସର, ରୋହି ମାଛ ଭଜା ଭାରି ଭଲ ଲାଗେ । । କୃଷକ, ଶ୍ରମିକ, ଦିନ ମଜୁରିଆ ତଥା ଆଦିବାସୀଙ୍କର ପ୍ରିୟ ଖାଦ୍ୟ ପଖାଳ ହୋଇଥିବା ବେଳେ ବଡବଡିଆ ତଥା ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ବେଳେବେଳେ ପଖାଳ ଖାଇଥାନ୍ତି । ଆଉ ଧୁଧୁ ଖରାବେଳେ ତାତିରୁ ତ୍ରାହି ପାଇବା ପାଇଁ ଓଡିଶାର ପ୍ରାୟ ସବୁ ବର୍ଗର ଲୋକେ ପଖାଳକୁ ପସନ୍ଦ କରିଥାନ୍ତି । ଓଡିଆ ଘରମାନଙ୍କରେ ପଖାଳ ସବୁ ଋତୁରେ ଖିଆ ଯାଉଥିବା ବେଳେ ଖରିଦିନେ ପଖାଳ ତୋରାଣି ପ୍ରତି ରହିଥାଏ ସମସ୍ତଙ୍କର ଦୁର୍ବଳତା । ଚଷାପୁଅ ଯେତେବେଳେ ପ୍ରାତଃ ସମୟରେ କ୍ଷେତକୁ ବାହାରେ ସେ ପଖାଳ ଖାଇବାକୁ ଭୁଲିନଥାଏ ।

କେବଳ ଗାଁଗହଳିର ହାଣ୍ଡି ପଖାଳ ନୁହେଁ ଖରାଦିନେ ହୋଟେଲ ଗୁଡିକରେ ଓଡିଆ ଘରର ପାରମ୍ପରିକ ବ୍ୟଞ୍ଜନ ସହ ପରଷା ଯାଉଥିବା ପଖାଳର ଚେହେରା ଓ ବାସ୍ନା ଗ୍ରାହକର ଭୋକ ବଢାଇଦିଏ । ଓଡିଶାର ପରମ୍ପରା ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡିତ । ପଖାଳ ସହ ଜଡିତ ଆମ ବଡ ଠାକୁରଙ୍କର ଛପନ ଭୋଗ । ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ, ମହାପ୍ରଭୁ ସେମିତି ପଖାଳପ୍ରିୟ । ଶୀଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିବସରେ ବଡସିଂହାର ଭୋଗରେ ପଖାଳ ଭୋଗ ଗ୍ରହଣ କରି ମହାପ୍ରଭୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି । ଆମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳର ଲୋକପ୍ରିୟତାକୁ ଦେଖି ଗତ କିଛି ବର୍ଷ ଧରି ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଛି । ଯଦ୍ୱାରା ପଖାଳର ପ୍ରଚାର ଓ ପ୍ରସାର ବିଶ୍ୱବ୍ୟାପୀ ହୋଇଛି ।

# ଆଧ୍ୟାତ୍ମିକ ଶାନ୍ତି

ଗୋପୀନାଥ ଦାଶ
କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୮୮୯୫୨୯୬୧୬୭

ଆମ୍ଭେମାନେ ଶାନ୍ତି କିପରି ଲାଭ କରି ପାରିବା ? ଶାନ୍ତି କେବଳ ଶାନ୍ତି ମାଧ୍ୟମରେ ହିଁ ମିଳି ପାରିବ । ପାଦରୁ କଣ୍ଟାଟିଏ କାଢିବା ପାଇଁ ଆଉ ଗୋଟିଏ କଣ୍ଟା ବ୍ୟବହାର କରିବାକୁ ପଡିଥାଏ । ହୀରାକୁ କାଟିବା ପାଇଁ ହୀରା କେବଳ ଆବଶ୍ୟକ ହୋଇଥାଏ । କେବଳ ଶାନ୍ତି ମାଧ୍ୟମରେ ହିଁ ଶାନ୍ତି ଲାଭ କରିହେବ। ଏ ପୃଥିବୀରେ ଅନେକ ଲୋକ ଅଛନ୍ତି ଯେଉଁ ମାନଙ୍କର ସମସ୍ତ ପ୍ରକାର ର ସୁଖ ସୁବିଧା ଅଛି । ତଥାପି ସେମାନଙ୍କର ଶାନ୍ତି ନାହିଁ ଏବଂ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଭୟ ରହିଛି । ସବୁ ପ୍ରକାର ସୁଖ ଓ ସୁବିଧା ସତ୍ତ୍ୱେ ମନୁଷ୍ୟ ଆଜି ଶାନ୍ତି ଅନୁଭବ କରିବାକୁ ଅସମର୍ଥ, କାରଣ ସେ ଅସତ୍ ଚିନ୍ତାରେ ପୁରି ରହିଛି। ସାପଟିଏ ଘର ଭିତରକୁ ପଶିଲେ ଜଣେ ଭୟ ଉଦ୍‌ବେଗରେ ବ୍ୟସ୍ତ ହୋଇପଡିବ । ଏ ପରିସ୍ଥଳେ ରାଗ ଓ ଦ୍ୱେଷର ବିଷାକ୍ତ ସର୍ପମାନେ ମନୁଷ୍ୟ ଭିତରେ ପ୍ରବେଶ କରିଥିବା ବେଳେ ମନୁଷ୍ୟ କିପରି ଶାନ୍ତିଲାଭ କରିପାରିବ । ତେଣୁ ମନୁଷ୍ୟ ପ୍ରଥମେ ଏକଥା ଦେଖିବା ଉଚିତ, ଯେପରି ଅସଦଗୁଣ, ଅସଚିନ୍ତ ତା ହୃଦୟଭିତରେ ପ୍ରବେଶ ନକରେ । ତା ହୃଦୟରେ ଅନ୍ତରତମ ପ୍ରଦେଶରେ ଶାନ୍ତିର ସ୍ଥାୟୀ ନିର୍ଝର ରହିଛି। ଭୂତଳରେ ଜଳ ସର୍ବତ୍ର ପ୍ରବାହିତ ହେଉଅଛି । ଭୂପୃଷ୍ଠକୁ ଖୋଳିଲେ ଜଳକୁ ଆବୃତ କରି ରଖିଥିବା ମୃତ୍ତିକାକୁ ବାହାର କରିବାକୁ ହେବ । ରାଗ ଓ ଦ୍ୱେଷର ମୃତ୍ତିକା ଆମ ଭିତରୁ ବାହାର କରିଦେଲେ ଜଳ ରୂପକ ଶାନ୍ତି ଲାଭ କରିପାରିବ । ଆମେ ନିଜେ ଭୋଜନ କରିବା ବେଳେ ହିଁ ନିଜର କ୍ଷୁଧା ଉପଶମ ହୋଇଥାଏ । ନିଜେ ଔଷଧ ଖାଇବା ବେଳେ ହିଁ ଆମର ରୋଗ ଆରୋଗ୍ୟ ହୋଇଥାଏ । ସେହିପରି ପ୍ରତ୍ୟେକ ବ୍ୟକ୍ତି ନିଜର ଦୁର୍ଗୁଣରୁ ମୁକ୍ତି ଲାଭ କରିବା ବେଳେ ହିଁ ଶାନ୍ତି ଲାଭ କରି ପାରିବ । ଭଗବାନ ସତ୍ୟସାଇ ବାବା ଅନେକ ସମୟରେ କହିଥାନ୍ତି - ଖଳ ଚିନ୍ତାତୁମ ମନଭିତରେ ପ୍ରବେଶ କରିବା ବେଳେ ତୁମେ ନିଜକୁ ବାରମ୍ବାରସ୍ମରଣ କରାଇବା ଉଚିତ୍ ମୁଁ ପଶୁ ନୁହେଁ ମନୁଷ୍ୟ । ତେବେ ତୁମର ଖରାପ ଚିନ୍ତା ଦୂରେଇଯିବ ଏବଂ ମହତ ଚିନ୍ତା ବିକଶିତ ହେବ । ତୁମର କ୍ରୋଧ ଆସିଲାବେଳେ ନିଜକୁ ସ୍ମରଣ କରାଇଦିଅ 'ମୁଁ କୁକୁର ନୁହେଁ ମୁଁ ମନୁଷ୍ୟ'। କ୍ରୋଧ ହେଉଛି କୁକୁର ଗୁଣ ମଣିଷର ଗୁଣ ନୁହେଁ । ତୁମେ କୁକୁର ନୁହେଁ ବୋଲି ବାରମ୍ବାର ନିଜକୁ ସ୍ମରଣ କରାଇଲେ କୁକୁର ଗୁଣ ତୁମଠାରୁ ଅପସରି ଯିବ । ମନର ଚଞ୍ଚଳ ସ୍ୱଭାବ ଯୋଗୁଁ ସମୟେ ସମୟେ ତୁମଠାରୁ ଅବାଞ୍ଛନୀୟ ଚିନ୍ତା ଉଦ୍ରେକ ହୋଇଥାଏ । ସେ ସମୟରେ ନିଜକୁ ବାରମ୍ବାର ସ୍ମରଣ କରାଇଦିଅ "ମୁଁ ମାଙ୍କଡ ନୁହେଁ,ମୁଁ ମଣିଷ" । ତୁମେ ଏପରି କରିବା ବେଳେ ମାଙ୍କଡର ଗୁଣ, କ୍ରୋଧ,ଚଞ୍ଚଳତା ପ୍ରଭୃତି ତୁମଠାରୁଦୁରେଇ ଯିବ । ଫଳରେ ତୁମ ଭିତରେ ଶାନ୍ତି, କରୁଣା ପ୍ରେମ ସହିଷ୍ଣୁତା ଆଦି ମାନବୀୟ ମୂଲ୍ୟବୋଧର ଗୁଣ ବିକାଶିତ ହେଲେ ତୁମେ ଶାନ୍ତି ଓ ଆନନ୍ଦ ପାଇପାରିବେ । ଶାନ୍ତି ହେଉଛି ପ୍ରତ୍ୟେକ ମନୁଷ୍ୟର ଆନ୍ତରିକ ସମ୍ପଦ । ଶାନ୍ତି ଆମ ଭିତରେ ଅଛି । ଆମ ଘର ଭିତରେ ଜଳନ୍ତା ଦ୍ୱୀପଟିଏ ଥିଲେ ଆମେ କାହିଁକି ଅନ୍ୟ ଘରକୁ ଦ୍ୱୀପ ଲଗାଇବାକୁ ଯିବା । ଯାହାର ଯଥେଷ୍ଟ ସନ୍ତୋଷ ଅଛି ସେହିଁ ଶାନ୍ତି ଲାଭ କରିପାରିବ। ଯାହା ଆବଶ୍ୟକ ଠାରୁ ଅଧିକ ସେଥିପାଇଁ ଆଶାୟୀ ହେବନାହିଁ କି ଯାହା ଆମ ସାମର୍ଥ୍ୟର ବାହାରେ ସେଥିପାଇଁ ବ୍ୟସ୍ତ ହେବାନାହିଁ, ଏଣୁ ମାନସିକ ସ୍ତରରେ, ଶାରୀରିକସ୍ତରରେ, ଆଧ୍ମିକସ୍ତରରେ ଆନନ୍ଦ ଓ ଶାନ୍ତି ପାଇବା ପାଇଁ ଆମେ ତିନିଥର ଶାନ୍ତିଃ ଉଚ୍ଚାରଣ କରିଥାଉ । କେବଳ ଭଗବାନଙ୍କନାମ ଆମକୁ ବନ୍ଧନରୁ ରକ୍ଷାକରିବ ଏବଂ ସବୁବେଳେ ଆମ ସାଥିରେ ରହିବେ । ଭଗବାନ ସବୁବେଳେ ଆମର ଯତ୍ନନେଇ,ଆମ ସାଥିରେ ଆମ ଭିତରେ, ଆମ ଚଉରିପଟେ ଆମ ଉପରେ, ଆମ ତଳେ ରହିବେ । ଦିବ୍ୟନାମର ଉପେକ୍ଷା କରି ମନୁଷ୍ୟ ଅଳିକ ଓ କ୍ଷଣିକ ଲୌକିକ ବସ୍ତୁପାଇଁ ଲାଳସା କରି ତା ଜୀବନକୁ ଦୟନୀୟ କରିପକାଉଛି ।



# ଆମ କଳାହାଣ୍ଡି



## ଭବାନୀପାଟଣା ସହରରେ ପାନୀୟ ଜଳ ଆବଶ୍ୟକ ୩୨ ଏମ୍ଏଲ୍‌ଡି ପାଣି, ମିଳୁଛି ୧୨

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ପର୍ଯ୍ୟାପ୍ତ ହେଉନଥିବାବେଳେ ଆବଶ୍ୟକ ମୁତାବକ ଭିତ୍ତିଭୂମିର ବି ବିକାଶ ହୋଇପାରୁ ନାହିଁ। ଫଳରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମରୀଚିକା ପାଲଟିଛି। ବର୍ଦ୍ଧିତ ଜନସଂଖ୍ୟା ମୁତାବକ ଭବାନୀପାଟଣା ସହରରୁ ପ୍ରତ୍ୟେକ ଦିନ ୩୨ ଏମ୍ଏଲ୍‌ଡି ପାଣିର ଆବଶ୍ୟକତା ରହିଥିବା ବେଳେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ସଂସ୍ଥା ପକ୍ଷରୁ କେବଳ ୧୨ ଏମ୍ଏଲ୍‌ଡି ପାଣି ଯୋଗାଣ ସମ୍ଭବ ହେଉଛି। ଏହି ସହରର ୨୦ଟି ୱାର୍ଡର ସମୁଦାୟ ଜନସଂଖ୍ୟା ତୁଳନାରେ ବହୁତ କମ୍ ବୋଲି କୁହାଯାଉଛି। ଏହି ଜଳକଷ୍ଟ ବର୍ଷ ତମାମ ରହୁଥିବା ବେଳେ ଗ୍ରୀଷ୍ମ ଋତୁରେ ଦ୍ୱିଗୁଣିତ ହେବା ଯୋଗୁଁ ଲୋକଙ୍କୁ ପାନୀୟ ଜଳ ପାଇଁ ଦହଗଞ୍ଜ ହେବାକୁ ପଡିଥାଏ। ଏହି ଆବଶ୍ୟକ ଥିବା ୨୦ ଏମ୍ଏଲ୍‌ଡି ପାଣି ପାଇଁ ଭିତ୍ତିଭୂମି ନିର୍ମାଣ କରି ନିରବଚ୍ଛିନ୍ନ ଜଳଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ସୂଚନା ମୁତାବକ ଭବାନୀପାଟଣା ସହରର କାଳୀ ମନ୍ଦିର ପଡାସ୍ଥିତ ଓଭରହେଡ୍ ଟାଙ୍କି ଓ ସମ୍ପରେ ପ୍ରତ୍ୟେକ ଦିନ ୨୨ ଲକ୍ଷ ଲିଟର ପାନୀୟ ଜଳ ଗଚ୍ଛିତ ହେଉଛି। ସେହିପରି ଦୟାନିଧି ଛକସ୍ଥିତ ଓଭରହେଡ୍ ଓ ସମ୍ପରୁ ୧୨.୫ ଲକ୍ଷ, ସାପ୍ତାହିକ ହାଟ ନିକଟସ୍ଥ ସମ୍ପ ଓ ଓଭରହେଡ୍‌ରୁ ୧୨.୫ ଲକ୍ଷ, ନକଟିଗୁଡା ସମ୍ପ୍ ଓ ଓଭରହେଡରୁ ୧୨.୫ ଲକ୍ଷ, କଳାହାଣ୍ଡି ୟୁନିଭରସିଟି ନିକଟ ସମ୍ପ୍ ଓ ଓଭରହେଡରୁ ୮ ଲକ୍ଷ, କଳାହାଣ୍ଡି ତହସିଲ କାର୍ଯ୍ୟାଳୟସ୍ଥିତ ସମ୍ପ୍‌ରୁ ୩ ଲକ୍ଷ, ହିଲ୍‌ଟାଉନସ୍ଥିତ ସମ୍ପ୍‌ରୁ ୫ ଲକ୍ଷ ଓ ଗୋଦାମପଡାସ୍ଥିତ ସମ୍ପରୁ ୫ ଲକ୍ଷ ଲିଟର ପାନୀୟ ଜଳ ଯୋଗାଣ ହୋଇଥାଏ। ଏଥିପାଇଁ ସହରର ବିଭିନ୍ନ ୱାର୍ଡ ଓ ଘର ତଥା ବ୍ୟବସାୟିକ ଅନୁଷ୍ଠାନ, ସରକାରୀ କ୍ୱାର୍ଟର୍ସମାନଙ୍କୁ ଜଳ ଯୋଗାଣ ପାଇଁ ୧୭୦ କିମି ଭୂତଳ ପାଇପ ବିଛା ଯାଇଛି। ୧୦୫୦୦ ଟି ପରିବାରକୁ ଡୋମେଷ୍ଟିକ କନେକ୍ସନ, ୨୫୦ ସରକାରୀ କ୍ୱାର୍ଟର୍ସ ସମେତ ୫୦ଟି ବ୍ୟବସାୟିକ କନେକ୍ସନ ବ୍ୟବସ୍ଥା କରାଯାଇଛି। ସହରରେ ୧୭ ହଜାରୁ ଅଧିକ ପରିବାରଙ୍କୁ ପାନୀୟ ଜଳ ଯୋଗାଣର ଆବଶ୍ୟକତା ରହିଥିବା ବେଳେ କେବଳ ୧୦୫୦୦ ପରିବାର ପାଖକୁ ପାଇପ ଜଳ ପହଞ୍ଚି ପାରିଛି। ବଳକା ୮ ହଜାର ପରିବାରକୁ ଜଳ ଯୋଗାଣ ଲକ୍ଷ୍ୟ ନେଇ ହିଲ୍‌ଟାଉନ ଠାରେ ୫ ଲକ୍ଷ ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି, ଗୋଦାମପଡାରେ ୪ ଲକ୍ଷ ଲିଟର ଜଳଧାରଣ କ୍ଷମତାର ଓଭରହେଡ୍, ତହସିଲ ଅଫିସ ନିକଟରେ ୨ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଓଭରହେଡ୍, ଓୟୁଏଟି ନିକଟରେ ୭ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଓଭର୍‌ହେଡ୍ ଓ ସମ୍ପ୍, ମଦନମୋହନ ପଡା ନିକଟରେ ୭.୫ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଓଭର୍‌ହେଡ୍ ଓ ସମ୍ପ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ସୂଚନା ମିଳିଛି । ବର୍ତ୍ତମାନ ପ୍ରତ୍ୟେକ ପରିବାରକୁ କେବଳ ୩୦ ରୁ ୪୫ ମିନିଟ ପର୍ଯ୍ୟନ୍ତ ପିଇବା ପାଣି ଯୋଗାଣ ହେଉଛି। ଯାହା ବିଭିନ୍ନ କାରଣରୁ ଅନେକ ପରିବାର ପାଖରେ ପହଞ୍ଚି ପାରୁନାହିଁ। ତେବେ ଆବଶ୍ୟକ ଥିବା ୩୨ ଏମ୍ଏଲ୍‌ଡି ପାନୀୟ ଜଳ ପାଇଁ ବହୁ ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ ସମ୍ପ୍ ଓ ଓଭରହେଡ ଟାଙ୍କିମାନ ନିର୍ମାଣ ସହିତ ବାନ୍ଧପଲାସ୍ଥିତ ୱାଟର୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ସମ୍ପ୍ରସାରଣ କରାଯିବା ଆବଶ୍ୟକତା ରହିଛି। ଶଗଡା ନଦୀ ଓ ହାତୀ ନଦୀ ବ୍ୟତୀତ ଅନ୍ୟ ନଦୀରୁ ଚିରସ୍ରୋତା ଜଳ ଉତ୍ସର ବ୍ୟବସ୍ଥା କରିବା ସହ ପ୍ଲାଣ୍ଟ ସମ୍ପ୍ରସାରଣ ଓ ଭିତ୍ତିଭୂମି ନିର୍ମାଣ ପାଇଁ ଜାଗାର ଆବଶ୍ୟକତା ତଥା କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଆବଶ୍ୟକତା ରହିଛି ବୋଲି ଜଣାପଡିଛି। ଏପଟେ ସଚେତନତା ଅଭାବ ଯୋଗୁଁ ଲୋକେ ପ୍ରତ୍ୟେକ ଦିନ ହଜାର ହଜାର ଲିଟର ଜଳ ନଷ୍ଟ କରୁଥିବା ବେଳେ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଆସୁଥିବା ପାନୀୟ ଜଳ ଶୁଳ୍କ ଖର୍ଚ୍ଚ ତୁଳନାରେ ଅତି କମ୍। ଭବାନୀପାଟଣା ସହରରେ ପାନୀୟ ଜଳ ଶୁଳ୍କ ବାବଦକୁ ୯୨ ଲକ୍ଷ ୫୨ ହଜାର ୪୮୦ ଟଙ୍କା ବକେୟା ଆଦାୟ ହୋଇ ନଥିବା ବେଳେ ନିକଟରେ ଜଳସାଥୀମାନଙ୍କ ଉଦ୍ୟମ କ୍ରମେ ୧୭ ଲକ୍ଷ ୧୪ ହଜାର ୫୮୩ ଟଙ୍କା ପାନୀୟ ଜଳ ଯୋଗାଣରୁ ରାଜସ୍ୱ ଆଦାୟ ହୋଇଥିବା ପ୍ରକାଶ। ସହରରେ ଯେତିକି ଚୋରା କନେକ୍ସନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇନାହିଁ ସଚେତନତା ଅଭାବ ଯୋଗୁଁ ଜଳର ଦୁରୂପଯୋଗ ଓ ନଷ୍ଟ ଯୋଗୁଁ ଜଳ କଷ୍ଟ ଦ୍ୱିଗୁଣିତ ହେବା କଥା ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ଏ ଦିଗର ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଓ ପୌର ପ୍ରଶାସନ ମିଳିତ ଭାବରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ବଳକା ୨୦ ଏମ୍ଏଲ୍‌ଡି ପାନୀୟ ଜଳ ଯୋଗାଣ ପାଇଁ ଭିତ୍ତିଭୂମିର ନିର୍ମାଣ କରି ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବାକୁ ସହରବାସୀ ଦାବି କରିଛନ୍ତି।



## ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ ଜାତୀୟସ୍ତରରେ ପୁରସ୍କୃତ



ଧର୍ମଗଡ, (ଭାସ୍କର ନ୍ୟୁଜ୍) : ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ୱାଟର ଡାଇଜେଷ୍ଟ ଦ୍ୱାରା ଆୟୋଜିତ ଶ୍ରେଷ୍ଠ ଭିତ୍ତିଭୂମି ପ୍ରକଳ୍ପ ବର୍ଗରେ ୱାର୍ଲ୍ଡ ୱାଟର ପୁରସ୍କୃତ ପାଇବାରେ ଗୌରବ ଅର୍ଜନ କରିଛି। ନୂଆଦିଲ୍ଲୀରେ ଗୁରୁବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମ ସମାରୋହରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ୍ ଓ ପ୍ରଜାପିତା ବ୍ରହ୍ମକୁମାରୀ ଶିବାନୀଙ୍କ ଉପସ୍ଥିତିରେ ଏହି ସମ୍ମାନ ଜନକ ପୁରସ୍କାର ଇନ୍ଦ୍ରାବତୀ ଜଳ ସମ୍ପଦ ବିଭାଗ ମୁଖ୍ୟନିର୍ମାଣ ଯନ୍ତ୍ରୀ ଅନୀଲ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଯାହା ଜିଲ୍ଲାବାସୀ ତଥା ପ୍ରଶାସନ ମହଲରେ ଖୁସିର ମାହଲ ଦେଖା ଯାଇଛି। ସଦା ସର୍ବଦା କଳାହାଣ୍ଡି ଜିଲ୍ଲା ମରୁଡ଼ିରେ ପ୍ରପୀଡ଼ିତ ଥିବାବେଳେ ୧୯୭୮ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ୨୦୦୧ରେ ପୂର୍ଣ୍ଣାଙ୍ଗ ହୋଇଥିଲା। ଏଥିସହ ବିଜୁଳି ଉତ୍ପାଦନ କ୍ଷେତ୍ରରେ ୬୦୦ମେଗାୱାଟ ହାସଲ କରିବାରେ ସକ୍ଷମ ହୋଇଥିଲା। ଇନ୍ଦ୍ରାବତୀ ଜଳସେଚନ କ୍ଷେତ୍ରରେ ମଧ୍ୟ ୧.୧୨.୦୦୦ହେକ୍ଟର ଜମିରେ ଜଳ ସେଚନ କରିବାରେ ହାସଲ କରି କୃଷି କ୍ଷେତ୍ରରେ ଜିଲ୍ଲାକୁ ସମୃଦ୍ଧି କରିପାରିଛି। ୨୦୧୪ମସିହାରେ ଇନ୍ଦ୍ରାବତୀ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୪.୧.୨୦୨୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଜୟପାଟଣା ବ୍ଲକର ୮୨୦୦, କୋକସରା-୧୨.୧୬୬, ଧର୍ମଗଡ ବ୍ଲକ-୫୮୮୧ ଓ ଜୁନାଗଡ଼ ବ୍ଲକର ୧୯୯୩ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରଖାଯାଇଛି। ତେବେ ଜାତୀୟସ୍ତରରେ ଏହି ପ୍ରକଳ୍ପ ପୁରସ୍କୃତ ହେବା ପରେ ଜିଲ୍ଲାର କୃଷକଙ୍କ ଭିତରେ ଖୁସି ଦେଖାଦେଇଛି।

## ଅଦିନିଆ ବର୍ଷାରେ ଚାଷୀଙ୍କ ମୁଗଫସଲ ନଷ୍ଟ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ) : କୃଷକ ଚାଷକୁ ଆପଣେଇ ଚାଷକାର୍ଯ୍ୟ କରିଥାଏ। ଆଉ ସେମାନେ ହେଉଛନ୍ତି ଆମଦେଶର ମେରୁଦଣ୍ଡ। ସେମାନେ ଖରା, ବର୍ଷା, ଶୀତ, କାକରରେ ସହି ଫସଲ ଉପୁଜାନ୍ତି। ସେହି ଫସଲ ଉତ୍ପାଦନ ନିମନ୍ତେ ଆମଦେଶ ସମୂହ ବଞ୍ଚନ୍ତି। ସେମାନେ ପନିପରିବା, କପା, ଝୋଟ, କାନ୍ଦୁଲ, ମକା, କୋଲଥ, ଧାନ, ଗହମ ଆଦି ଉତ୍ପାଦନ କରନ୍ତି। ସେଭିଭଳି ଗୋଲାମୁଣ୍ଡା ଅଞ୍ଚଳରେ ମଧ୍ୟ ଚଳିତ ବର୍ଷ ରବି ଋତୁରେ ମୁଗ, ବିରି, ମଟର, ବାଦାମ ଆଦି ଚାଷକାର୍ଯ୍ୟ କରିଥିଲେ। ତେବେ ଅମଳ ହେବାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଯାଇଥିଲା। ହେଲେ ତାମଧ୍ୟରୁ କିଛି ଚାଷୀଙ୍କ ଫସଲ ଅମଳ କାର୍ଯ୍ୟ ସମାପନ ହୋଇଯାଇ ଥିବା ବେଳେ ଅନେକ ଚାଷୀଙ୍କ ଫସଲ ଖୋଲା ଆକାଶ ତଳେ ପଡିରହିଥିଲା। କିନ୍ତୁ କିଛିଦିନ ହେଲା ବାୟୁମଣ୍ଡଳ ମେଘୁଆ ରହିଥିବାବେଳେ ତାର ପ୍ରଭାବରେ ଗତକାଲି ଶନିବାର ଅପରାହ୍ନ ରେ ବିଜୁଳି ଓ ଘଡଘଡି ସହ ବର୍ଷା ହୋଇ ଯାଇଥିଲା । ହେଲେ ତାର ପ୍ରଭାବରେ ଖମାରହଲଦୀ, ଶୋଷିଆ, ବେହେରାଗୁଡା,ଘୋଟିଆ, ଆମ୍ବଗୁଡା ଚିଚିଆ, ଦଶପୁର, କୁମ୍ଭାରୀ, ବୋରଗୁଡା, ଫୁଣ୍ଡା ଗ୍ରାମରେ ଚାଷୀ ମାନଙ୍କ ଫସଲରେ ପାଣି ଭିଜି ଯାଇଥିବା ବେଳେ ଅନେକ ଚାଷୀଙ୍କ ଫସଲ କ୍ଷତି ହୋଯାଇଥିବା ଅଭିଯୋଗ ଆସୁଛି। ଅନ୍ୟପକ୍ଷରେ ଚାଷକାର୍ଯ୍ୟ ନିମନ୍ତେ ସେମାନେ ବିହନ, ସାର, ରାସାୟନିକ ଦ୍ରବ୍ୟ, ଯନ୍ତ୍ରପାତି ଭଳି ଅନେକ ଉପକରଣ ବ୍ୟବହାର କରି ଅନେକ ଅର୍ଥ ଖର୍ଚ୍ଚ କରି ଚାଷ କାର୍ଯ୍ୟ କରିଥିଲେ। ହେଲେ ଚଳିତ ରବି ଋତୁ ସମୟରେ ହୋଇ ଯାଇଥିବା ଚାଷକୁ ଦେଖି ସେମାନେ ବେଶ ଖୁସି ଥିବା ସହ ଲାଭବାନ ନେଇ ଅନେକ ଆଶା ବାନ୍ଧିଥିଲେ। କିନ୍ତୁ ଅଦିନିଆ ବର୍ଷା ସେମାନଙ୍କ ସବୁକିଛି ବିଗାଡ଼ି ଦେବା ସହ ସବୁକିଛି କ୍ଷୟ କ୍ଷତି କରି ଦେଇଛି ବୋଲି ଭାବ ହଂସ, ଲକ୍ଷପତି ନାଏକ, ଗଙ୍ଗା ଭଇସାଲ, ଭୁବନେ ରଣା, ଦୈତାରି ଗୋପାଳ, ଭୟ ମାଝୀ,ଟୁକୁ ଚୌଧୁରୀ, ଅକୁର ପଟେଲ, ନରେନ ପଟେଲଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି। ଏଣୁ ବିଭିନ୍ନ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା ଭିଏଡବ୍ଲୁମାନେ ଉକ୍ତ ସ୍ଥାନ ମାନକୁ ଯାଇ କ୍ଷୟକ୍ଷତିର ଆକଳନ କରିବା ଜରୁରି ହୋଇ ପଡିଛି ବୋଲି ଚାଷୀ ମହଲରେ କୁହାଯାଇଛି।

## ପ୍ରେମିକ ସହ କନ୍ୟା ଫେରାର : ଶିଶୁପାଳ ହେବାରୁ ବର୍ତ୍ତିଲା ବର



ନର୍ଲା, (ଭାସ୍କର ନ୍ୟୁଜ) : ବର ପାଇଁ ଠିକ୍ ହୋଇଥିବା କନ୍ୟା ପ୍ରେମିକ ସହ ଚମ୍ପଟ ମାରିଲା। ବର ଶିଶୁପାଳ ହେବାକୁ ଯାଉଥିଲା। ତେବେ ଯାଦବ ସମାଜର ଉଦ୍ୟମ ଫଳରେ ମାତ୍ର ୨୪ ଘଣ୍ଟା ଭିତରେ ଅନ୍ୟ ଜଣେ ଯୁବତୀ ସହ ହୋଇଗଲା ସେହି ବରର ବିବାହ। ବାଜା ରୋଷଣୀ, ବରଯାତ୍ରୀଙ୍କ ସହ ବର ଆସି ପହଞ୍ଚିଲା। ବୈଦିକ ବିଧିବିଧାନ ଓ ପାରମ୍ପରିକ ରିତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସଂପାଦିତ ହେଲା। ବରଯାତ୍ରୀଙ୍କ ପାଇଁ ଉତ୍ତମ ଭୋଜନର ବ୍ୟବସ୍ଥା କରାଗଲା। ଯାଦବ ମହାସଭାର ଉଦ୍ୟମ ଫଳରେ ଦୁଇଟି ଅପରିଚିତ ଯୁବକ ଯୁବତୀ ସାତ ଜନ୍ମର ସାଥି ହୋଇଗଲେ। ଏଥିରେ ଗ୍ରାମର ଛତିଶ ପାଟକର ଲୋକେ ଆକୁଣ୍ଠ ଚିତ୍ତରେ ସାହାଯ୍ୟ ସହଯୋଗ କଲେ। ଏମିତି ଏକ ନିଆରା ବିବାହ ସଂପାଦିତ ହୋଇଛି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ ଗ୍ରାମରେ। ପ୍ରାପ୍ତ ସୂଚନା ଅନୁସାରେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସୁହାଗପୁର ଗ୍ରାମର ପ୍ରମୋଦ ଗଉଡ ପୁଅ ଡମ୍ବରୁଧରଙ୍କ ବିବାହ ସରିଆଁ ଗ୍ରାମର ଜଣେ ଝିଅଙ୍କ ସହ ଠିକ୍ ହୋଇଥିଲା। ମାର୍ଚ୍ଚ ୧୭ ଶୁକ୍ରବାର ଦିନ ବିବାହ ଥିବାବେଳେ ଦୁଇଦିନ ଆଗରୁ ସଂପୃକ୍ତ ଝିଅ ତା'ର ପ୍ରେମିକ ସହ ଫେରାର ହୋଇଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବରଘର ଉପରେ ଚଡ଼କ ପଡ଼ିଗଲା। ଏପଟେ ଏମିତି ଏକ ଘଟଣା ଯୋଗୁଁ ଗାଁ ବଦନାମ ହୋଇଯିବ ଭାବି ଗ୍ରାମବାସୀ ଓ ଯାଦବ ସମାଜ କିଂକର୍ତ୍ତବ୍ୟ ବିମୁଢ ହୋଇଗଲେ। ଏହାପରେ ମାର୍ଚ୍ଚ ୧୬ ତାରିଖ ଗୁରୁବାର ଦିନ ଅପରାହ୍ନରେ ସରିଆଁ ଗାଁର ବରିଷ୍ଠ ଯାଦବ ମାନଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଧଙ୍ଗଡାମାଝୀ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠି ଗଉଡ, ବ୍ଲକ ସମ୍ପାଦକ ଧରଣୀଧର ଭୋଇ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲ, ବରିଷ୍ଠ ଯାଦବ ଭୋଲାନାଥ ଧଙ୍ଗଡାମାଝୀ, ଭାସ୍କର ମଟାଲି, ଫଟୁ ଛତର ପ୍ରମୁଖଙ୍କ ସହ ଅନେକ ଯାଦବ ସରିଆଁ ଗ୍ରାମରେ ବସି ଦୀର୍ଘ ସମୟଧରି ବିଚାର ବିମର୍ଷ କଲେ। ସରିଆଁ ଗ୍ରାମର ମେନା ଗଉଡ଼ଙ୍କ ପ୍ରସ୍ତାବ କ୍ରମେ ଗାଁର ଅନ୍ୟ ଜଣେ ଝିଅ ସହ ସଂପୃକ୍ତ ବର ଡମ୍ବରୁଧରଙ୍କ ବିବାହ କରାଯିବାକୁ ପ୍ରସ୍ତାବ ଦିଆଗଲା। ଏହାପରେ ସେହି ସରିଆଁ ଗ୍ରାମର କୌରବ ଜାଲଙ୍କ ଝିଅ ଜ୍ୟୋତିଙ୍କ ସହ ସେହି ନିର୍ଦ୍ଦିଷ୍ଟ ତିଥିରେ ବିବାହ କରିବା ପାଇଁ ଯାଦବ ସମାଜ ନିଷ୍ପତ୍ତି ନେଲେ। ଏଥିରେ ଝିଅ ଏବଂ ତାଙ୍କ ପରିବାରର ପୂର୍ଣ୍ଣ ସମ୍ମତି ଥିଲା। ଏପଟେ ହାତରେ ୨୪ ଘଣ୍ଟାରୁ କମ୍ ସମୟ ରହିଛି। କେମିତି ଝିଅର ବାହାଘର କରାଯିବ ? ଏହାପରେ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୃନ୍ଦ ଏବଂ ଗ୍ରାମବାସୀ ସବୁ ଯୋଗାଡ଼ କରିବାରେ ଲାଗିଲେ। ଏପରି ଏକ ମହତ କାର୍ଯ୍ୟ ପାଇଁ ଗ୍ରାମର ସମସ୍ତେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଝିଅର ଚଳଣୀ ସାମଗ୍ରୀ ସବୁ ଆଣି ଦେବାକୁ ଲାଗିଲେ। ମାତ୍ର ୧୨ ଘଣ୍ଟା ଭିତରେ ପଲଙ୍କ, ଟିଭି, ଗଡରେଜ, ଡ୍ରସିଂ ଟେବୁଲ, ପଙ୍ଖା, ବାକ୍ସ, ବାସନ ବର୍ତ୍ତନ ସମେତ ଝିଅର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସବୁ ଠୁଳ ହୋଇଗଲା। ଶେଷରେ ନିର୍ଦ୍ଦିଷ୍ଟ ସମୟରେ ଅର୍ଥାତ୍ ମାର୍ଚ୍ଚ ୧୭ ଶୁକ୍ରବାର ରାତି ୯.୩୦ରେ ବିବାହ କାର୍ଯ୍ୟ ଆରମ୍ଭ ହୋଇ ୧୨ଟାରେ ସମ୍ପନ୍ନ ହେଲା। ଏହି ଆଦର୍ଶ ବିବାହ ଉତ୍ସବରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଦୁଲ୍ଲଭ ମାହାର, ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ, ଜିଲ୍ଲା ମିଡିଆ ସେଲ୍ ଅଧ୍ୟକ୍ଷ ସୁନୀଲ କୁମାର ଧଙ୍ଗଡାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ତଥା ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠି ଗଉଡ, ଉପସଭାପତି ଲିଙ୍ଗରାଜ କରୁଆଁ, ସମ୍ପାଦକ ଧରଣୀଧର ଭୋଇ, ଯୁଗ୍ମ ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲ, ପିତାମ୍ବର ଖୁଣ୍ଟୁଲା, ପ୍ରଫୁଲ୍ଲ ଗଉଡ, କିଶୋର ଗଉଡ, ଅଜିତ କୁମାର ନାୟକ, ଘନଶ୍ୟାମ ଧଙ୍ଗଡାମାଝୀଙ୍କ ସମେତ ଗ୍ରାମର ପ୍ରମୋଦ ଚନ୍ଦ୍ର ଭୋଇ, ବିଜୟ ଭୋଇ, ଗଙ୍ଗା ନାରାୟଣ ଦାଶ, ସ୍ୱାଧିନ ଭୋଇ, ମିଳନ ଭୋଇ, ଶୁକଦେବ ସାହୁ, ଦୁଷ୍ମନ୍ତ ଭୋଇ, ରାମେଶ୍ୱର ଭୋଇ, ସରୋଜ ମହାପାତ୍ର, ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବର ଶିଶୁପାଳ ହେବାରୁ ଅଳ୍ପକେ ବର୍ତ୍ତି ଯାଇ ସୁରୁଖୁରୁରେ ବିବାହ ସମ୍ପନ୍ନ ହୋଇଥିବାରୁ ବରଘର ପକ୍ଷରୁ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା, ନର୍ଲା ବ୍ଲକ ଯାଦବ ସମିତି, ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ, ସରିଆଁ ଯାଦବ ସମାଜ ଓ ଗ୍ରାମବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଯାଦବ ମହାସଭାର ନେତୃତ୍ୱରେ ଏପରି ଏକ ବିବାହ ସଂସ୍କାର ସଂପାଦିତ ହୋଇଥିବାରୁ ରାଜ୍ୟର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ଶିବିରରେ କଳାହାଣ୍ଡି ଜିଲ୍ଲାର କୃତିତ୍ୱ




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଚଳିତ ବର୍ଷ ମାର୍ଚ୍ଚ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତ୍ରି ଦିବସୀୟ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କର ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଥିଲା। ତେବେ ସେହି ଶିବିରରେ କଳାହାଣ୍ଡି ଜିଲ୍ଲାର ସ୍ୱେଚ୍ଛାସେବୀ ଛାତ୍ର-ଛାତ୍ରୀ ଓ ପରାମର୍ଶଦାତାମାନେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ, କୋକସରା ଓ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରିଶିଡାରେ ସଫଳତାର ସହ ଏହି ଦୁଇଗୋଟି ଶିବିର ଆୟୋଜିତ କରାଯାଇଥିଲା। ତେବେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଦୁଇଗୋଟି ସ୍ଥାନରେ ଶିବିର ଅନୁଷ୍ଠିତ ହୋଇଥିବା। ତେବେ ତାମଧ୍ୟରୁ ମୋଟ ଏଗାର ଜଣ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ଓ ୩ ଜଣ ପରାମର୍ଶଦାତା ମନୋନୀତ ହୋଇ ଉକ୍ତ ରାଜ୍ୟ ସ୍ତରୀୟ ଶିବିରରେ ଯୋଗ ଦେଇ ଥିଲେ। ତେବେ ଶିବିରର ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାସ୍ତରୀୟ ସେହି ଦୁଇଗୋଟି ଶିବିରର ସଫଳ ଆୟୋଜନ ପାଇଁ କଳାହାଣ୍ଡି ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଓ ଆବାହକ ସଂପାଦକ ସଞ୍ଜୀବ କୁମାର ସାହୁ ତଥା ଶିବିର ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ରହିଥିଲା। ହେଲେ ତାମଧ୍ୟରୁ ରେଡକ୍ରସ ପରାମର୍ଶଦାତା ଡ. ନୃସିଂହାନନ୍ଦ ସାସମଲଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସମ୍ମାନୀତ କରିଥିଲେ। ତେବେ ଶିବିରରେ ଆୟୋଜିତ ଏକ ସଂଗୀତ ପ୍ରତିଯୋଗୀତା ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସ୍ୱ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟ- ଗୋଲାମୁଣ୍ଡାର ଛାତ୍ର ନବୀନ ଗହିର ଓ ସର୍ବାଧିକ ବାର ରକ୍ତ ଦାତା ଭାବେ ଅମର ଡିଗ୍ରୀ କଲେଜ- କୁସୂର୍ଲା ର ଛାତ୍ର ଚୈତନ୍ୟ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ମଞ୍ଚରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ରେଡକ୍ରସର ସଚିବ ବିଭୂତି ଭୂଷଣ ପଟ୍ଟନାୟକ, ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କୃତିତ୍ୱ ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀ ତଥା ଜିଲ୍ଲାର ସମସ୍ତ ମହା ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ପରାମର୍ଶଦାତା ମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦୁଇଜଣ ଯୁବ ରେଡକ୍ରସ୍ ଅଧିକାରୀ କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ , କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ବିଭାଗ ତରଫରୁ ରକ୍ତଦାନ ଶିବିର , ବୃକ୍ଷ ରୋପଣ, ଅନ୍ଧ ବିଶ୍ୱାସ ଦୂରୀକରଣ, ସଡ଼କ ସୁରକ୍ଷା, ରେଡ୍ ରିବନ୍ କ୍ଲବ୍, ଏଡ଼ସ ନିରାକରଣ, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଆଦି ଅନେକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଯୁବପିଢୀଙ୍କୁ ମାନବ ସେବାରେ ପ୍ରେରିତ କରା ଯାଉଛି ।ତେବେ ଏଭଳି ସ୍ଥିତିରେ ଆମ୍ଭ କଳାହାଣ୍ଡି ଜିଲ୍ଲା ପାଇଁ ସେମାନେ ଗର୍ବ ଓ ଗୌରବ ଆଣିଛନ୍ତି ବୋଲି ଜିଲ୍ଲା ରେଡକ୍ରସ ସଂଯୋଜକ ସାନ୍ତନୁ କୁମାର ପରିଡା ସୂଚନା ଦେଇଛନ୍ତି।

## 'ପଢନା-ଲିଖନା' ପରୀକ୍ଷା କାର୍ଯ୍ୟକ୍ରମ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସାକ୍ଷରତା ହାର ବୃଦ୍ଧି ପାଇଁ ସରକାର ପଢନା ଲିଖନା ଅଭିଯାନ ୨୦୨୨ ଫେବୃଆରୀରୁ ଆରମ୍ଭ ହେଲା । ଗାଁ ଗାଁରେ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସ୍ୱେଚ୍ଛାସେବୀ ଶିକ୍ଷକ ଭାବେ ବଛା ଯାଇଥିଲା। ଏଥିପାଇ ବହିପୁସ୍ତକ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଗଲା। ସେମାନଙ୍କ ଦାୟିତ୍ୱ -ଗାଁରେ ଥିବା୧୫-୩୫ବର୍ଷର ଅଣ ସାକ୍ଷରଲୋକଙ୍କୁ ପାଠ ପଢେଇ ସାକ୍ଷର ରୂପେ ଗଢିତୋଳିବା । ହେଲେ ତାହା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିଲା ।ନା ସ୍ୱେଚ୍ଛାସେବୀ ଯୁବକ ଯୁବତୀ ଲୋକଙ୍କୁ ପାଠ ପଢେଇଲେ ନା ଲୋକ ପାଠ ପଢିବାକୁ ଆସିଲେ। କେବଳ କାଗଜପତ୍ରରେ ପାଠପଢା ଚାଲିଥିବା ବେଳେ ସାକ୍ଷର ଅଭିବୃଦ୍ଧି ହିସାବରେ ବୃଦ୍ଧି ପାଇଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହୁଏ। ଏହାପରେ ଶିକ୍ଷକମାନଙ୍କୁ ଏହି ଅଭିଯାନର ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସଫଳତା ସମ୍ଭବ ହୋଇନଥିବାବେଳେ ରବିବାର ଦିନ ଅଭିଯାନର ପରୀକ୍ଷା ଆରମ୍ଭ ହୋଇଯାଇଛି। ଧର୍ମଗଡ ବ୍ଲକଗୋଷ୍ଠୀ ଶିକ୍ଷା ଅଧୀନରେ ମୋଟ ୮୮୨ଜଣ ଅଣସାକ୍ଷର ହିତାଧିକାରୀଙ୍କୁ କେତେ ସାକ୍ଷାର ହୋଇଥିବା ନେଇ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟର ପ୍ରତ୍ୟେକ ବିଦ୍ୟାଳୟ ଅଧୀନରେ ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ଅପରାହ୍ନ୫ଟା ଯାଏ ହେବା ବ୍ୟବସ୍ଥା ରହିଛି। ଶିକ୍ଷକମାନେ ଗାଁ ଗାଁରେ ୧୫-୩୫ବର୍ଷ ଅଣସାକ୍ଷାରମାନଙ୍କୁ ନେଇ ପରୀକ୍ଷା କରୁଥିବା ବେଳେ ଅଭିଯାନକୁ ନେଇ କୌତୁହଳ ସୃଷ୍ଟି ହେଇଛି। ତେବେ ଅନେକ ଲୋକଙ୍କ କହିବା ମତେ ଶିକ୍ଷକମାନେ ଯିଏ ଆଗରୁ ସାକ୍ଷର ସେମାନଙ୍କୁ ନେଇ ପରୀକ୍ଷା କରିଥିବା ନେଇ ଆଲୋଚନା ହେଉଛି। ଅଭିଯାନ ଯେବେଠୁ ଆରମ୍ଭ ହୋଇଛି ତେବେଠୁ କୋଉଦିନ ମଧ୍ୟ ଲୋକଙ୍କୁ ପାଠପଢା ଯାଇ ନାହିଁ ତେବେ କେମିତି ଅଣସାକ୍ଷାର ଧାରୀ ପରୀକ୍ଷା ଦେବେ ତାହା ସମସ୍ତଙ୍କୁ ଚକିତ କରିଛି। ତେବେ ପରୀକ୍ଷାର ଫଳାଫଳ କ'ଣ ହେବ ସମୟ ସାପେକ୍ଷ। ଏନେଇ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବ କିଶୋର ସାହୁଙ୍କୁ ପଚାରିବାରୁ ଏହା କେବଳ ଅଣସାକ୍ଷରମାନଙ୍କୁ ସାକ୍ଷାର କରିବା ଏକ ପ୍ରୟାସ ବୋଲି କହିଥିଲେ।

## ରାଶିଫଳ

ସୋମବାର, ୨୦ ମାର୍ଚ୍ଚ ୨୦୨୩



**ମେଷ :** ସମୟ ପ୍ରାୟତଃ ଅନୁକୂଳ ରହିବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ଆର୍ଥିକକ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବା ଫଳରେ ମାନସିକ ଚିନ୍ତା ଦୂରେଇ ଯିବ ।



**ବୃଷ :** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ । ପାରିବାରିକ ଜୀବନ ସୁଖମୟ ହେବ । ଗସ୍ତ କାର୍ଯ୍ୟକ୍ରମ ସ୍ଥଳରେ ବହୁ ସମୟ ବାହାରେ କଟାଇ ବାକୁ ବାଧ ହେବେ ।



**ମିଥୁନ :** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଶ୍ରମ ଅଧିକ କରିବେ । ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଭଳି ଆଧାତ୍ମିକ ଭାବଧାରା ଦିଗରେ ମନ ବଳିବ ।



**କର୍କଟ :** ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତିବ । ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ । ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇପାରେ । ଶିକ୍ଷା କ୍ଷେତ୍ରରେ ପରିଣାମ ଅନୁକୂଳ ହେବ । ଭାଇବନ୍ଧୁ ମିତ୍ରଙ୍କଠାରୁ ସହଯୋଗ ପାଇବେ ।



**ସିଂହ :** ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ, ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ, ଆର୍ଥିକ ଦିଗର ଅଭିବୃଦ୍ଧି, ଶତ୍ରୁନାଶ ଯୋଗ ସହିତ ଧାର୍ମିକ ଜୀବନଚର୍ଯ୍ୟାର ଅଧିକାରୀ ହେବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ ।



**କନ୍ୟା :** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବ, ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାର ରେ ସଫଳ ହେବେ, ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ, ବ୍ୟବସାୟରେ ଉନ୍ନତି, ଲାଭପ୍ରାପ୍ତି, ସଫଳତା ଅର୍ଜନ କରିବା ସହ ଦୂରଯାତ୍ରାର ସୁଯୋଗ ପାଇବେ।



**ତୁଳା :** କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆର୍ଥିକ ଉନ୍ନତି ସହ କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ, ବ୍ୟବସାୟକୁ ପ୍ରସାରିତ କରି ଏକ୍ସପୋର୍ଟ, ଇନ୍‌ପୋର୍ଟ, ହାଣ୍ଡିକ୍ରାଫ୍ଟ, ଫର୍ଣ୍ଣିଚର ଓ ବ୍ୟବସାୟରେ ମଧ୍ୟ ଅତ୍ୟନ୍ତ ଲାଭାନ୍ୱିତ ହେବେ ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ, ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ, ରାଜନୀତିରେ ସଫଳତା ମିଳିବ, କର୍ମକ୍ଷେତ୍ରଟି ସୁଦୃଢ ହେବ, ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ, ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ।



**ଧନୁ :** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ, ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ, ପ୍ରତିଷ୍ଠା ମିଳିବ । ଦୂରଯାତ୍ରାର ସୁଯୋଗ ଆସିବ । ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ ।



**ମକର :** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ, ଗୃହୋପକରଣ କ୍ରୟ କରିବେ । ପିଲାମାନଙ୍କ ପାଠପଢା ସମସ୍ୟାରେ ଉନ୍ନତି ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ । ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ ।



**କୁମ୍ଭ :** ଶତ୍ରୁମାନେ ମୁଣ୍ଡ ନୂଆଇଁବେ, ରାସ୍ତାଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତା'ଠାରୁ ହିଁ ଅଧିକ ଆଘାତ ପାଇବେ । ବହୁତ ଦିନରୁ ରଖିଥିବା ଧନ ଭିନ୍ନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ, ସ୍ଥାନାନ୍ତରର ସୂଚନା ପାଇ ପାରନ୍ତି ।



**ମୀନ :** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ଓ ଋଣରୁ ମୁକ୍ତି ମିଳିବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ପାରିବାରିକ ସମସ୍ୟାକୁ ସମାଧାନ କରି ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ମାସିକ ବୈଠକ ସ୍ଥାନୀୟ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାଗିରଥୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକାରୀ ସଂପାଦକ ଜୟକୃଷ୍ଣ ସ୍ୱାଇଁ ବୈଠକ ଓ ପରିଭ୍ରମଣ ବିବରଣୀ ପାଠ କରିଥିବାବେଳେ ପରିଭ୍ରମଣ ପାଇଁ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ସହଯୋଗ ପାଇଁ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । କୋଷାଧ୍ୟକ୍ଷ ତ୍ରିଲୋଚନ ପଣ୍ଡା ଓ ନିକୁଞ୍ଜ କିଶୋର ପଣ୍ଡା ଆୟବ୍ୟୟ ସମୀକ୍ଷା କରିଥିବାବେଳେ ସମ୍ପାଦକ ସୁକାନ୍ତ କୁମାର ମହାନ୍ତି ଆସନ୍ତା ଜୁନ୍ ମାସରେ ସଂଘର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଅନୁରୋଧ କରିଥିଲେ । ସଭ୍ୟ ଅକ୍ଷୟ କୁମାର ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ନୂତନ ସଭ୍ୟ ଭାବେ ଅନିଲ କୁମାର ରାଉତ ଓ ଶିବ ପ୍ରସାଦ ପତିଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଅତିଥି ଶିକ୍ଷକମାନଙ୍କ ବୟସ ବୃଦ୍ଧି ଓ ବର୍ଦ୍ଧିତ ହାରରେ ମାସିକ ଭତ୍ତା ଓ ସ୍ୱାସ୍ଥ୍ୟ ଚିକିତ୍ସା ଭତ୍ତା ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା । ଶେଷରେ ବିଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଲା କୁକୁର କାମୁଡ଼ାରେ ୮ଜଣ ଗୁରୁତର





ବୌଦ୍ଧ,(ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୁରୁଣା କଟକ ପଞ୍ଚାୟତ ଅଞ୍ଚଳରେ ରବିବାର ବୁଲା କୁକୁର ଆକ୍ରମଣରେ ୮ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ପ୍ରାପ୍ତ ଘଟଣାରୁ ପ୍ରକାଶ ଯେ ରବିବାର ପୁରୁଣା କଟକ ଅଞ୍ଚଳରେ ଏକ ବୁଲା କୁକୁର ବିଭିନ୍ନ ସ୍ଥାନରେ କ୍ରମାଗତ ଭାବେ ୮ଜଣଙ୍କୁ କାମୁଡ଼ି ଦେଇଥିଲା । ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ପ୍ରାପ୍ତ ସୂଚନା ମତେ ରବିବାର ସକାଳ ୭ଟା ସମୟରେ ଏକ ବୁଲା କୁକୁର ପୁରୁଣାକଟକ ରାସ୍ତାରେ ଯାଉଥିବା ମହିଳା ଓ ପୁରୁଷ ମାନଙ୍କୁ କାମୁଡ଼ିବାରେ ଚାଗିଥିଲା । ଏଥିରେ ୮ ଜଣ ଗୁରୁତର ଆହତ ହୋଇଥିଲେ । ଆହତମାନେ ହେଲେ ପୁରୁଣାକଟକ ଅଞ୍ଚଳର ଉଦ୍ଧଲା ଚୀନରା, ମାନସ ସାହୁ, ଅଞ୍ଜଳି ବଗର୍ତି, ତପନ ମୁଦୁଲି, ସୌଭାଗ୍ୟ ଅମାତ, ପବିତ୍ର ସାହୁ, ଅମ୍ବି ନାୟକ, ବିଜୟ ଚୌଧୀରି ବୋଲି ଜଣାଯାଇଛି । ସମସ୍ତ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି ।

## ଜଳପଥ ଅବରୋଧକୁ ଗ୍ରାମବାସୀଙ୍କ ବିରୋଧ

ଏରସମା, (ଭାସ୍କର ନ୍ୟୁଜ୍) : ଏରସମା ତହସିଲ ଅନ୍ତର୍ଗତ ନାରଦିଆ ପଞ୍ଚାୟତ ଦେଇ ପ୍ରବାହିତ ହଁସୁଆ ନଦୀର ଉଦ୍‌ବୃତ୍ତ ଜଳ ନିଷ୍କାସିତ ପଥକୁ ଜୈନିକ ବ୍ୟକ୍ତି ଅବରୋଧ କରିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି । ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସିମାଇଁ ଭୋଳଙ୍କୁ ଅଭିଯୋଗ କରିବା ସହିତ ଏରସମା ତହସିଲଦାର ସନ୍ଧ୍ୟାଞ୍ଜଳୀ ମାଝି, ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଏରସମା ତହସିଲ ଅଧୀନରେ ଥିବା କିଛି ସରକାରୀ ଜଳ ନିଷ୍କାସନ ପଥକୁ କିଛି ଅସାଧୁ କର୍ମଚାରୀଙ୍କ ସହାୟତାରେ ନ୍ୟସ୍ତସ୍ୱାର୍ଥବାଦୀ ଲୋକମାନେ ଅବରୋଧ କରିଛନ୍ତି । ନାରଦିଆ ପଞ୍ଚାୟତର ମୁସଲିମ ସାହା ପିତା ଇନା ଶାହା ନାରଦିଆ ପଞ୍ଚାୟତ ଏବଂ ଜାନକାଦେଇପୁର ପଞ୍ଚାୟତ ନରସିଂହପୁର ମଧ୍ୟସ୍ଥଳରେ ଯାଇଥିବା ହାଁସୁଆ ନଦୀର ଉଦ୍‌ବୃତ୍ତ ଜଳ ନିଷ୍କାସନ ପଥକୁ ଅବରୋଧ କରି ଏକ ଦିଆଲ ନିର୍ମାଣ କରୁଛନ୍ତି । ଯାହାଦ୍ୱାରା ନାରଦିଆ ଓ ଜାନକାଦେଇପୁର ଦୁଇ ଗୋଟି ପଞ୍ଚାୟତର ଚାଷଜମି ବର୍ଷାଦିନେ ଜଳମଗ୍ନ ହେବ । ପ୍ରତାପ କୁମାର ରାମ, ପ୍ରଭାତ ରଞ୍ଜନ ଜେନା, ଫକୀର ମହାନ୍ତି, ନିତ୍ୟାନନ୍ଦ ପାଳ, ସୁବ୍ରତ ମହାନ୍ତି, ରବୀନ୍ଦ୍ର ସାହୁ, ରବିନା ସାହୁ, ଚନ୍ଦ୍ରଶେଖର ମହାନ୍ତି, ଆଶିଷ କୁମାର ଜେନା ପ୍ରମୁଖ ଜଳପଥ ଅବରୋଧକୁ ବନ୍ଦ ରଖି ଦୁଇଗୋଟି ପଞ୍ଚାୟତର ଜଳପଥକୁ ମୁକ୍ତ କରିବା ପାଇଁ ଅଭିଯୋଗ କରିଛନ୍ତି । ।

## ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ରାଣୀପଡା ଗ୍ରାମର ଅଜୟ ଲେଙ୍କାଙ୍କ ଦିବ୍ୟାଙ୍ଗ ପୁତ୍ର ରାଜକିଶୋର ଲେଙ୍କାଙ୍କୁ ଆଜି କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଏକ ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଛି । ସେ ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବାରୁ ଯାତାୟାତ କରିବାକୁ ଅକ୍ଷମ ହୋଇ ପଡିଥିଲେ । ଏହି ସୂଚନା ପାଇବାର ଦୁଇଘଣ୍ଟା ପରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, କୁଜଙ୍ଗ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଙ୍ଗ୍ରାମ କେଶରୀ ମହାନ୍ତି ପ୍ରମୁଖ ପୀଡିତଙ୍କ ଘରକୁ ଯାଇ ତାଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ କରିଥିଲେ । କୁଜଙ୍ଗ ବ୍ଲକ ପ୍ରଶାସନର ତ୍ୱରିତ ପଦକ୍ଷେପକୁ ପରିବାର ତରଫରୁ କୃତଜ୍ଞତା ଜଣାଇଛନ୍ତି ।

## ଜୋରସୋରରେ ଆଗେଇ ଚାଲିଛି 'ନଗର ବନ ପ୍ରକଳ୍ପ' କାମ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ନୂତନ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ଓ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରବୀର କୁମାର ମୁର୍ମୁଙ୍କ ଉଦ୍ୟମରେ କରଞ୍ଜିଆ ସହରରେ ବନ ବିଭାଗ ପକ୍ଷରୁ 'ନଗର ବନ ପ୍ରକଳ୍ପ' ଆରମ୍ଭ କରାଯାଇଛି । ଏହି ପ୍ରକଳ୍ପଟି ସହରର ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଏବଂ ଆମୋଦନ ବିନୋଦନ ପାଇଁ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ପ୍ରାୟ ୧୧ ଏକର ଜମିରେ ନିର୍ମିତ ହେଉଛି । ଏହାର ନିର୍ମାଣ ବନ ବିଭାଗ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ, କରଞ୍ଜିଆ ବ୍ଲକ ଏବଂ ଉପଜିଲ୍ଲାପାଳ କାର୍ଯ୍ୟାଳୟ ମିଳିତ ସହଯୋଗରେ ଆରମ୍ଭ ହୋଇଛି । ଏହା ଭିତରେ ଓପନ୍ ଏଆର ଜିମ୍, ସୁଶୋଭିତ ଉଦ୍ୟାନ, ଖେଳ କସରତ ପାଇଁ ଉପକରଣ ରହିବା ସହ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରାଯିବାର ବ୍ୟବସ୍ଥା କରାଯାଇଛି । ବନ ବିଭାଗର ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସହରବାସୀ ଆନନ୍ଦର ସହ ଉପଭୋଗ କରିବା ପାଇଁ ବ୍ୟାକୁଳ ବୋଲି ନିକଟରେ ରହୁଥିବା ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ,କୁକୁଡ଼ା ବ୍ୟବସାୟୀ ମନୋଜ ସେଠୀ କହିଛନ୍ତି । ତେବେ ଏହି ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା ପାଇଁ ବନ ବିଭାଗକୁ ସହରବାସୀ ନିବେଦନ କରିଛନ୍ତି ।



## ଅରବିନ୍ଦ ଦାସଙ୍କ ଏକାଦଶାହରେ ସ୍ମୃତିସଭା



ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡବିଷ୍ଣୁନପୁର ପଞ୍ଚାୟତର ଦାସମଠ ଗ୍ରାମର ଅରବିନ୍ଦ ଦାସଙ୍କ ଏକାଦଶାହ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ଏରସମା ବ୍ଲକ ସଭାପତି ଓ ୩ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ଏରସମାର ଯୁବ ସମାଜସେବୀ ରୋହିତ କୁମାର ସ୍ୱାଇଁ, ଗଡବିଶୁନୁପୁରୁ ପଞ୍ଚାୟତ ଯୁବ ବିଜେଡ଼ି ସଭାପତି ହରିହର ମଣ୍ଡଳ, ୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ରାନୀ ଟୁଡୁ, ଜିଲ୍ଲା ଉପ ସଭାପତି ବୈଦ୍ୟନାଥ ବିଶ୍ୱାଳ, ଯୁବ ସମାଜସେବୀ କାମଦେବ ପ୍ରଧାନ, ପ୍ରଭାକର ବେହେରା, ପଞ୍ଚାୟତ ସଭାପତି ଶ୍ରୀକାନ୍ତ ଗୁରୁ, ଛାତ୍ର ସଂଗଠକ ରଶ୍ମି ରଞ୍ଜନ ବେହେରା, ଗଗନ ଗୁରୁ, ପ୍ରେମାନନ୍ଦ ମଲ୍ଲିକ, ବାସୁଦେବ ଖଣ୍ଡାୟତ, ଜୟପ୍ରକାଶ ମାଇତି, ବାବୁଲି ସେଠୀ, ପରିମଣ ଭୈମିକ, ସରୋଜ ମଣ୍ଡଳ, ଅବନି ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ମିଥୁନ ମଣ୍ଡଳ, ଦିପକ ମଣ୍ଡଳ ପ୍ରମୁଖ ସମସ୍ତ ମାନ୍ୟ ଗଣ ବ୍ୟକ୍ତି ଓ ଯୁବକ ଛାତ୍ର ଶ୍ରୀଯୁକ୍ତ ଦାସଙ୍କ ସ୍ମୃତି ଚାରଣ କରିଥିଲେ ।

## ଗଛ ପଡି ଭାଙ୍ଗିଗଲା ୩ ଘର

### ଅଳ୍ପକେ ବର୍ତ୍ତିଲେ ତିନି ପରିବାରର ସଦସ୍ୟ

ଜୟପୁର, (ଭାସ୍କର ନ୍ୟୁଜ୍) : ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡାରେ ଗଛ ପଡି ତିନୋଟି ଘର ଭାଙ୍ଗି ଯାଇଛି । ଗତକାଲି ରାତିରେ ପ୍ରବଳ ପବନ ସହ ବର୍ଷା ହେବାରୁ ଘର ଉପରେ ଗଛ ପଡିଯାଇଥିଲା । ପର୍ଶୁ ରାମ ତନ୍ତି, ଗଣେଷ ତନ୍ତି, ହରେକୃଷ୍ଣ ତନ୍ତିଙ୍କ ଘରେ ଲୋକମାନେ ଶୋଇଥିବା ବେଳେ ଗଛ ପଡିବାରୁ ଘରୁ ବାହାରି ପଡିଥିଲେ । ଯାହାଫଳରେ ସେମାନେ ଏକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ୩ଟି ପରିବାର । ଏ ସମ୍ପର୍କରେ ସମାଜସେବୀ ବି ହରିରାଓ ଜୟପୁର ଦମକଳ ବିଭାଗକୁ ଖବର ଦେଇଥିଲେ । ଦମକଳ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ଜଣାଯାଇଛି ।



## ପୁସ୍ତକ 'ନାରାୟଣ ପଦ୍ୟାବଳୀ' ଲୋକାର୍ପିତ



ବୋଲଗଡ, (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ଆରାଧ୍ୟ ଠାକୁର ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଛନ୍ଦ କବି ସ୍ୱର୍ଗତ ନାରାୟଣ ଅଧିକାରୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବା ସହ ତାଙ୍କ ରଚିତ 'ନାରାୟଣ ପଦ୍ୟାବଳୀ' ପୁସ୍ତକ ଲୋକାର୍ପଣ କରାଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପଣ୍ଡିତ ଡ଼ଃ ଅଖିଳେଶ ପ୍ରସାଦ ପଣ୍ଡା ପୌରୋହିତ୍ୟ କରିଥିଲେ । ରବିବାର ପୂର୍ବାହ୍ନରେ ଶିକ୍ଷାବିତ ବିଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନିହାରିକା ପଣ୍ଡାଙ୍କ ମଙ୍ଗଳାଚରଣ ପାଠସହ ସମାରୋହର ଶୁଭ ଉଦ୍ଘାଟନ ହୋଇଥିଲା । କାର୍ଯ୍ୟକ୍ରମ ଆବାହକ ଅବସରପ୍ରାପ୍ତ ବିଚାରବିଭାଗୀୟ ଅଧିକାରୀ ନୀଳକଣ୍ଠ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କବି ପରିଚୟ ଦେଇଥିଲେ । ଏଥିରେ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟବକ୍ତା, ବେଗୁନିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଓ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଅଧିକାରୀଙ୍କ କାଳଜୟୀ ରଚନାବଳୀ ଯୁଗେ ଯୁଗେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଫେସର ଶ୍ରୀ ପାଣିଗ୍ରାହୀ କବିଙ୍କ ରଚନାରୁ ଏକ ଭଜନ ପରିବେଷଣ କରିଥିଲେ । ଏହି ଅବସରରେ କବିଙ୍କ ଦ୍ୱାରା ରଚିତ 'ନାରାୟଣ ପଦ୍ୟାବଳୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅନୁଷ୍ଠିତ ସାହିତ୍ୟ ସଭାରେ ପାଲାଗାୟକ ଶ୍ୟାମସୁନ୍ଦର ତ୍ରିପାଠୀ , ବିଶ୍ୱନାଥ ପଣ୍ଡା, ବ୍ରଜବନ୍ଧୁ ବେହେରା, ମୁରଲୀଧର ବେହେରା, ରଘୁନାଥ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା ଓ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ କବିଙ୍କ ସ୍ମୃତିଚାରଣ କରିବା ସହ କବିତାପାଠ କରିଥିଲେ । ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ

ଜୟପୁର, (ଭାସ୍କର ନ୍ୟୁଜ୍) : ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନି ଜୟପୁର ରଜାନହର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି । ପାରମ୍ପରିକ ଆୟୁର୍ବେଦ ଚିକିତ୍ସାର ପ୍ରଚାର ପ୍ରସାର ଓ ବିକାଶ ନିମନ୍ତେ ପରିଷଦର ବାର୍ଷିକ ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ସୁଦର୍ଶନ ଗୌଡ, ସମ୍ପାଦକ ପରମେଶ୍ୱର ପାତ୍ର, ଉପସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା, ସତ୍ୟନାରାୟଣ ପରିଚ୍ଛା, ରାମ ଗୌଡ, ଭବନୀ ଚରଣ ଆଚାର୍ଯ୍ୟ, ସୂର୍ଯ୍ୟନାରାୟଣ ମିଶ୍ର, ଶ୍ରୀନିବାସ ପାତ୍ର, ତାରିଣି ଚରଣ ପାଢୀ, ଆନନ୍ଦ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ସହରରେ ଏକ ଆୟୁର୍ବେଦ ଦାତବ୍ୟ ଚିକିତ୍ସାଳୟ ଓ ତାଲିମ କେନ୍ଦ୍ର ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପରିଷଦର ଲକ୍ଷ୍ୟ ହେଲା ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସାର ପ୍ରଚାର, ପ୍ରସାର ଓ ବିକାଶ, ଦୁର୍ଲ୍ଲଭ ଆୟୁର୍ବେଦୀୟ ଦ୍ରବ୍ୟ ଓ ଔଷଧ ଗ୍ରନ୍ଥାଦିର ଦିଗଦର୍ଶନ, ସରକାରଙ୍କ ଠାରେ ଦାବି ଜଣାଇ ଦାତବ୍ୟ ଔଷଧାଳୟ ସ୍ଥାପନ, ଗାଁ ବଇଦମାନଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢାଇବା, ମଗାଣାରେ ସ୍ୱାସ୍ଥ୍ୟ ଶିବିର ଗଠନ କରିବା ଆଦି ରହିଥିବା ସୂଚନା ଦିଆଯାଇଛି ।

## କୋଟିପତି ଏମ୍‌ଆଇଙ୍କ ଦବଙ୍ଗଗିରି, ମାସକୁ ଚାନ୍ଦା ଲକ୍ଷେ

## ଜୀବିତ ବିଧବାକୁ ମୃତ ଦର୍ଶାଇ ଧନୀକୁ ଦେଲେ ଚାଉଳ

ରାଜନଗର, (ଭାସ୍କର ନ୍ୟୁଜ୍) : ସମାଜରେ ଦରିଦ୍ର ସୀମାରେଖା ତଳେ ରହୁଥିବା ଅଭାବୀ ଭୂମିହୀନ ଗରିବ ଜନସାଧାରଣଙ୍କ ପାଇଁ ୨୦୧୩ ମସିହାରେ କେନ୍ଦ୍ର ସରକାର ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରିଥିଲେ । ଏହି ଆଇନର ନିତିନିୟମ କାଗଜପତ୍ରରେ ରହିଗଲା । ଏଥିରେ ସୁବିଧା ପାଇଲେ ଗାଡି ମଟର କୋଠାଥିବା ଧନୀକ ଶ୍ରେଣୀର ଲୋକମାନେ । ଗରିବମାନେ ଯେଉଁ ତିମିରକୁ ସେହି ତିମିରରେ ରହୁଛନ୍ତି । ଯାହାକି କାର୍ଡଧାରୀ ଅଯୋଗ୍ୟ ହୋଇଥିବାରୁ ସେମାନେ ଚାଉଳ ନନେଇ ଡିଲର ଠାରୁ ଚାଉଳ କିଲୋ ପିଛା ୧୫ଟଙ୍କା ହିସାବରେ ଟଙ୍କା ନେଉଥିବା ଯୋଗାଣ ଅଧିକାରୀଙ୍କ ଜାଣତରେ ଏପରି ଅନିୟମିତ କାର୍ଯ୍ୟ ହେଉଛି । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଯୋଗାଣ ବିଭାଗରେ । ଏଠାରେ ଥିବା ଯୋଗାଣ ଅଧିକାରୀ ଡିପି ଦାସଙ୍କ ନାଁରେ ଅନିୟମିତ ଦୁର୍ନୀତିର ପୁଳା ପୁଳା ଅଭିଯୋଗ ଲାଗିରହିବା ସହ ଗଣମାଧ୍ୟମରେ ବହୁବାର ପ୍ରକାଶ ପାଇଛି । କଥାରେ ଅଛି ପଣ୍ଡିତଙ୍କ ପୁଅ ମଣିଷ ମାରିଲେ ଦୋଷ ନାହିଁ, ସେହିପରି ସରକାରଙ୍କର କୋଠପୁଅ ସାଜିଥିବା ଏବଂ ମାସକୁ ଲକ୍ଷେ ଟଙ୍କା ଚାନ୍ଦା ଦେଉଥିବା କୋଟିପତି ଯୋଗାଣ ଅଧିକାରୀ ଶ୍ରୀ ଦାସ ଯେତେ ରିଲିଫ ଚାଉଳ ଠାରୁ କୁଟା ଚାଉଳ, ରେସନକାର୍ଡରେ ଦୁର୍ନୀତି କରୁଥିଲେ ମଧ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଡିଓଙ୍କର ପାଟି ବନ୍ଦ ହୋଇଥିବା ବେଳେ ଜିଲ୍ଲାପାଳଙ୍କର କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ତରୀକତାର ଅଭାବ ଦେଖା ଦେଇଛି । ଏପରି ଏକ ସଙ୍ଗିନୀ ଅଭିଯୋଗ ଯୋଗାଣ ଅଧିକାରୀଙ୍କ ନାମରେ ଆଣିଛନ୍ତି ଜଣେ ଅସହାୟ ବିଧବା ମହିଳା । ଏହି ବ୍ଲକର ବେଲପାଳ ପଞ୍ଚାୟତ ସଦର ମହକୁମାର ସ୍ୱର୍ଗତ ଘନଶ୍ୟାମ ବାରିକଙ୍କ ବିଧବା ପତ୍ନୀ ଫୁଲ ବେଓ୍ୱା ନିଃସ୍ୱ ଅସହାୟ ହୋଇଥିବାରୁ ବଞ୍ଚିବା ପାଇଁ ୨୦୧୫ ମସିହାରେ ୧୭୦୯୧୩୧୧୯୩୯ ନମ୍ବର ପ୍ରକାରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଏକ କାର୍ଡ ମିଳିଥିଲା । ସେହି କାର୍ଡରେ ୩୫ କେଜି ଚାଉଳ ନେଇ ଜୀବିକା ନିର୍ବାହ କରୁଥିଲେ । ହେଲେ ୨୦୨୨ ଡିସେମ୍ବରରେ ରେସନ ଆଣିବାକୁ ଯାଇଥିବାବେଳେ ସେଠାରେ ଆଖି ସ୍କାନ କରିବାକୁ ଯାଇ ଜାଣିବାକୁ ପାଇଲେ ତାଙ୍କର ଅନ୍ତ୍ୟୋଦୟ କାର୍ଡ କଟି ଯାଇଛି । ଏନେଇ ମନ ଦୁଃଖରେ ବିଧବା ଫୁଲ ଡିଲରଙ୍କୁ ପଚାରିବାରୁ ସେ କହିଥିଲେ ବ୍ଲକରେ ଯୋଗାଣ ଅଧିକାରୀ ଶ୍ରୀ ଦାସଙ୍କୁ ଯାଇ ପଚାର । ଦୁଃଖିନୀ ଅସହାୟ ମହିଳା ରାଜନଗର ଯାଇ ଯୋଗାଣ ଅଧିକାରୀଙ୍କୁ ପଚାରିବା ପରେ ତାଙ୍କ ଠାରୁ କୌଣସି ଉତ୍ତର ନମିଳିବାରୁ ବିଡିଓଙ୍କୁ ଅଭିଯୋଗ କରିଥିଲେ । କିନ୍ତୁ ଚତୁରତା ସହିତ ପରବର୍ତ୍ତୀ ସମୟରେ ମହିଳାଙ୍କୁ ମୃତ ଦର୍ଶାଇ କାର୍ଡ କାଟି ଦିଆଯାଇଥିବା ମହିଳା ଜଣକ ଜାଣିବାକୁ ପାଇଥିଲେ । ସାଧାରଣରେ ପ୍ରଶ୍ନ ଉଠୁଛି ଜଣେ ଜୀବିତ ମହିଳାକୁ ମୃତ ଦର୍ଶାଇ ଅନ୍ତ୍ୟୋଦୟ କାର୍ଡ କାଟି ଦେବା ପଛରେ କି ରହସ୍ୟ ରହିଛି ତା'ର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଯେତେବେଳେ ଜନଶୁଣାଣି ହୁଏ ସେତେବେଳେ ଯୋଗାଣ ଅଧିକାରୀଙ୍କ ନାମରେ ଦୁର୍ନୀତି ଶୀର୍ଷରେ ରହିଥାଏ । ରିଲିଫ ଚାଉଳ ଠାରୁ କୁଟା ଚାଉଳ ତଥା ଗହମର ଅନିୟମିତ ଯୋଗାଣ ଓ ହରିଲୁଟ୍ ପର୍ଯ୍ୟନ୍ତ ସବୁଥିରେ ମାଷ୍ଟର ମାଇଣ୍ଡ ଯୋଗାଣ ଅଧିକାରୀଙ୍କର ହାତଥାଏ ବୋଲି ଅଭିଯୋଗ ହୋଇଛି ।

## ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାପାଳ ବିନିତ୍ ଭରଦ୍ୱାଜ ଓ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଚଳିତ ମାସ ୨୦ ତାରିଖ ସୋମବାର ଦିନ ପାଞ୍ଚପିଡ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି କେନ୍ଦ୍ରରେ ଉପଖଣ୍ଡର ସମସ୍ତ ବ୍ଲକର ଅଧିବାସୀମାନେ ନିଜର ଆପତ୍ତି ଅଭିଯୋଗ କରିପାରିବେ । ଏହି ଶୁଣାଣି କେନ୍ଦ୍ରରେ ଉପଖଣ୍ଡର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିବେ । ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କେନ୍ଦ୍ରରେ ଅଧିକରୁ ଅଧିକ ଲୋକ ଉପସ୍ଥିତ ରହି ନିଜର ଆପତ୍ତି ଅଭିଯୋଗ କରିବାକୁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଓକେସିଏଲ୍ ପକ୍ଷରୁ ଗଡ଼ିଲା ସଚେତନତା ରଥ



ରଘୁନାଥପୁର,(ଭାସ୍କର ନ୍ୟୁଜ୍) : କମ୍ପ୍ୟୁଟର ଯୁଗରେ ସମୟ ସହ ତାଳଦେଇ ଆଗେଇବା ପାଇଁ କମ୍ପ୍ୟୁଟର ଶିକ୍ଷା ଅନିର୍ବାର୍ଯ୍ୟ ହୋଇପଡିଛି । ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଓକେସିଏଲ୍ (ଓଡିଶା ନଲେଜ କର୍ପୋରେସନ ଲିମିଟେଡ଼) ସିଏସ୍‌ସି କମ୍ପ୍ୟୁଟର ଷ୍ଟଡି ଆଣ୍ଡ କୋଚିଂ ଏକାଡେମୀ ପକ୍ଷରୁ ଶନିବାର ରଘୁନାଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ସଚେତନତା ରଥ ପରିକ୍ରମା କରିଛି । ବିଡିଓ ତପନ ସେନାପତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଏହି ରଥର ଶୁଭାରମ୍ଭ ହୋଇଛି । ମହାରାଷ୍ଟ୍ର ଏବଂ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଓକେସିଏଲ ଦ୍ୱାରା ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା ଉନ୍ନତମାନର ଓ ଏହାର ସାର୍ଟିଫିକେଟ ସମସ୍ତ କ୍ଷେତ୍ରରେ ଗ୍ରହଣୀୟ ହେଉଥିବାରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇଛି । ଗ୍ରାମାଞ୍ଚଳର ପିଲାମାନେ କିପରି କମ୍ପ୍ୟୁଟର ଜ୍ଞାନ ପ୍ରତି ଦକ୍ଷତା ହାସଲ କରିପାରିବେ ସେଥିପ୍ରତି ଯଥେଷ୍ଟ ନଜର ଦିଆଯିବ ବୋଲି ସଂସ୍ଥାର ପରିଚାଳକ ଆଶିଷ କୁମାର ଦାସ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସରିତ ମହାପାତ୍ର, ସହଯୋଗୀ ମାନସ କୁମାର ଦାସ ଓ କେଦାରନାଥ ସାହୁ ଉପସ୍ଥିତ ଥିଲେ ।

## ଅବକାରୀ ଚଢ଼ଉ : ୭୦ଲିଟର ମଦ ଜବତ, ଜଣେ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଛାମୁଣ୍ଡା ଗାଁ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ବେଆଇନ ମଦ ବିଦେଶୀ ମଦ ଚାଲାଣବେଳେ ଜଣକୁ ଗିରଫ କରିଛି ଭଞ୍ଜନଗର ଅବକାରୀ ବିଭାଗ । ଘଟଣାସ୍ଥଳରୁ ୭୦ ଲିଟର ବିଦେଶୀ ମଦ ଜବତ ହୋଇଥିବା ଜଣାପଡିଛି । ଜବତ ମଦରେ ବିଭିନ୍ନ ରକମର ୧୯୦ ବିଦେଶୀ ମଦ ବୋତଲ ରହିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ, ନିକଟସ୍ଥ ଛାମୁଣ୍ଡା ଗାଁର କେ. ଶନିଶ୍ଚର ପାତ୍ର । ଅବକାରୀ ଅଧିକ୍ଷକ ଦେବୀ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିଲା । ସୂଚନା ପ୍ରକାରେ ଭଞ୍ଜନଗର ଅବକାରୀ କର୍ମଚାରୀମାନେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ଭାବେ ମଦ ଚାଲାଣ ହେଉଥିବା ଖବର ପାଇଥିଲେ । ଏ ସମ୍ପର୍କରେ ଖବର ପାଇ ଅବକାରୀ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭଞ୍ଜନଗର ଅବକାରୀ ଅଧିକାରୀ ଅଲ୍ଲିଭା ମାଝି ସୂଚନା ଦେଇଛନ୍ତି । ଚଢାଉରେ ସନାତନ ନାହକ,ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଜଗନ୍ନାଥ ପ୍ରଧାନ ଓ ସ୍ୱାଧୀନ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ରାଶିଫଳ

**ସୋମବାର, ୨୦ ମାର୍ଚ୍ଚ ୨୦୨୩**



***ମେଷ :*** ସମୟ ପ୍ରାୟତଃ ଅନୁକୂଳ ରହିବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢ଼ିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ଆର୍ଥିକକ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବା ଫଳରେ ମାନସିକ ଚିନ୍ତା ଦୂରେଇ ଯିବ ।



***ବୃଷ :*** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ । ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ । ପାରିବାରିକ ଜୀବନ ସୁଖମୟ ହେବ । ଗସ୍ତ କାର୍ଯ୍ୟକ୍ରମ ସ୍ଥଳରେ ବହୁ ସମୟ ବାହାରେ କଟାଇ ବାକୁ ବାଧ ହେବେ ।



***ମିଥୁନ :*** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଶ୍ରମ ଅଧିକ କରିବେ । ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଭଳି ଆଧାତ୍ମକ ଭାବଧାରା ଦିଗରେ ମନ ବଳିବ ।



***କର୍କଟ :*** ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତିବ । ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ । ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇପାରେ । ଶିକ୍ଷା କ୍ଷେତ୍ରରେ ପରିଣାମ ଅନୁକୂଳ ହେବ । ଭାଇବନ୍ଧୁ ମିତ୍ରଙ୍କଠାରୁ ସହଯୋଗ ପାଇବେ ।



***ସିଂହ :*** ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ, ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ, ଆର୍ଥିକ ଦିଗର ଅଭିବୃଦ୍ଧି, ଶତ୍ରୁନାଶ ଯୋଗ ସହିତ ଧାର୍ମିକ ଜୀବନଚର୍ଯ୍ୟାର ଅଧିକାରୀ ହେବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ ।



***କନ୍ୟା :*** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବ, ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାର ରେ ସଫଳ ହେବେ, ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ, ବ୍ୟବସାୟରେ ଉନ୍ନତି, ଲାଭପ୍ରାପ୍ତି, ସଫଳତା ଅର୍ଜନ କରିବା ସହ ଦୂରଯାତ୍ରାର ସୁଯୋଗ ପାଇବେ ।



***ତୁଳା :*** କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆର୍ଥିକ ଉନ୍ନତି ସହ କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ, ବ୍ୟବସାୟକୁ ପ୍ରସାରିତ କରି ଏକ୍ସପୋର୍ଟ, ଇନ୍‌ପୋର୍ଟ, ହାଣ୍ଡିକ୍ରାଫ୍ଟ, ଫର୍ଣ୍ଣିଚର ଓ ବ୍ୟବସାୟରେ ମଧ୍ୟ ଅତ୍ୟନ୍ତ ଲାଭାନ୍ୱିତ ହେବେ ।



***ବିଛା:*** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ, ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ, ରାଜନୀତିରେ ସଫଳତା ମିଳିବ, କର୍ମକ୍ଷେତ୍ରଟି ସୁଦୃଢ ହେବ, ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ, ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ।



***ଧନୁ :*** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ, ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ, ପ୍ରତିଷ୍ଠା ମିଳିବ । ଦୂରଯାତ୍ରାର ସୁଯୋଗ ଆସିବ । ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ ।



***ମକର :*** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ, ଗୃହୋପକରଣ କ୍ରୟ କରିବେ । ପିଲାମାନଙ୍କ ପାଠପଢା ସମସ୍ୟାରେ ଉନ୍ନତି ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ । ଇର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ ।



***କୁମ୍ଭ :*** ଶତ୍ରୁମାନେ ମୁଣ୍ଡ ନୁଆଇଁବେ, ରାସ୍ତାଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତା'ଠାରୁ ହିଁ ଅଧିକ ଆଘାତ ପାଇବେ । ବହୁତ ଦିନରୁ ରଖିଥିବା ଧନ ଭିନ୍ନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ, ସ୍ଥାନାନ୍ତରର ସୂଚନା ପାଇ ପାରନ୍ତି ।



***ମୀନ :*** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ଓ ଋଣରୁ ମୁକ୍ତି ମିଳିବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ପାରିବାରିକ ସମସ୍ୟାକୁ ସମାଧାନ କରି ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସିଆରିଆସ୍ଥିତ ଉ.ପ୍ରା. ବିଦ୍ୟାଳୟ ଠାରେ ଜଙ୍ଗଲ ଜମି ସଂରକ୍ଷଣ ସଂଘର ସଭାପତି ଉଦ୍ଧବ ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗ୍ରାମ୍ୟ ଜଙ୍ଗଲ ଜମି ସୁରକ୍ଷା ଉପରେ ଆଲୋଚନା ହୋଇଥିଲା । ଜଙ୍ଗଲ ଜମି ସହ ଜଙ୍ଗଲକୁ ସୁରକ୍ଷା ଦେଇ ପରିବେଶକୁ ସୁନ୍ଦର କରିବା ନିମନ୍ତେ ଗ୍ରାମବାସୀମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଏହି ସୁରକ୍ଷା ସହିତ ଗ୍ରାମର ଆର୍ଥିକ କ୍ଷେତ୍ରରେ କିପରି ଉନ୍ନତି ହେବ ତାହା ବିଷୟରେ ଆଲୋଚନା କରିଥିଲେ । ସମ୍ପାଦିକା ସୁଲଚନା ସାହୁଙ୍କ ବ୍ୟତୀତ ଇଂ. ପ୍ରଦୀପ ସ୍ୱାଇଁ, ବସନ୍ତ ସାହୁ, ପ୍ରେମାନନ୍ଦ ରାଉତ, ବିଦୁର କୁମାର ସାମଲ, ସୁପ୍ରିୟା ପରିଡା, ଗଣେଶ୍ୱର ଦାସ, ସୂର୍ଯ୍ୟକାନ୍ତ ସାହୁ, ବିଜୟ ଖଟୁଆ, ଚିନ୍ତାମଣି ମହାନ୍ତି, ଗଗନ ଦେହୁରୀ, ଗୁରୁବାରୀ ସାହୁ, ଡଲି ସ୍ୱାଇଁ, ସତ୍ୟଭାମା ଦାସ, ସୁମିତ୍ରା ବିଶୋଇ, ଅଞ୍ଜଳି ବେହେରା, ଅମରି ସାହୁ, ଆରତୀ ଦେହୁରୀ, ସଞ୍ଜୁ ଦେହୁରୀ, ଦୁର୍ଗା ଚରଣ ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଯୋଗଦେଇ ଜଙ୍ଗଲ ଜମି ଓ ଜଙ୍ଗଲ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଶେଷରେ ବିଜୟ ଖଟୁଆ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

## ବକ୍ତୃତା ଚିତ୍ରାଙ୍କନ ପ୍ରତିଯୋଗିତା

ନିମାପଡା (ଭାସ୍କର ନ୍ୟୁଜ): ନିମାପଡା ସମୃଦ୍ଧ ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡିଶା ଗଠନ ଆନୁକୂଲ୍ୟରେ ନିମାପଡା ଗୋପ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନହଲ ପରିସରରେ ପ୍ରବନ୍ଧ ପ୍ରତିଯୋଗିତା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ମହିଳା ବିଜେଡିଙ୍କ ସହିତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଯୁବନେତା ସତ୍ୟଜିତ ଆଚର୍ଯ୍ୟ ଗୌରବ ଘୋଷାଲ, ସନ୍ଦିପ ପାଇକରାୟ, ଦେବାଶୀଷ ସାହୁ, ଯୋଗେନ୍ଦ୍ର ବେହେରା, ବିଶ୍ୱଜିତ ସ୍ୱାଇଁ, ଯୋଗଜନ୍ମା ସାହୁ, କୁମାର ସୌମେନ୍ଦ୍ର ଦାଶ, ରଶ୍ମିରଜଂନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ବକ୍ତୃତା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଆଦିବାସୀ ନୃତ୍ୟ ପ୍ରତିଯୋଗିତା




ଯୋଡା, (ଭାସ୍କର ନ୍ୟୁଜ୍):ଟାଟାଷ୍ଟିଲ ଅଧିନ ଟାଟା ଫାଉଣ୍ଡେସନ୍ ପକ୍ଷରୁ ଆଜି ରବିବାର ଅପରାହ୍ନରେ ଯୋଡାଓ୍ୱେଷ୍ଟ ଅଡିଟୋରିୟମ ଠାରେ ଏକ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଯୋଡା ପୌରପାଳିକାର ସମସ୍ତ ୧୪ ଗୋଟି ଓ୍ୱାର୍ଡର ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରଷ ଅଂଶ ଗ୍ରହଣ କରିଥିଲେ । ନିଜ ନିଜ ପରମ୍ପରା ଅନୁଯାୟୀ ଆଦିବାସୀ ମାନେ ପୋଷାକ ପରିଧାନ କରି ନୃତ୍ୟ ପରିବେଷଣ କରିଥିଲେ । ଆଦିବାସୀ ମାନଙ୍କର ପରମ୍ପରା ଲୋପ ପାଇଯାଉଥିବା ବେଳେ ଏହାକୁ ବଜାୟ ରଖିବା ନିମନ୍ତେ ଟାଟା ଫାଉଣ୍ଡେସନ୍ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଡା ପୌରାଧକ୍ଷ୍ୟ ଜଗଦୀଶ ପ୍ରସାଦ ସାହୁ , ଟାଟାଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଟାଟା ଫାଉଣ୍ଡେସନ୍ ମୁଖ୍ୟ ରବିନ୍ଦ୍ର କୁମାର , ଜଳହରି ପଂଚାୟତର ସରପଂଚ ନରହରି ମୁଣ୍ଡା , ଭୂଇଁଆଁ ରୋଇଡା ସରପଂଚ ତୁଳସୀ ବବଙ୍ଗା ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଟିଙ୍କୁ ସୁକାନ୍ତି ମୁଣ୍ଡା ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଟାଟା ଫାଉଣ୍ଡେସନ୍ ପକ୍ଷରୁ ପୁରସ୍କୃତ କରାଯାଇଥିବା ଦେଖିବାକୁ ମିଳିଛି ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱରର ମୁସଲିମ ଓ୍ୱେଲଫେୟାର ସୋସାଇଟି ପକ୍ଷରୁ ଏକ ନିଶୁଳ୍କଃ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହରର ନିକାହ ମହଲରେ ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ମୁସଲିମ ଓ୍ୱେଲଫେୟାର ସୋସାଇଟି ପକ୍ଷରୁ ଜାରି ରହିଥିବା ବିଭିନ୍ନ ଜନହିତକର କାର୍ଯ୍ୟ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ସୋସାଇଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଏହିଭଳି ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଲୋକଙ୍କ ପାଇଁ ଉପାଦେୟ ହୋଇପାରିଛି ବୋଲି ସେ କହିଥିଲେ । କୁରୁଡା ସ୍ଥିତ ନିଗମ ହସପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରରେ ମେଡିସିନ୍, କ୍ରିଟିକାଲ କେୟାର, ସ୍ତ୍ରୀ ଓ ପ୍ରସୂତି ଏବଂ ଦନ୍ତ ବିଭାଗର ଚିକିତ୍ସକମାନେ ଯୋଗଦେଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଓ ଉପାଦେୟ ପରାମର୍ଶ ଦେଇଥିଲେ । ଶିବିର ଶେଷ ସୁଦ୍ଧା ସ୍ଥାନୀୟ ଅଂଚଳର ୩ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମୁସଲିମ ଓ୍ୱେଲଫେୟାର ସୋସାଇଟି ସଭାପତି ଶେଖ ମୁକ୍ତାର ଅହେମ୍ମଦ, ସମ୍ପାଦକ ଶେଖ ଆୟୁବ ଓ କୋଷାଧ୍ୟକ୍ଷ ହାଜି ଶେଖ ଜମାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିର ପରିଚାଳନାରେ ଶେଖ ବେଲାଲ, ଶେଖ ରଜାବ ଅଲି, ଗୁଲାମ ଖାନ, ଅଜିମ ବାଲେଶ୍ୱରୀ, ଟିଙ୍କୁବାବୁ, ଶେଖ ସବିର ଶେଖ କାଫୋ, ମୁକ୍ତାର ଖାନ, ଅଲି ହୋସେନ, ଶେଖ ଆଲମ ପ୍ରମୁଖ ସହଯୋଗ କରିଥିଲେ ।

## ଇନ୍ଦୁପୁରରେ ଆରମ୍ଭ ହେଲା ପ୍ରସିଦ୍ଧ ବାରୁଣୀ ମେଳା

# ଭୋରରୁ ଭିଡ ଜମାଇଲେ ଶ୍ରଦ୍ଧାଳୁ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଚଣ୍ଡୀଦେବୀଙ୍କ ପ୍ରାଙ୍ଗଣରେ ଆଜିଠାରୁ ପ୍ରସିଦ୍ଧ ବାରୁଣୀ ମେଳା ଆରମ୍ଭ ହୋଇଛି । ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ମେଳାର ପ୍ରଥମ ଦିବସରେ ବିଭିନ୍ନ ଅଞ୍ଚଳରୁ ବୁଡ ପକାଇବା ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ଭିଡ ବେଶ ଜମିଥିଲା । ନିୟମ ଅନୁସାରେ ମା’ ଚଣ୍ଡୀଦେବୀଙ୍କ ମହାସ୍ନାନ ପାଇଁ ବିରୂପା, ବ୍ରାହ୍ମଣୀ ଏବଂ କେଲୁଅ ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରୁ ଜଳ ସଂଗ୍ରହ କରାଯାଇଥିଲା । ଏହି ତିନୋଟି ନଦୀର ସଙ୍ଗମ ସ୍ଥଳରେ ବୁଡ ପକାଇଲେ ପାପ କ୍ଷୟ ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି । ପ୍ରତିକୂଳ ପାଗ ସତ୍ତ୍ୱେ ଆଜି ରାତି ପ୍ରାୟ ୩ଟାରୁ ଏହି ତ୍ରିବେଣୀ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ ପକାଇ ମା ଚଣ୍ଡୀଦେବୀଙ୍କ ଦର୍ଶନ କରିଥିଲେ । ତ୍ରିବେଣୀ ଘାଟରୁ ଜଳ ଅଣାଯାଇ ମା’ ଚଣ୍ଡୀଦେବୀଙ୍କୁ ସ୍ନାନ କରାଯାଇଥିଲା । ନଦୀରେ ବୁଡ ପକାଇବାବେଳେ ଯେକୌଣସି ଅଘଟଣକୁ ମୁକାବିଲା କରିବା ପାଇଁ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ନଦୀଘାଟରେ ଏକ ବୋଟ ଓ ଅଗ୍ନିଶମ ଗାଡି ସହିତ ଉପସ୍ଥିତ ଥିଲେ । ପୋଲିସ ବାହିନୀ ଓ ସ୍ୱାସ୍ଥ୍ୟ ବିଭାଗ ଉପସ୍ଥିତିରେ ଶାନ୍ତିଶୃଙ୍ଖଳା ସହିତ ବୁଡ ପକାଇବା ପରେ ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ କରି ଘରକୁ ଫେରିଥିଲେ । ଲୋକଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଯୁବ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଚା, ବିସ୍କୁଟ ଓ ଖାଦ୍ୟ ପୁଡିଆ, ପାଣି ବୋତଲ ପ୍ରଭୃତି ବଣ୍ଟନ କରାଯାଇଥିଲା । ମିଶନଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠି ଆନୁକୂଲ୍ୟରେ ଜଳଛତ୍ର ଖୋଲାଯାଇଥିଲା । ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟର ୧୯୯୯ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମେଳାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଏହାର ଶୁଭ ଉଦଘାଟନ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ଜେନା କରିଥିଲେ । ନଦୀରେ ସ୍ନାନ ପାଇଁ ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ଅଲଗା ଘାଟର ବ୍ୟବସ୍ଥା କରାଯାଇଥିଲା । ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର, ଦୁଷ୍ମନ୍ତ କୁମାର ମଲ୍ଲିକ, ରାମନାରାୟଣ ସିଂ, ପ୍ରକାଶ କୁମାର ଜେନା, ବିଜନ କୁମାର ମଲ୍ଲିକ, ବସନ୍ତ କୁମାର ସାହୁ, ମଦନ ମଲ୍ଲିକ, ଧିରେନ୍ଦ୍ର ସେଠୀ, ହେମନ୍ତ ସେଠୀ, ସମିତି ସଭ୍ୟା ସୁନନ୍ଦା ମଲ୍ଲିକ, ପ୍ରମିଳା ସାହୁ, ବିଜୟ କୁମାର ଜେନା, ମନୋଜ ମହତାବ, ବାସୁଦେବ ମଲ୍ଲିକ, ପ୍ରଭାକର ମଲ୍ଲିକ, ଅପର୍ଣ୍ଣା ବାରିକ, କନକଲତା ଜେନା ପ୍ରମୁଖ ବହୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ନଦୀରେ ବୁଡପକା ଓ ମେଳା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା । ନିକିରାଇ ଥାନା ଭାରପ୍ରାପ୍ତ ଇନିସପେକ୍ଟର ଜ୍ୟୋତିପ୍ରକାଶ ସ୍ୱାଇଁ ପୋଲିସ ଟିମ ସହିତ ନଦୀଘାଟ ଏବଂ ମେଳା ପଡିଆରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲେ ।

## ‘ପର୍ଯ୍ୟଟନର ବିକାଶ ସହିତ ପରିବେଶ ସୁରକ୍ଷା ଜରୁରି’



କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱପ୍ରେମୀ ବାବା ବଳିଆଙ୍କର ତିନିଦିନିଆଁ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ ଅବସରରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଯାତ୍ରୀନିବାସଠାରେ ବାବା ବଳିଆ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପର୍ଯ୍ୟଟନର ବିକାଶ ସହିତ ପ୍ରାକୃତିକ ପରିବେଶର ସୁରକ୍ଷା ତଥା ସଂରକ୍ଷଣ ଦିଗରେ ସରକାର ଯତ୍ନବାନ ହେବା ଜରୁରୀ ହୋଇପଡିଛି । ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଅର୍କକ୍ଷେତ୍ର କୋଣାର୍କର ପବିତ୍ର ଚନ୍ଦ୍ରଭାଗା ତୀର୍ଥର ଦୟନୀୟ ଅବସ୍ଥା ଓ ପୁତିଗନ୍ଧମୟ ପରିବେଶକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏଥିସହ ସମୁଦ୍ର ଉପକୂଳର ଅବକ୍ଷୟକୁ ରୋକିବାକୁ ହେଲେ ଚନ୍ଦ୍ରଭାଗା ବେଳାଭୂମିରେ ହେନ୍ତାଳ ବଣ ସୃଷ୍ଟି କରିବା ଜରୁରୀ । କଂକ୍ରିଟ ପ୍ରାଚୀର ନିର୍ମାଣ ଦ୍ୱାରା ସମୁଦ୍ର କୂଳ ଲଂଘନକୁ ରୋକାଯାଇ ପାରିବ ନାହିଁ ବୋଲି ବାବା ବଳିଆ ମତପୋଷଣ କରିଛନ୍ତି । ଚନ୍ଦ୍ରଭାଗା ତୀର୍ଥର ଗଭୀର ଖନନ ସହିତ ଏହାର ପବିତ୍ର ଜଳରାଶିକୁ ଋଷତମାମ ଆବର୍ଜନାମୁକ୍ତ ରଖିବା ନିମନ୍ତେ ସରକାର ଯତ୍ନବାନ ନହେଲେ ଅର୍କକ୍ଷେତ୍ରର ଆଧ୍ୟାତ୍ମିକ ଗୁରୁତ୍ୱ ଧୂଳିସାତ ହୋଇଯିବ । ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତାଙ୍କ ଆରାଧନା ପାଇଁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତ ଭଗ୍ନମନ ନେଇ ପ୍ରତ୍ୟାବର୍ତ୍ତନ କରିବେ । ଏବେ ସରକାର ମନ୍ଦିର ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଓଡ଼ିଶାର ବିଭିନ୍ନ ଦେବାଦେବୀ ପୀଠର ଭୌତିକ ବିକାଶ କରୁଛନ୍ତି, ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଦେବୀପୀଠଗୁଡିକର ପ୍ରାକୃତିକ ପରିବେଶକୁ ନଷ୍ଟଭ୍ରଷ୍ଟ କରି କଂକ୍ରିଟ ନିର୍ମାଣ ଜାରି ରହିଛି । ଏହା ଅତ୍ୟନ୍ତ ପରିତାପର ବିଷୟ । ପ୍ରାକୃତିକ ପରିବେଶର ସଂରକ୍ଷଣକୁ ସୁନିଶ୍ଚିତ କରି ସରକାର ପର୍ଯ୍ୟଟନର ବିକାଶ ଦିଗରେ ମନୋନିବେଶ କଲେ ହିଁ ପରିବେଶ ସନ୍ତୁଳନ ସହିତ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରତିଷ୍ଠା ହୋଇପାରିବ । ଏହି ବିଷୟଗୁଡିକ ପ୍ରତି ଧ୍ୟାନ ଆକର୍ଷଣ ନିମନ୍ତେ ସରକାରଙ୍କୁ ପତ୍ର ଲେଖିବେ ବୋଲି ପଦ୍ମଶ୍ରୀ ବାବା ବଳିଆ ଗଣମାଧମକୁ କହିଛନ୍ତି ।

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବ୍ରିଟ କଲ୍ୟାଣମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଏଥିରେ ସଭାପତିତ୍ୱ କରିବା ସହିତ ବ୍ୟାଙ୍କର ଅଭିବୃଦ୍ଧିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏନେଇ ନେଇଥିବା ଋଣଅର୍ଥ ପୈଠ ପାଇଁ ଖିଲାପୀ ଋଣୀଙ୍କୁ ସେ ନିବେଦନ କରିଥଲେ । ଏଥି ସହିତ ବ୍ୟାଙ୍କର ନେଣଦେଣ କ୍ଷେତ୍ରରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଆଧୁନିକୀକରଣ ବ୍ୟବସ୍ଥା ସମ୍ପର୍କରେ ସଭାପତି ବିସ୍ତୃତ ସୂଚନା ଦେଇଥିଲେ । ବ୍ୟାଙ୍କ ପରିଚାଳନା ପରିଷଦର ଉପ-ସଭାପତି ନିଶାମଣି ପ୍ରଧାନ, ସଦସ୍ୟ ଅତୁଲ କୁମାର ଶତପଥୀ, ମନୋଜ କୁମାର ରାଉତ, ଉମାକାନ୍ତ ମହାପାତ୍ର, ଦୁକୁଲୁ ଚନ୍ଦ୍ର ଘଡ଼େଇ, ଉତ୍ପଳ ମହାନ୍ତି, ହରେନ ଚନ୍ଦ୍ର ରଣା, ଦୀପକ ଦାଶ, ଜୟପ୍ରକାଶ ଦାଶ, ଲୋକନାଥ ରଣା, ଶ୍ରୀମନ୍ତ ମାଝୀ, ସଦସ୍ୟା ହୁରମାତୁନ ବିବି ଓ ରଶ୍ମି ଦାସ ପ୍ରମୁଖ ଏଥିରେ ଯୋଗଦେଇ ବ୍ୟାଙ୍କ ପରିଚାଳନା ଓ ଉତ୍ତମ ଗ୍ରାହକ ସେବା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ । ଏହି ସାଧାରଣ ସଭାରେ ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ଲାନ, ପ୍ରୋଗ୍ରାମ ଓ ବଜେଟକୁ ଅନୁମୋଦନ କରାଯାଇଥିଲା । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବକାନ୍ତ ବେହୁରା ବିଭିନ୍ନ ତଥ୍ୟ ଉପସ୍ଥାପନ ସହ ପରିଷଦ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଉପସ୍ଥାପନ କରିଥିଲେ । ଉପ-ସଭାପତି ଶ୍ରୀମତୀ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱଭାରତୀ ବିଦ୍ୟାପୀଠରେ ୧୯୮୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ବ୍ଲକ୍ ଅନ୍ତର୍ଗତ ଛାଣିପୁର ପଂଚାୟତର କରମୁଆଁ ସ୍ଥିତ ବିଶ୍ୱଭାରତୀ ବିଦ୍ୟାପୀଠର ପ୍ରଥମ ବ୍ୟାଚ୍ (୧୯୮୫) ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଭୂୟାଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତ ଶିକ୍ଷକ ପଣ୍ଡିତ ସଂଜୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଅଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅତୀତର ସ୍ମୃତିଚାରଣ କରିଥିଲେ । ପୁରାତନ ଛାତ୍ରଛାତ୍ରୀ ଲତିକା ଦେଇ , ସଂଯୁକ୍ତା ସ୍ୱାଇଁ, ବଦୁଲତା ଭୂୟାଁ, ଗୁଞ୍ଜରୀ ଭୂୟାଁ, ସାବିତ୍ରୀ ସେଠୀ, ବିଦ୍ୟୁଲତା ନାୟକ, ଅମରେନ୍ଦ୍ର ସ୍ୱାଇଁ, ଜୟମାଳା ସ୍ୱାଇଁ, ସୁକାନ୍ତ ମହାନ୍ତି, , ଭାରତୀ ପ୍ରସାଦ ଜେନା, ହେମକାନ୍ତ ବିଶ୍ୱାଳ, ଶାନ୍ତନୁ କୁମାର ପାଢ଼ୀ, , ଅଶୋକ ଲେଙ୍କା ପ୍ରମୋଦ ପ୍ରଧାନ, ପ୍ରସନ୍ନ ନାୟକ, ଅମରେଶ ପ୍ରଧାନ, ମନୋରଂଜନ ମହାନ୍ତିଙ୍କ ସହ ସେହି ବ୍ୟାଚର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଅଲେଖ ଚନ୍ଦ୍ର ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଓଭରଲୋଡିଂ ବାଲି ବୋଝେଇ ହାଇଓ୍ୱାକୁ ଲକ୍ଷେ ଟଙ୍କା ଜୋରିମାନା

ବୌଦ୍ଧ, (ଭାସ୍କର ନ୍ୟୁଜ): ହରଭଙ୍ଗା ମହାନଦୀ ବାଲି ଘାଟରୁ ରବିବାର ଓଭରଲୋଡିଂ ବାଲି ବୋଝେଇ କରି ଯାଉଥିବା ୨ଟି ହାଇଓ୍ୱାକୁ ଧରି ବୌଦ୍ଧ ଆର ଟି ଓ ଲକ୍ଷେ ଟଙ୍କା ଆର୍ଥିକ ଜୋରିମାନା କରିଥିବା ଜଣାପଡିଛି । ପ୍ରାପ୍ତ ସୂଚନା ମତେ ହରଭଙ୍ଗା ମହାନଦୀ ଘାଟରୁ ରବିବାର ଓଡି ୧୨ ଡି ୭୨୩୧ ଏବଂ ଓଡି ୧୨ଏ ୮୯୭୨ ନମ୍ବର ବିଶିଷ୍ଟ ହାଇଓ୍ୱା ବାଲିନେଇ ଫୁଲବାଣୀକୁ ଯାଉଥିବା ବେଳେ ଚାରିଛକ ଠାରେ ଆରଟିଓଙ୍କ ହାବୁଡ଼ରେ ପଡିଥିଲେ ।ଗାଡିର କାଗଜ ପତ୍ର ଓ ବାଲି ଚାଲାଣ ର ସମସ୍ତ କାଗଜ ପତ୍ର ଠିକ ଥିଲେ ମଧ୍ୟ ହାଇଓ୍ୱା ରେ ଆବଶ୍ୟକତା ଠାରୁ ଅତ୍ୟଧିକ ବାଲି ଓଭର ଲୋଡିଂ ଥିବାରୁ ଉଭୟ ହାଇଓ୍ୱା ଗାଡିକୁ ୧ ଲକ୍ଷ ୧୦ହଜାର ଟଙ୍କା ଜେରିମାନା କରି ପୁରୁଣାକଟକ ପୋଲିସର ଜିମା ଦେଇଥିବା ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦୁର୍ଘଟଣାରେ...

ପି ଅନନ୍ଧା, ତିରୁମୂର୍ତ୍ତି ଓ କାର୍ ଡ୍ରାଇଭର କେ ସନ୍ତୋଷ କୁମାର । ଖବର ପାଇ ସ୍ଥାନୀୟ ଏସ୍‌ପି ଓ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପୋଲିସ ଏହି ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିବା ସହ ଗାଡ଼ି ଦୁଇଟିକୁ ଜବତ କରିଛି ।


### ସେନାର ଶୀର୍ଷ...


ରାଜି ନୁହନ୍ତି । ଯୁଦ୍ଧ ଯୋଗୁ ୟୁକ୍ରେନର ଅଧିକାଂଶ ସହର ଧ୍ୱଂସ ପାଇଯାଇଛି । ଏହି ଯୁଦ୍ଧ ପାଇଁ ରୁଷ ଉପରେ ଅନେକ ଦେଶ ମଧ୍ୟ ବିଭିନ୍ନ ପ୍ରକାର କଟକଣା ଜାରି କରିଛନ୍ତି । ଏହାରି ଭିତରେ ଅନ୍ତର୍ଜାତୀୟ ଅପରାଧ ଅଦାଲତ ଯୁଦ୍ଧ ଅପରାଧ ପାଇଁ ରୁଷକୁ ଦାୟୀ କରି ଗିରଫ ଓ୍ୱାରେଣ୍ଟ ଜାରି କରିଛନ୍ତି । ତେବେ ଏସବୁ ସତ୍ତ୍ୱେ ପୁଟିନ ଏହାକୁ ଖାତିର ନ କରି ୟୁକ୍ରେନରେ ପହଞ୍ଚିବା ଘଟଣାକୁ କୁଟନୀତିଜ୍ଞମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି ।

### ବିଦ୍ୟୁତ ବିଭାଗକୁ...

ଦନ୍ତାଟି ଆସିଥିଲା ସେହି ତାରରେ ଇନସୁଲେଟର ଲାଗିନଥିବାରୁ ତାହା ଚାର୍ଜ ହୋଇ ଯାଇଥିଲା । ସେଠାରେ ବିଦ୍ୟୁତ ତାର ମଧ୍ୟ ଝୁଲି ରହିଥିଲା । ଏନେଇ ବାରମ୍ବାର ବନ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା । ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ପକ୍ଷରୁ ଏକ ସଫେଇରେ କୁହାଯାଇଛି ଯେ ଏହି ଅଞ୍ଚଳ ଦେଇ ହାତୀ ଅତିକ୍ରମ କରୁଥିବା ନେଇ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲା । ତେଣୁ ସେହି ରୁଟ୍‌ରେ ପାଓ୍ୱାରକଟ୍ କରାଯାଇନଥିଲା । ଦନ୍ତା ମୃତ୍ୟୁକୁ ନେଇ ବନ ବିଭାଗ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ ଯେ ୨୦୧୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୭୮୪ ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ୯୨୫ ଜଣଙ୍କର ମୃତ୍ୟୁ ଘଟିଛି ।

### ଉଜାଡ଼ିଲା ଚାଷୀଙ୍କ...

ବାପା ଆଇତା ମାଡ଼କାମୀ ଓ ମା’ଙ୍କ ସହ ଶୋଇଥିବାବେଳେ ହଠାତ୍ କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଘଟଣାସ୍ଥଳରେ ଶିଶୁକନ୍ୟାର ଜୀବନ ଚାଲି ଯାଇଥିଲା । ଅନ୍ୟପକ୍ଷରେ ବାପା-ମା ଗୁରୁତର ହୋଇଥିବାବେଳେ ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ରବିବାର ସକାଳେ ସ୍ଥାନୀୟ ବିଡିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ଆଇତା ପରିବାରଙ୍କୁ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ମେଟାଗୁଡ଼ା ଗାଁରେ ଅନେକ କଚ୍ଚା ଘର ଥିବାବେଳେ ଲଗାଣ ବର୍ଷା ଲାଗି ରହିଥିବାରୁ ଘରଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ରହିଛି । ଏହି ଗାଁର ଲୋକମାନେ କିପରି ସରକାରୀ ଯୋଜନାରେ ବାସଗୃହ ପାଇପାରିବେ ସେଥିନେଇ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ଦୃଷ୍ଟି ଦେବା ଉଚିତ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ତେବେ ଏହି ଝଡ଼ବର୍ଷା ଆହୁରି ଦୁଇଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛନ୍ତି । ବର୍ଷା ସମୟରେ ଘଡ଼ଘଡ଼ି ଓ ବିଜୁଳି ମାରିବାର ସମ୍ଭାବନା ରହିଥିବାରୁ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି । ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁ ଶିମିଳିପାଳରେ ଲାଗିଥିବା ନିଆଁ ଲିଭି ଯାଇଥିବା ସୂଚନା ମିଳିଛି । ଗତ କିଛିଦିନ ହେବ ଶିମିଳିପାଳରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଓ ଗୁଳ୍ମ ନଷ୍ଟ ହୋଇଥିଲା । ଏହି ପ୍ରାୟ ୩ ସପ୍ତାହ ଧରି ଜଳି ଚାଲିଥିଲା । ଶିମିଳିପାଳ ନିଆଁ ଲିଭିବା ପରେ ଖୁସିରେ ଆତ୍ମହରା ହୋଇଉଠି ନାଚିଥିଲେ ।

## ଭିଲିଗ୍ରାମ ହାଇସ୍କୁଲର ୧୯୯୦ବ୍ୟାଚ ବନ୍ଧୁମିଳନ



ନିମାପଡା (ଭାସ୍କର ନ୍ୟୁଜ) :ନିମାପଡା ଭିଲିଗ୍ରାମ ହାଇସ୍କୁଲର ୧୯୯୦ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହାଇସ୍କୁଲ ନିକଟସ୍ଥ ଭିଲିଗ୍ରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ମନେପକାଇ ଥିଲେ । ପ୍ରତିବର୍ଷ ଏହି ବନଡନ୍ଧୁମିଳନ ଅନୁଷ୍ଠିତ ହେଉଥିବା ବେଳେ ଦୂରଦୂର ସ୍ଥାନରେ ରହିଥିବା ଛାତ୍ରଛାତ୍ରୀମାନେ ମଧ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ତାଙ୍କ ପାରିବାର ମଧ ଯୋଗଦିଅନ୍ତି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠିତ ହେଉଥିବା ପୁରାତନ ଛାତ୍ରଛାତ୍ରୀମାନେ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ବନଧୁମିଳନ ଦିବସରେ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ପୁରାତନ ଛାତ୍ରମାନେ ସଂକଳ୍ପ ନେଇଥିବା ଜଣାପଡିଛି ।

## ଭାଇବୋହୂକୁ ଦେଢ଼ଶୁରର ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ସ୍ୱାମୀ ବାହାରେ ରହୁଥିବାର ସୁଯୋଗ ନେଇ ଜଣେ ମହିଳାଙ୍କୁ ତାଙ୍କ ଦେଢ଼ଶୁର, ଯାଆ, ପୁତୁରାମାନେ ମିଶି ଘରୁ ବାହାର କରିଦେବାକୁ ଉଦ୍ୟମ କରିବା ସହ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରା ଗ୍ରାମର ଶ୍ରୀକାନ୍ତ ବରାଳଙ୍କ ପତ୍ନୀ ରୋଜାଲିନ୍ ବରାଳ (୩୮) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରୋଜାଲିନ୍‌ଙ୍କ ସ୍ୱାମୀ ସୁରଟ୍‌ରେ ରହୁଥିଲା ବେଳେ ସେ ଘରେ ଏକୁଟିଆ ରହୁଛନ୍ତି । ଗତ କିଛିଦିନ ତଳେ ଶ୍ରୀକାନ୍ତଙ୍କ ଠାରୁ ତାଙ୍କ ବଡ଼ଭାଇ ପ୍ରମୋଦ କିଛି ଟଙ୍କା ଧାର ନେଇ ପରବର୍ତୀ ସମୟରେ ଫେରାଇ ନଥିଲେ । ଫଳରେ କଥା ଥାନାକୁ ଯାଇ ସମାଧାନ ହୋଇଥିବା ବେଳେ ପରବର୍ତୀ ସମୟରେ ପ୍ରମୋଦ ଟଙ୍କା ନ ଦେଇ ରୋଜାଲିନ୍ ଏକୁଟିଆ ରହୁଥିବାର ସୁଯୋଗରେ ଦେଢ଼ଶୁର ପ୍ରମୋଦ ବରାଳ, ଯାଆ ଲକ୍ଷ୍ମୀପ୍ରିୟା ବରାଳ ଓ ପୁତୁରା ନକୁଳ ବରାଳ ବିଭିନ୍ନ ସମୟରେ ରୋଜାଲିନ୍‌ଙ୍କୁ ହଇରାଣ କରି ଆସୁଥିଲେ । ଗତକାଲି ଦିନ ଦ୍ୱିପ୍ରହର ସମୟରେ ରୋଜାଲିନ୍ ଘରେ ରୋଷେଇ କରୁଥିଲା ବେଳେ ପୁତୁରା ନକୁଳ ବରାଳ ଓ ଯାଆ ଲକ୍ଷ୍ମୀପ୍ରିୟା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ରୋଜାଲିନ୍ ପ୍ରତିବାଦ କରିବାରେ ଦେଢ଼ଶୁର ପ୍ରମୋଦ ଘଟଣା ସ୍ଥଳକୁ ଆସି ରୋଜାଲିନ୍‌କୁ ଘରୁ ଭିଡ଼ି ଆଣି ମାଡ଼ ମାରିଥିଲେ । ଏହି ସମୟରେ ନକୁଳ ଏକ ଛୁରୀ ଧରି ଜୀବନରେ ମାରି ଦେବାକୁ ଉଦ୍ୟମ କଲାବେଳେ ରୋଜାଲିନ୍ ଭୟରେ ଘର ଭିତରକୁ ପଶିଆସି ଜୀବନ ରକ୍ଷା କରିଥିଲେ ବୋଲି ରୋଜାଲିନ୍ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ଆଜି ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୪୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ପ୍ରାନ୍ତୀୟ ମାରଓ୍ୱାଡ଼ି ସମ୍ମେଳନର ସାଧାରଣ ପରିଷଦ ଅଧିବେଶନ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଉତ୍କଳ ପ୍ରାନ୍ତୀୟ ମାରଓ୍ୱାଡ଼ି ସମ୍ମେଳନ ବାଲେଶ୍ୱର ଶାଖାର ସାଧାରଣ ପରିଷଦ ଅଧିବେଶନ ସହରର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନରେ ଅନୁଷ୍ଠିତ ହୋଇଯାଇଛି । ମାରଓ୍ୱାଡ଼ି ସମ୍ମେଳନର ବାଲେଶ୍ୱର ଶାଖା ସଭାପତି ଧର୍ମେନ୍ଦ୍ର ପ୍ରସାଦ ମୋର ଏଥିରେ ସଭାପତିତ୍ୱ କରିବା ସହ ସମାଜ ସଂସ୍କାର ଓ ଜନକଲ୍ୟାଣ କାର୍ଯ୍ୟରେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ସମାଜଗଠନ କାର୍ଯ୍ୟରେ ମାରଓ୍ୱାଡ଼ି ସମ୍ମେଳନର ପ୍ରତ୍ୟେକ ଅନୁବନ୍ଧିତ ସଂଗଠନ ସହ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଶ୍ରୀ ମୋର ପରାମର୍ଶ ଦେଇଥିଲେ । ଜିଲା ସମ୍ପାଦକ ସୌରଭ ରାଠି, କୋଷାଧ୍ୟକ୍ଷ ସୁଶୀଲ ଜାଲାନ, ରାଜକୁମାର ଖଣ୍ଡେଲଓ୍ୱାଲ, ଶିବ କୁମାର ପୋଦାର, ଉତ୍କଳ ପ୍ରାନ୍ତିୟ ମାରଓ୍ୱାଡି ସମ୍ମେଳନର କାର୍ଯ୍ୟକାରିଣୀ ସଦସ୍ୟ ଦ୍ୱାରକା ପ୍ରସାଦ ମୋର ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ନିଜ ମତାମତ ରଖିଥିଲେ । ଅପରିଚିତ ବ୍ୟକ୍ତିଙ୍କ ଶବଦାହ କରାଉଥିବା ମନୋଜ ପୋଦାରଙ୍କୁ ଏହି ଅବସରରେ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ ମାରଓ୍ୱାଡି ସମାଜର ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ବିଷୟବସ୍ତୁ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ମିଠୁ ପୋଦାର ଏଥିରେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଞ୍ଜିତ ଖଣ୍ଡେଲଓ୍ୱାଲ, ସଞ୍ଜିବ ଅଗ୍ରଓ୍ୱାଲ, ମହେନ୍ଦ୍ର ଶାହା, ମନୋଜ ମୋଦି, ସନ୍ତୋଷ ମୋଦି, ନଓ୍ୱଲ ଅଗ୍ରଓ୍ୱାଲ, ମନୋହର ପେରିଓ୍ୱାଲ, ମୋହିତ ପୋଦାର, ସାଜନ ଅଗ୍ରଓ୍ୱାଲ ପ୍ରମୁଖ ମାରଓ୍ୱାଡି ସମାଜର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ରଥ ପାଇଁ କାଠ ଚିହ୍ନଟ



ଭଞ୍ଜନଗର(ଭାସ୍କର ନ୍ୟୁଜ): ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ କାଳିଆମ୍ବା ଜଙ୍ଗଲରେ ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ ସକାଶେ କାଠ ଚିହ୍ନଟ କରାଯାଇଛି । ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କ ନେତୃତ୍ୱରେ ଗଛ ଚିହ୍ନଟ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ଭକ୍ତ ଉପସ୍ଥିତ ରହିଥିଲେ । ମୃଦଙ୍ଗ, ଗିନି ଓ ହୁଳହୁଳିରେ କମ୍ପି ଉଠିଥିଲା ସ୍ଥାନୀୟ ଅଞ୍ଚଳ । ଏହା ପୂର୍ବରୁ ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳ ଅଧିନରେ ଥିବା ଘୋଗଡ ଜଙ୍ଗଲରୁ ଚିହ୍ନଟ କାଠ ପୁରୀ ରଥ ନିର୍ମାଣ ପାଇଁ ଯାଇଥିଲା । ସେହିଭଳି ପରବର୍ତ୍ତୀ ସମୟରେ ମୁଜାଗଡ ବନାଞ୍ଚଳର ଭଞ୍ଜନଗର ସେକସନ ଅନ୍ତର୍ଗତ ବେଣାକୁନ୍ଦା ଜଙ୍ଗଲରୁ ମଧ୍ୟ କାଠ ଯାଇଥିବା ବେଳେ ପୁଣି ଏବେ କେନ୍ଦ୍ରୀୟ ବନାଞ୍ଚଳର କାଳିଆମ୍ବା ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ଯିବ । ଚିହ୍ନଟ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ସାମିଲ ଥିଲେ । ପୁରୀ ରଥ ନିର୍ମାଣ ପାଇଁ ଉତ୍ତର ଘୁମୁସର ବନଖଣ୍ଡ ର ବିଭିନ୍ନ ବନାଞ୍ଚଳରୁ କାଠ ଯାଉଥିବାରୁ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି ।




ଭୁବନ, (ଭାସ୍କର ନ୍ୟୁଜ୍): ପୁରୀ ବଡଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କଂପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣାରେ ଆଗ୍ନିକ ସଚ୍ଚିଦାନନ୍ଦ ପୃଷ୍ଟିଙ୍କୁ ଅଗ୍ନିଶମ ଡିଜିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଷ୍ଟ୍ରାଇକିଙ୍ଗ ଫାୟାର ଫୋର୍ସଭାବେ କାର୍ଯ୍ୟ କରୁଥିବା ଭୁବନ ଏନ୍ଏସି ଅନ୍ତର୍ଗତ ନୂଆଭୁବନ ବାସିନ୍ଦା ସଚ୍ଚିଦାନନ୍ଦ ପୃଷ୍ଟି ପୁରୀ ଅଗ୍ନିକାଣ୍ଡରେ ନିର୍ଦ୍ଦେଶ ପାଇ ସାହସିକତାର ସହ କାନ୍ଧରେ ଅକ୍ସିଜେନ ସିଲିଣ୍ଡର ନେଇ ଭିତରକୁ ଯାଇ ନିଆଁଲିଭାଇ ଥିଲେ। ଏହି ସମୟରେ ଘରର ସିଲିଙ୍ଗ ତାଙ୍କ ଉପରେ ଗଳି ପଡିଥିଲା ଓ ସେ ଶ୍ୱାସରୁଦ୍ଧ ହୋଇ ଆହତ ହୋଇଥିଲେ। ଚିକିତ୍ସା ପରେ ସୁସ୍ଥହୋଇ ଫେରିବା ପରେ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟରେ ଡିଜି ସନ୍ତୋଷ ଉପାଧ୍ୟାୟ, ଡିଆଇଜି ଚରଣ ସିଂମିନା, ଚିଫ୍ ଫାୟାର ଅଫିସର ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଶ୍ରୀ ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରଶଂସାପତ୍ର (ଡିଜିଡିସ୍କ ପୁରସ୍କାର) ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପୃଷ୍ଟ ଙ୍କ ସମେତ ଅନ୍ୟ ୫ ଜଣଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।



## କୂଅରୁ ବାର୍‌ହା ମୃତଦେହ ଉଦ୍ଧାର

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଏକ କୂଅ ମଧ୍ୟରୁ ଉଦ୍ଧାର ହେଲା ବାର୍‌ହା ମୃତଦେହ । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବନ ବିଭାଗ ଅଧିନସ୍ଥ କୁହୁଡି-ରତନପୁର ଗାଁର ମଧ ଭାଗରେ ରହିଛି ଏକ କୂଅ। ଏହି କୂପରେ ଏକ ଜଙ୍ଗଲୀ ବନ୍ୟଜନ୍ତୁ ଗଳିପଡିଥିବା କିଛି ଲୋକ ଦେଖିବା ପରେ ଟାଙ୍ଗୀ ବନ ବିଭାଗ ସହାୟତାରେ ତା'କ ଉଦ୍ଧାର କରାଯାଇଥିଲା। ହେଲେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା । ଉଦ୍ଧାର ପରେ ଜଣାପଡିଥିଲା ସେହି ଜଙ୍ଗଲୀ ବନ୍ୟଜନ୍ତୁଟି ବାର୍‌ହା। ଶେଷରେ ଟାଙ୍ଗୀ ବନ ବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ମୃତ ବାର୍‌ହାକୁ ପୋତି ଦିଆଯାଇଛି। ଖାଦ୍ୟ ଅନେଶ୍ୱଣରେ ଏହି ବାର୍‌ହା ଜନବସତି ମୁହାଁ ହୋଇ କୂଅରେ ଗଳିପଡି ମୃତ୍ୟୁବରଣ କରିଥିବା କୁହାଯାଉଛି।

## ପୌର କର୍ମଚାରୀଙ୍କ ପରଲୋକ

ଯୋଡା, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାର ଜଣେ କର୍ମଚାରୀ ପ୍ରମୋଦ କୁମାର ଭୋଇ (୫୦) ଦଶ ଦିନ ତଳେ ଯୋଡା ଭୂତ ବଙ୍ଗଳା ନିକଟରେ ସ୍କୁଟିରେ ଯାଉଥିବା ସମୟରେ ଅପରପଟୁ ଜଣେ ବ୍ୟକ୍ତି ମଟର ସାଇକେଲରେ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଭୋଇଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଟାଟାଷ୍ଟିଲର ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ୍ ଲାଗିଥିବାରୁ ଡାକ୍ତର ତାଙ୍କୁ ତୁରନ୍ତ କଟକ ବଡ ଡାକ୍ତରଖାନାକୁ ଉତମ ଚିକିତ୍ସା ନିମନ୍ତେ ପଠାଇ ଦେଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ପ୍ରମୋଦ କୁମାର ଭୋଇଙ୍କ ଦୁଇ ଝିଅ ଏବଂ ସ୍ତ୍ରୀ ଥିବା ଜଣାପଡିଛି । ତାଙ୍କର ଏଭଳି ଅକାଳ ମୃତ୍ୟୁରେ ପରିବାର ଦୁଃଖରେ ମର୍ମାହତ ହୋଇ ପଡିଛନ୍ତି। ତେବେ ପ୍ରମୋଦ କୁମାର ଭୋଇଙ୍କ ମୃତ୍ୟୁ ଖବର ପ୍ରସାର ହେବା ପରେ ଯୋଡା ପୌରପାଳିକାରେ ଶୋକର ଛାୟା ଖେଳିଯାଇଛି । ପ୍ରମୋଦଙ୍କ ଗାଁ କଟକ ନିକଟବର୍ତ୍ତୀ ଗୋବିନ୍ଦପୁର ଗ୍ରାମରେ ହୋଇଥିବାରୁ ସେଠାରେ ତାଙ୍କର ଶେଷକୃତ୍ୟ କରାଯିବାର ସୂଚନା ମିଳିଛି ।

## ଅଟୋରୁ ବ୍ୟାଟେରୀ ଓ ଷ୍ଟେଫ୍‌ପିନ୍ ଚୋରି

### ଯୁବକକୁ ନିସ୍ତୁକ ଛେଚି ପୋଲିସ ଜିମାଦେଲେ ଲୋକେ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ଗତକାଲି ବିଳମ୍ବିତ ରାତିରେ ବଳଙ୍ଗା ଥାନା ବାୟାବର ଛକରୁ ଏକ ଅଟୋରୁ ବ୍ୟାଟେରୀ ଓ ଷ୍ଟେପପିନ ଚକା ଚୋରୀ କରୁଥିବା ଜଣେ ଯୁବକକୁ ନିସ୍ତୁକ ଛେଚି ପୋଲିସ ଜିମା ଦେଇଛନ୍ତି ସ୍ଥାନୀୟ ଲୋକେ। ସୂଚନା ମୁତାବକ ବାୟାବର ଛକରେ ଗୋପିନାଥପୁର ଗ୍ରାମର ପ୍ରଦୀପ କୁମାର ଦାସଙ୍କର ପାନ ଦୋକାନ ରହିଛି । ଗତକାଲି ରାତିରେ ଝଡ଼ ପବନରେ ଲାଇନ୍ କଟି ଯାଇଥିବା ବେଳେ ପ୍ରଦୀପ ତାଙ୍କର ଏକ ପାସେଞ୍ଜର ଅଟୋକୁ ଦୋକାନ ସାମ୍ନାରେ ରଖି ଦୋକାନ ଭିତରେ ଶୋଇଥିଲେ । ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ପ୍ରଦୀପ ବାହାରକୁ ପରିସ୍ରା ପାଇଁ ଉଠିଥିବା ବେଳେ ତାଙ୍କ ଅଟୋ ନିକଟରେ ଜଣେ ଯୁବକ ଏକ ଜରିଅଖା ଧରି ଠିଆ ହୋଇଥିଲା। ପ୍ରଦୀପଙ୍କର ସନ୍ଦେହ ହେବାରୁ ସେ ଅଟୋ ଭିତରକୁ ଟର୍ଚ୍ଚ ମାରିବାରେ ଅଟୋରେ ଥିବା ବ୍ୟାଟେରୀ ଓ ଷ୍ଟେପପିନ ଚକା ନଥିବା ଦେଖି ଯୁବକଙ୍କ ଉପରେ ସନ୍ଦେହ ହୋଇଥିଲା। ଯୁବକ ଜଣକ ହାତରେ ଧରିଥିବା ଅଖା ଭିତରେ ବ୍ୟାଟେରୀ ଓ ଷ୍ଟେପପିନ ଥିବା ଦେଖି ପ୍ରଦୀପ ଯୁବକକୁ କାବୁ କରି ଅନ୍ୟ ଦୋକାନୀଙ୍କୁ ଡ଼ାକ ପକାଇଥିଲେ । ପାଟି ଶୁଣି ନିକଟରେ ହେଉଥିବା ଯାତ୍ରା ପାଇଁ ଲୋକ ଗହଳି ଥିବାରୁ ଲୋକମାନେ ଘଟଣାସ୍ଥଳକୁ ଆସି ଉକ୍ତ ଯୁବକକୁ ନିର୍ଦ୍ଧୁମ୍ ଛେଚିବା ପରେ ସେ ସମସ୍ତ କଥା ମାନିବା ସହ ତା' ଘର ବଳଙ୍ଗା ଦଳିତ ସାହିର ମହେଶ୍ୱର ବେହେରା ବୋଲି ପରିଚୟ ଦେଇଥିଲା। ପରେ ପ୍ରଦୀପ ଏ ନେଇ ବଳଙ୍ଗା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବଳଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ମହେଶ୍ୱରକୁ ଥାନାକୁ ଆଣିଥିଲା। ଏ ସଂପର୍କରେ ଆଜି ସକାଳେ ପ୍ରଦୀପଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୪୬/୨୩ରେ ଏକ ଚୋରୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ବିବାଦ ଘେରରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ

# ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ତେଜୁଛି ଶୀତଳଯୁଦ୍ଧ

ନିଆଳି, (ଭାସ୍କର ନ୍ୟୁଜ୍): ଜଳକ୍ଲିଷ୍ଟ ଗ୍ରାମକୁ ଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ସରକାର ଜଳ ଜୀବନ ମିଶନ, ବସୁଦା ଆଦି ଯୋଜନା ଜରିଆରେ କୋଟି କୋଟି ଟଙ୍କାର ଅନୁଦାନ ରାଶି ଦେଉଥିବା ସତ୍ୱେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତି, ମନମାନୀ ଯୋଗୁଁ ଗାଁ ଗାଁ ଭିତରେ ଏବେ ବିବାଦର ସୂତ୍ରାପାତ, ସମ୍ପୂର୍ଣ୍ଣ ଯୋଜନାକୁ ଗଣ୍ଡଗୋଳିଆ ପରିସ୍ଥିତି ଭିତରକୁ ଠେଲି ଦେଇଛି। ପ୍ରାପ୍ତ ତସୂଚନା ଅନୁଯାୟୀ ସାଇଲୋ ଝାରପଡା ଗ୍ରାମପଞ୍ଚାୟତ ଅଧିନସ୍ଥ ଶେଷ ମୁଣ୍ଡରେ ଥିବା ରାଜସ୍ୱ ଗ୍ରାମରେ ଜଳ କ୍ଲିଷ୍ଟତା ବର୍ଷସାରା ଲାଗି ରହିଛି। ଲୋକେ ଅଶୁଦ୍ଧ ପାନୀୟଜଳ ବ୍ୟବହାର କରି ଅଧିକାଇଶ ସମୟ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମର ଅଧିକାଂଶ ନଳକୂପର ଜଳସ୍ତର ଗ୍ରୀଷ୍ମପ୍ରବାହ ଆରମ୍ଭ ହେବା ଆଗରୁ ବହୁ ନିମ୍ନକୁ ଖସିଯାଇ ପରିସ୍ଥିତିକୁ ବିଷମ କରିଥାଏ। ଗ୍ରାମବାସୀ ବହୁବାର ସରକାରଙ୍କୁ ଆପତ୍ତି ଅଭିଯୋଗ, ଆବେଦନ ନିବେଦନ ପରେ ସରକାର ଜଳଜୀବନ ମିଶନରେ ଏହାକୁ ସାମିଲ କରିଥିଲେ। ସୁପରିଟେଣ୍ଡିଙ୍ଗ୍ ଇଞ୍ଜିନିୟର, ଗ୍ରାମ୍ୟ ଜଳ ପରିମଳ ଡିଭିଜ. ମହାନଦୀ ବିହାର କଟକଙ୍କ ପକ୍ଷରୁ ବିଡ୍ ନଂ ୧୦ - ୨୦୨୧/ ୨୨ ବର୍ଷରେ ପ୍ରକାଶିତ ୨୩ ପର୍ଯ୍ୟନ୍ତ କ୍ରମ ସଂଖ୍ୟାରେ ପନ୍ନୟଜଳ ଅମଳ ପ୍ରକଳ୍ପ ଗୁଡିକ ନିମନ୍ତେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ଶ୍ରେଣୀର ଯୋଗ୍ୟତା ଥିବା ଠିକାଦାରଙ୍କ ଠାରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କ୍ରମିକ ସଂଖ୍ୟା ୧୫ରେ ଝାରପଡା ଗ୍ରାମର ତାଲିକା ଏଥିରେ ରହିଥିବା ବେଳେ କମାର ସାହି ରାଜସ୍ୱ ଗ୍ରାମ ତାଲିକା ଏଥିରେ ଆଦୌ ନଥିଲା। ଟେଣ୍ଡର ଆବେଦନର ପ୍ରାୟ ଆରମ୍ଭ ୨୦.୦୩.୨୦୨୨ ଧାର୍ଯ୍ୟ ଥିବାବେଳେ ଶେଷ ତାରିଖ ୦୪.୦୪.୨୦୨୨ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ଆବେଦନକାରୀ ମାନଙ୍କ ଟେଣ୍ଡର ୦୬.୦୪.୨୦୨୨ରେ ଖୋଲା ଯାଇଥିଲା ବୋଲି ପ୍ରକାଶିତ ଏହି ସୂଚନାରେ ରହିଛି। ଚୟନ ହୋଇଥିବା ଠିକାଦାରମାନେ ୧୨ କ୍ୟାଲେଣ୍ଡର ମାସ ମଧ୍ୟରେ କାର୍ଯ୍ୟ ସମାପନ କରିବାକୁ ଚୁକ୍ତିନାମା ସଂପାଦିତ ହୋଇଥିଲା। ବିଜ୍ଞପ୍ତିରେ ପ୍ରକାଶିତ ସ୍ଥାନ ମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନରେ ବୋରିଂ ସରିଯାଇ ଓ ଅନ୍ୟାନ୍ୟ ନିର୍ମାଣ କାମ ଆଗେଇ ଚାଲିଥିବାର ବିବାଗୀୟ ସୂଚନାରୁ ଜଣା ପଡିଥିବା ବେଳେ ଚଉପଡା ଗ୍ରାମର ପ୍ରକଳ୍ପ ବୋରିଂ କାମ ଆରମ୍ଭ ବି ଏଯାଏ ହୋଇନାହିଁ। କଣ୍ଡାପଡା ବ୍ଲକ ପାନୀୟଜଳ ବିଭାଗ ଯନ୍ତ୍ରୀ ପ୍ରଭାକର ସାହୁଙ୍କ ସୂଚନା ଅନୁଯାୟୀ କାର୍ଯ୍ୟଟିର କାର୍ଯ୍ୟାଦେଶ ବାଙ୍କି ଅଞ୍ଚଳର ଶ୍ରୀନିବାସ ବେହେରା ପାଇଥିଲେ। ମାତ୍ର ସେ କେଉଁ ରହସ୍ୟ ଜନକ କାରଣରୁ ଚଉପଡା ଗ୍ରାମ ନିମନ୍ତେ ଉଦ୍ଦିଷ୍ଟ ମାନୀୟ ଜଳ ଅମଳ ପ୍ରକଳ୍ପ ଆରମ୍ଭ କରୁନାହାନ୍ତି ଅଥଚ କଳାର୍ଯ୍ୟାଦେଶ ଚୁକ୍ତିନାମା ଅନୁଯାୟୀ ଦାର୍ଯ୍ୟ ୧୨ ମାସ ସରିବାକୁ ଆଉମାତ୍ର ୧୨ଦିନ ବି ସମୟ ନାହିଁ ତାହା ଜଣାପଡିନାହିଁ। ଅପରପକ୍ଷରେ ସ୍ଥାନୀୟ ଚଉପଡା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସଂପୃକ୍ତ ଠିକାଦାର ଚଉପଡା ଗ୍ରାମ ନିମନ୍ତେ ଉଦ୍ଦିଷ୍ଟ ଜଳଅମଳ ପ୍ରକଳ୍ପଟିକୁ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ବିନା କାର୍ଯ୍ୟାଦେଶରେ ବେଆଇନ ଭାବେ କମାରସାହି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିଷରରେ ଚଳାଉଛନ୍ତି। ଯଦି ଏହି ତଥ୍ୟ ସତ୍ୟ ହୋଇଥାଏ ସଂପୃକ୍ତ ଠିକାଦାରଙ୍କ ଚୁକ୍ତିନାମା ଓ ଲାଇସେନ୍ସକୁ ବାତିଲ କରି ପୁନଃ ଟେଣ୍ଡର କରିବାକୁ ଦାବି ହୋଇଛି। ଅପରପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷାଧିକାରୀ ମାନେ ମଧ ଏପରି କାର୍ଯ୍ୟକୁ କିପରି ପ୍ରଶୟ ଦେଲେ ତହାହିଁ ବିଷୟ ସୃଷ୍ଟି କରିଛି। ଏଥିନେଇ ଆମେ ଠିକାଦାର ଶ୍ରୀନିବାସ ବେହେରାଙ୍କୁ ପଚାରିବାରୁ ସେ କାର୍ଯ୍ୟାଦେଶ ଚଉପଡା ଗ୍ରାମ ନିମନ୍ତେ ରହିଥିଲା ବୋଲି ସ୍ୱୀକାର କରିଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକର ଧରିତ୍ରୀ ସାମ୍ବାଦିକ ତଥା କଲ୍ୟାଣପୁର ଯୁକ୍ତ ଦୁଇ ବିଜ୍ଞାନ କଲେଜର କର୍ମଚାରୀ ରଶ୍ମିରଞ୍ଜନ ପ୍ରଧାନଙ୍କୁ ଆକ୍ରମଣ କରାଯାଇଥିବା ନେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗରେ ରଶ୍ମୀରଞ୍ଜନ ଦର୍ଶାଇଛନ୍ତି ଯେ କଲ୍ୟାଣପୁର କଲେଜରେ ଅଧ୍ୟାପକ ନିରୋଦ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି ପ୍ରାଚୀର ନିର୍ମାଣ କାର୍ଯ୍ୟ ପାଇଁ ଅଧ୍ୟାପକଙ୍କ ନିର୍ଦ୍ଦେଶକ୍ରମେ ଏକ ଜେସିବ୍ ମେସିନ ରଶ୍ମୀରଞ୍ଜନଙ୍କ ମାର୍ଫତରେ ଅଣାଯାଇ କାମରେ ଲଗାଯାଇଥିଲା।ମେସିନ୍ ଦ୍ୱାରା ନିଅଁ ଖୋଳିବା ସମୟରେ କଲ୍ୟାଣପୁର ଗ୍ରାମର ଦେବେନ୍ଦ୍ର ପ୍ରଧାନ (୫୩)କଲେଜ ପରିସରରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ନିକଟରେ ପହଞ୍ଚି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ। କଲେଜ ଭିତରେ କାହିଁକି ଗାଳିଗୁଲଜ କରୁଛ ବୋଲି ଅଧ୍ୟାପକ ମହୋଦୟ ପଚାରିବାରୁ ଅଭିଯୁକ୍ତ ଦେବେନ୍ଦ୍ର ଅଧିକ ଉତ୍ତେଜିତ ହୋଇ ସାମ୍ବାଦିକ ତଥା କଲେଜ କର୍ମଚାରୀ ରଶ୍ମୀରଞ୍ଜନଙ୍କୁ ଗାଳିଗୁଲଜ କରିବା ସହ ସେଠାରେ ପଡିଥିବା ଏକ କୋଦାଳ ଧରି ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଲକ୍ଷ୍ୟ ରଖି ମୁଣ୍ଡକୁ ଚୋଟ ମାରିଥିଲା ।ସେ ଜୀବନ ବିକଳରେ ଟିକେ ଆଡ଼ ହୋଇ ଯିବାରୁ କୋଦାଳର ଚୋଟ ପ୍ରାଚୀର କାନ୍ଥରେ ବାଜିଥିବା ନେଇ ରଶ୍ମିରଞ୍ଜନ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। କଲେଜର ୫ଜଣ କର୍ମଚାରୀଙ୍କ ସହିତ ୨ଜଣ ରାଜମିସ୍ତ୍ରୀ ଦେବେନ୍ଦ୍ରଙ୍କ ଠାରୁ କୋଦାଳ ଛଡାଇ ରଖିଥିବାବେଳେ ସେମାନଙ୍କଠାରୁ ଖସିଯାଇ ଅଭିଯୁକ୍ତ ରଶ୍ମୀରଞ୍ଜନଙ୍କୁ ବିଧା ଗୋଇଠା ଏବଂ ମାଡ ମାରିଥିବା ନେଇ ରଶ୍ମୀରଞ୍ଜନ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏ ସଂକ୍ରାନ୍ତରେ ଡେଲାଙ୍ଗ ଥାନାରେ ୮୪/ ୨୩ରେ ଭାରତୀୟ ପିଙ୍ଗଳ କୋଡ଼ର ଦଫା ୪୪୭/୨୯୪/୩୦୭/୩୨୩/୫୦୬ ଦଫାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲୁରହିଥିବା ନେଇ ଡେଲାଙ୍ଗ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

## ଗରା ବାଲ୍‌ଟି ଧରି ଥାନା ପରିସରରେ ମହିଳା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତରେ ଦୀର୍ଘ ବର୍ଷ ହେବ ପାନୀୟଜଳ ସମସ୍ୟା ଲାଗି ରହିଥିଲା। ଯେଉଁ କାରଣ ରୁ ବିଭିନ୍ନ ସମୟରେ ବନ୍ଦାଳ ଗ୍ରାମର ଲୋକ ବ୍ଲକ ଆଗରେ ଗରା ବାଲ୍ଟି ଧରି ଆନ୍ଦୋଳନକୁ ଓହ୍ଲାଇ ଥିଲେ କିନ୍ତୁ ବ୍ଲକ ପ୍ରଶାସନ ଅଧିକାରୀ କୌଣସି ପ୍ରକାର ଏହାକୁ ଗୁରୁତ୍ୱ ସହକାରେ ନେଇନଥିଲେ। ଗତ କିଛି ମାସ ତଳେ ଅସ୍ତରଙ୍ଗ ବ୍ଲକ ଜନଶୁଣାଣି କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଗରାବାଲ୍ଟି ଧରି ବ୍ଲକରେ ଧାରଣା ଦେଇଥିଲେ। ଜିଲ୍ଲା ପ୍ରଶାସନ ତାଙ୍କ ସମସ୍ୟା ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନ ରୁ ଓହରିଥିଲେ। ଗତ ଷୋହଳ ତାରିଖରୁ ପଞ୍ଚାୟତରେ ପାଣି ଯୋଗାଣ ଟେଣ୍ଡର ହୋଇଥିଲା। ଏହି ଟେଣ୍ଡର ସତ୍ୟବ୍ରତ ସେଠି ପାଇଥିଲେ ଆଉ ସେଥିପାଇଁ ୧୬ତାରିଖ ରୁ ବନ୍ଦାଳ ଗାଁ ରେ ପାଣି ଯୋଗେଇ ଥିଲେ। କିନ୍ତୁ ଆଜି ମଧ୍ୟାହ୍ନ ଏକ ଘଣ୍ଟା ସମୟରେ ପାଣି ନେଇ ଉକ୍ତ ଗାଁ କୁ ଯାଇଥିଲେ ଶ୍ରୀ ସେଠୀ ତାଙ୍କ ଗାଡି କୁ ଶିଶୁଅ ସରପଞ୍ଚ ଙ୍କ ସ୍ୱାମୀ ରୋହିତ ପରିଡା ଆଉ ଅନ୍ୟ କିଛି ସପକ୍ଷ ବାଦୀ ଲୋକ ଅଟକାଇବା ସହ ତାଙ୍କ ଗାଡି ସାମ୍ନା ରେ କିଛି କାଠ ପକାଇ ଗାଡି କୁ ଅବରୋଧ କରିଥିଲେ। ଟେଣ୍ଡର ଧାରି ନିଜେ ଉକ୍ତ ଗାଡିର ଡ୍ରାଇଭର ଥିଲେ। ଆଉ ସେମାନଙ୍କୁ ଏ ବାବଦରେ ପଚାରି ଜବରଦସ୍ତ ପାଣି ଲୋକଙ୍କ ନିକଟରେ ପହଞ୍ଚେଇବା ପାଇଁ ପ୍ରୟାସ କରିଥିଲେ କିନ୍ତୁ ଶ୍ରୀ ପରିଡା ଆଉ ତାଙ୍କ ସମର୍ଥକମାନେ ତାଙ୍କୁ ହରିଜନ ଜାତିଆଣ ଉପରେ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ମାରଣାସ୍ତ୍ର ରେ ଆକ୍ରମଣ କରିବା ପ୍ରୟାସ କରି ତାଙ୍କୁ ଧମକ ଦେଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଙ୍କୁ ପଠାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଯେଉଁକାରଣ ରୁ ଉକ୍ତ ଡ୍ରାଇଭର ସରପଞ୍ଚ ଙ୍କ ସ୍ୱାମୀ ଶ୍ରୀ ପରିଡା ଓ ଆଉ କିଛି ତାଙ୍କ ସମର୍ଥକ ଙ୍କବିରୁଦ୍ଧରେ ଏକ ଅଭିଯୋଗ ଅସ୍ତରଙ୍ଗ ଥାନା ରେ କରିଛନ୍ତି ଅଭିଯୋଗକୁ ଭିତ୍ତି କରି ଅସ୍ତରଙ୍ଗ ଥାନା ତଦନ୍ତ ଆରମ୍ଭ କରିଛି।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ତୁଳସୀକ୍ଷେତ୍ର ପଣ୍ଡିତସଭାର ଏକ ବୈଠକ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ସଭାପତି ପଣ୍ଡିତ ଧ୍ରୁବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପଣ୍ଡିତ ପ୍ରଭାକର ଆଚାର୍ଯ୍ୟ ବେଦପାଠ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ ସ୍ତରରେ ବୈଠକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହି ଅନୁଯାୟୀ ଆସନ୍ତା ଅପ୍ରେଲମାସ ୨ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ଏବଂ ୧୬ତାରିଖରେ ମାର୍ଶାଘାଇ ବ୍ଲକରେ ପଣ୍ଡିତସଭାର ବ୍ଲକ ସ୍ତରୀୟ ବୈଠକ କରାଯିବାକୁ ସ୍ଥିର କରାଯାଇଥିଲା। ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ପତ୍ରୀ ଆଭିମୁଖ୍ୟ ଜ୍ଞାପନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ପଣ୍ଡିତ ସୁବାଷ ଚନ୍ଦ୍ର ପାଣି ନିୟମାବଳୀ ପାଠ କରିଥିଲେ। ଶେଷରେ ପଣ୍ଡିତ ଅକ୍ଷୟ କୁମାର ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧବ ଚନ୍ଦ୍ର ପତ୍ରୀ, ତ୍ରିଲୋଚନ ମିଶ୍ର, ହରିହର ଶତପଥୀ, ପ୍ରଫୁଲ୍ଲ କୁମାର ପତି, ହୃଷିକେଶ ପତି, ହରେକୃଷ୍ଣ ପତି, ନାରାୟଣ ଚନ୍ଦ୍ର ପଣ୍ଡା, ମୁରଲୀଧର ଷଡଙ୍ଗୀ, ସୁବାଷ ଚନ୍ଦ୍ର ପାଣି, ଭଗବାନ ସାହୁ, ପିତାମ୍ବର ଲେଙ୍କା, ଅଦ୍ୱୈତ ରାଉତ, ସଚିଦାନନ୍ଦ ଦାସ ଗୌସ୍ୱାମୀ, କୁଳମଣି ପଣ୍ଡା, ଦାମୋଦର ରାଉତ, ପ୍ରସନ୍ନ କୁମାର ଷଡଙ୍ଗୀ, ଅକ୍ଷୟ କୁମାର ପତ୍ରୀ, ରମାକାନ୍ତ ପତି, କୃଷ୍ଣଚନ୍ଦ୍ର ନାୟକ, ତପନ ଦାଶ, ବ୍ରଜସୁନ୍ଦର ମିଶ୍ର, ନରେନ୍ଦ୍ର କୁମାର ତ୍ରିପାଠୀ, ପ୍ରସନ୍ନଜିତ ପଣ୍ଡା, ଅଦ୍ୱୈତ ପ୍ରସାଦ କର, କୈଳାସ ଚନ୍ଦ୍ର ଦାଶ, ପ୍ରମୋଦ କୁମାର ତ୍ରିପାଠୀ, ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ, ନୃସିଂହ ଚରଣ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପତି, ରଶ୍ମୀରେଖା ରାଉତ, ନୃସିଂହ ଚରଣ ପତି, ନିରଞ୍ଜନ ପତି, ମହେଶ୍ୱର ପାଣି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମା' ବନବିହାରୀଙ୍କ ପୀଠରେ ମାଇପି ମେଳା



ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ ଅନ୍ତର୍ଗତ ନରିଶୋ ଛିଟିକଣାସ୍ଥିତ ମା ବନବିହାରୀଙ୍କ ପୀଠରେ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ମାଇପି ମେଳା। ଏହି ମେଳା ରେ ବିଭିନ୍ନ ଅଞ୍ଚଳରୁ ଶହସ୍ରାଧିକ ମହିଳା ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଆରମ୍ଭ ହୋଇଛି ପ୍ରସିଦ୍ଧ ମାଇପି ମେଳା । ଏହି ମେଳା ପ୍ରାୟ ୨ ଶହ ବର୍ଷ ତଳୁ ଅନୁଷ୍ଠିତ ହୋଇଆସୁଛି ବୋଲି ସେଠାକାର ସ୍ଥାନିୟ ବାସିନ୍ଦା କୁହନ୍ତି। ଆଜିର ଦିନରେ ମା ବନବିହାରୀଙ୍କ ପରିସରରେ ମାନସିକ କରି ଅଧିଆ ପଡିଲେ ସବୁ ମାନସିକ ପୂରଣ ହୋଇଥାଏ ବୋଲି ଲୋକକଥା ଏବଂ ବିଶ୍ୱାସ ରହିଛି। ଆଜି ପ୍ରତ୍ୟୁଷରୁ ବନବିହାରୀଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ମାନେ ବନବାହାରୀଙ୍କ ପୀଠରେ ନଡିଆ,ଗୁଆ ଓ ମନ୍ଦାର ଫୁଲ ରଖି ଅଧିଆ ପଡିଥିଲେ। ନଡିଆ ଯଦି ମନକୁ ଫାଟେ ବା କିଛି ସଂଙ୍କେତ ମିଳେ ତେବେ ମାନସିକ ପ୍ରାପ୍ତି ହୋଇଥାଏ ବୋଲି ଏଠାରେ ଦୃଢ଼ ବିଶ୍ୱାସ ରହିଛି। ତେଣୁ ନିଜ ମନସ୍କାମନା ପୂରଣ କରିବା ପାଇଁ ଭକ୍ତ ସୁଅ ଛୁଟିଥାଏ ।ପ୍ରସିଦ୍ଧ ମାଇପି ମେଳା ତିନିଦିନ ବ୍ୟାପୀ ଚାଲିଥାଏ। ନରିଶୋ ଓ ଆଖପାଖ ଗ୍ରାମର ଲୋକମାନେ ଏହି ମେଳାକୁ ଆୟୋଜନ କରିଥାନ୍ତି। ମେଳାରେ ବାଡି ଖେଳ,ପାଲା,ଦାସ କାଠିଆ, ସଂକୀର୍ତ୍ତନ ଓ ଯଜ୍ଞ ଅନୁଷ୍ଠିତ ହୋଇଥାଏ। ମେଳାରେ ଲୋକଙ୍କ ସମାଗମ ନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

## ବାଣ ବିସ୍ଫୋରଣରେ କ୍ଷତିଗ୍ରସ୍ତ ପରିବାରକୁ ଭେଟିଲେ ସାଂସଦ

ଟାଙ୍ଗୀ, ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଭୂଷଣ୍ଡପୁର ଅଞ୍ଚଳରେ ଦୋଳ ପୂର୍ଣ୍ଣିମା ପୂର୍ବ ଦିନ ହୋଇଥିଲା ବାଣ ବିସ୍ଫୋରଣ । ଯେଉଁ ଥିରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସହିତ ସଂଗ୍ରାମ କରୁଛି । ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇ ଥିଲା । ଏହି କ୍ଷତିଗ୍ରସ୍ତ ପରିବାରକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସାକ୍ଷାତ କରି ସମବେଦନା ଜଣାଇଛନ୍ତି । ଠିକ୍ ସେହିପରି ରାଜ୍ୟ ବିଜୁ ମହିଳା ଜନତା ଦଳର ଉପ-ସଭାପତି ବାସନ୍ତୀ ମହାପାତ୍ର ଶୋକ ସନ୍ତପ୍ତ ପରିବାରକୁ ସାକ୍ଷାତ କରି ଆଶ୍ୱାସନା, ସମବେଦନା ଓ ସେମାନଙ୍କ ଦୁଃଖରେ ସହଭାଗୀ ହୋଇ ବ୍ୟକ୍ତିଗତ ଭାବରେ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟପଟରେ ଏହି ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ଜମୁଛି ସାଗରସ୍ନାନ ମେଳନ



ଗୋପ, (ଭାସ୍କର ନ୍ୟୁଜ୍): ଆଜି ଶ୍ରୀ ଗୋପଳଜୀଉ ସାଗରସ୍ନାନ ମେଳନ ବହୁ ଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଗତ କାଲି ବିଳମ୍ବିତ ରାତ୍ରିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଜି ମେଳନ ଅନୁଷ୍ଠିତ ହୋଇଯାଇଛି । ରୀତିନୀତି ଅନୁସାରେ ଶନିବାର ରାତ୍ରିରେ ମେଳଣର ସ୍ଥାନାଧିପତି ପ୍ରଭୂ ଶ୍ରୀ ଗୋପାଳଜୀଉ ଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିରରୁ ଅଣାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହ ମେଳଣ ପଡିଆକୁ ନିଆଯାଇଥିଲା । ଚିତାକର୍ଷକ ଆଲୋକସଜ୍ଜା, ଆତସବାଜି, ଘଣ୍ଟଘଣ୍ଟି, ଶଙ୍ଖନାଦ, ଘୋଡାନାଚ, ବାଜାବାଣ ରୋଷଣୀ ସହ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସ୍ଥାନାଧିପତି ମେଳଣ ପଡିଆକୁ ବିଜେ କରିଥିଲେ। ହରିବୋଲ ହୁଳହୁଳି ଓ ଆତସବାଜିରେ ପୁରା ଗାଁ ଓ ମେଳଣ ପଡିଆ କମ୍ପି ଉଠିଥିଲା । ଆଜି ସ୍ଥାନାଧିପତିଙ୍କ ସହ ବିଭିନ୍ନ ଅଂଚଳରୁ ୨୫ ଗୋଟି ଦେବ ବିଗ୍ରହମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ନିଆଯାଇ ମେଳଣ ପଡିଆରେ ବିଜେ କରାଯାଇଥିଲା । ପ୍ରଥମେ ଥାନପତି ପ୍ରଭୂ ଶ୍ରୀ ଗୋପାଳଜୀଉଙ୍କ ଖୁ□ ଲାଗି ହେବା ପରେ ଗୋପର ଭାଗବତ ଗୋସାଇଁ,ଚଉତରା ଭଗବତ ବାସୁଦେବ, ବାୟାକୁଦା, ବୟାଳିଶିବାଟି, ଚିତ୍ରା, ବେଣୀପୁର, ଦାମୋଦରପୁର, ମଲ୍ଲଗ୍ରାମ, ତରଙ୍ଗିରା ସଇଦାବାଦ, ପାଳଶ୍ରୀ, ସାନଡିହି, ଅନସରା(ସାନମଠ), ତିରୁଣା, ବଣହରାରୁ ଆସିଥିବା ପ୍ରଭୂ ରାଧାକୃଷ୍ଣ ଦେବ,ଗୋପ ମହାଜନସାହି, ସାଇଁସାଇଁ ରୁ ଆସିଥିବା ପ୍ରଭୂ ପତିତୋପାବନ ଦେବ, ବରିମୁଣ୍ଡରୁ ଆସିଥିବା ପ୍ରଭୂ ଶ୍ରୀ ବଂଶୀ ଗୋପୀନାଥ ଆଦି ଠାକୁରଙ୍କ ଦୋଳ ବିମାନର ଖୁଣ୍ଟ ଲାଗି ହୋଇଥିଲା । ସେହିପରି ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଗୋପ ଲୋକ ଉତ୍ସବ-୨୦୨୩କୁମେଳନ ପଡିଆ ମଣ୍ଡପରେ ଆଜି ସଂନ୍ଧ୍ୟା ୭.୩୦ ମିନିଟରେ ମୁଖ୍ୟ ଅତିଥି ଗୋପ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ ଉଦଘାଟନ କରିଛନ୍ତି। ଏହି ଅବସରରେ ମେଳନ କମିଟିର ସଭାପତି ଗୋପ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ, ସଂପାଦକ ସତ୍ୟପ୍ରିୟ ନାୟକ, ଶିକ୍ଷାବିତ୍ ନରେନ୍ଦ୍ର ଦାସ, ରବିନ୍ଦ୍ର ନାଥ ସିଂ, ଲକ୍ଷ୍ମୀଧର ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ଗୋପ କଲେଜ ପରିଚାଳନା କମିଟିର ସଭାପତି ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସଂଗ୍ରାମ କେଶରୀ ଭୋଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି କେଦାର ନାଥ ବେହେରା, ଅଭିମନ୍ୟୁ କାଣ୍ଡି, ବିଶ୍ୱ ରଂଜନ ମୁଖି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆସିଲେନି ଅତିଥି, ଫିଙ୍କା ପଡ଼ିଲା ଉତ୍ସବ

ଗୋପ, (ଭାସ୍କର ନ୍ୟୁଜ୍): କାହିଁ କେଉଁ କାଳରୁ ଗୋପ କୁଶଭଦ୍ରା ନଦୀ କୂଳରେ ଅନୁଷ୍ଠିତ ହୋଇଆସୁଥିବା ପ୍ରସିଦ୍ଧ ଐତିହାସିକ ଗୋପ ଶ୍ରୀ ଗୋପାଳଜୀଉ ସାଗରସ୍ନାନ ମେଳନ ଓ ଲୋକ ଉତ୍ସବ ଚଳିତ ବର୍ଷ ଫିଙ୍କା ପଡିଛି । ଅତିଥିମାନଙ୍କର ଅଣଦେଖା ଓ ଅନୁପସ୍ଥିତି ଯୋଗୁଁ ଏହି ମେଳନ ଓ ଲୋକ ଉତ୍ସବ ଫିଙ୍କା ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ହେଲେ ଏହି ଉଦ୍‌ଘାଟନୀ ଉତ୍‌ସବକୁ ବହୁ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ଚାହିଁ ରହିଥିବା ସାଧାରଣ ଜନତା ଅତିଥିଙ୍କ ଅନୁପସ୍ଥିତି ଯୋଗୁଁ ନିରାଶ ହୋଇଛନ୍ତି । ସୁଚନା ମୁତାବକ ଶନିବାର ଦିନ ଗୋପ ସାଗରସ୍ନାନ ମେଳନର ଜମାଣ ଉତ୍ସବ ଥିବା ବେଳେ ରବିବାର ଦିନ ସେହି ମେଳନ ପଡିଆରେ ଗୋପ ଲୋକ ଉତ୍ସବ-୨୦୨୩ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା । ସେହି ଯୋଜନା ଅନୁଯାୟୀ ଏହି ଉଦଘାଟନୀ ଉତ୍ସବକୁ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ମାନ୍ୟବର ସମୀର ରଂଜନ ଦାଶଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରୀତ କରାଯାଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା, ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ ଓ ଗୋପ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଏହି ମାନ୍ୟଗଣ ଅତିଥିମାନେ ଆସିଲେ ଗୋପ ଲୋକ ଉତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ ବହୁ ଆଡମ୍ବରରେ ଅନୁଷ୍ଠିତ ହେବ ବୋଲି ଜଣାପଡିଥିଲା। ହେଲେ ଏହି କାର୍ଯ୍ୟକ୍ରମରେ କେବଳ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକଙ୍କୁ ଛାଡି ଦେଲେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କି ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା କି ସାଂସଦ ଡା. ରାଜଶ୍ରୀ ମଲ୍ଲିକ କାହାର ଦେଖା ନଥିଲା ।ମେଳନ କମିଟିର ସଦସ୍ୟ ଏବଂ ସାଧାରଣ ଜନତା ଦୀର୍ଘ ସମୟ ଧରି ଏହି ଅତିଥିମାନଙ୍କୁ ଅପେକ୍ଷା କରିକରି ୬.୩୦ ମିନିଟରେ ଆରମ୍ଭ ହେବାକୁ ଥିବା ଉଦଘାଟନୀ କାର୍ଯ୍ୟକ୍ରମକୁ ପ୍ରାୟ ୮ ସମୟରେ ଅଧକ୍ଷା ଝୁନୁ ମଲ୍ଲିକଙ୍କ ଦ୍ୱାରା ଉଦଘାଟନ କରିଥିଲେ । ଯାହାକୁନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଶୁଣିବାକୁ ମିଳିଥିଲା ନିମାପଡାରେ ଅନୁଷ୍ଠିତ ହେଉଥିବା ଲୋକ ଉତ୍ସବରେ ଗଣଶିକ୍ଷାମନ୍ତ୍ରୀ ତଥା ନିମାପଡା ବିଧାୟକ ସର୍ବଦା ଉପସ୍ଥିତ ରହୁଥିବା ବେଳେ କାକଟପୁର ବିଧାୟକ ତଥା କ୍ରିଡା ଓ ଯୁବ ବ୍ୟାପର ମନ୍ତ୍ରୀ ତୁଷାରକାନ୍ତି ବେହେରା କାକଟପୁର ଓ ଅସ୍ତରଙ୍ଗରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଉତ୍ସବରେ ଯୋଗ ଦେଉଥିବା ସହ ବିବାହ ବ୍ରତ ଉତ୍ସବରେ ଯୋଗଦାନ କରୁଛନ୍ତି। ସେହିପରି ସାଂସଦ ଡା. ରାଜଶ୍ରୀ ମଲ୍ଲିକ ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମର ଯୋଗ ଦେଉଥିବା ବେଳେ ଗୋପକୁ କଣ ପାଇଁ ଅଣଦେଖା କରୁଛନ୍ତି ତାହା ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆଜି ପ୍ରଥମ ଦିବସରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ୨ ଜଣ ସମାଜସେବୀ, ଜଣେ ଓଏସ ଏବଂ ମାଟ୍ରିକ ପରୀକ୍ଷାରେ ଗୋପ ବ୍ଲକରେ ଟପର ହୋଇଥିବା ୨ ଜଣ ଛାତ୍ରଛାତ୍ରୀ ଅତିଥିମାନଙ୍କ ଅନୁପସ୍ଥିତି ଯୋଗୁଁ ନିରାଶରେ ଫେରିଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ନେଇ ବିଭିନ୍ନ କଥା ଆଲୋଚନା ହେଉଥିବାର ଶୁଣିବାକୁ ମିଳିଛି ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ପକ୍ଷରୁ ସାଂସଦଙ୍କୁ ସ୍ମାରକପତ୍ର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଆମ ଦେଶ ଭାରତ ବର୍ତ୍ତମାନ ସଂକଟ ଜନକ ପରିସ୍ଥିତିରେ ଗତିକରୁଛି। ପୃଥିବୀର ସମୁଦାୟ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ଆମ ଦେଶରେ ଅଛନ୍ତି। ଆମ ଦେଶ ଏବେ ଜନସଂଖ୍ୟାରେ ଚୀନ୍‌କୁ ଟପିଗଲାଣି। ଆମ ଦେଶ ଭାରତ ଅପେକ୍ଷା ଚୀନ୍‌ର କ୍ଷେତ୍ରଫଳ ତିନିଗୁଣାରୁ ଅଧିକ । କିନ୍ତୁ ଜନସଂଖ୍ୟାରେ ଚୀନ ଠାରୁ ବର୍ତମାନ ଆମେ ଅଧିକ । ଏତେବଡ ଜନସଂଖ୍ୟାକୁ ସଶ୍ୟ ସାମଗ୍ରୀ, ଫଳ, ପନିପରିବା, ଦୁଗ୍ଧ, ବିଜୁଳି, ପାଣି, ଇନ୍ଧନ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଇତ୍ୟାଦି ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଇବା ଅସମ୍ଭବ ହେଲାଣି । ଜନସଂଖ୍ୟା ବୃଦ୍ଧି ଯୋଗୁଁ ଦେଶରେ ଚାଷ ଓ ଜଙ୍ଗଲ ଜମି ଦ୍ରୁତଗତିରେ କମି ଚାଲିଛି। ଯାହାର ପ୍ରଭାବରେ ଆଗାମୀ ଦିନରେ ଦେଶରେ ଖାଦ୍ୟ ଅଭାବ ବ୍ୟାପକ ହେବ । ଆଇନ୍ ଶୃଙ୍ଖଳା ପରିସ୍ଥିତି ବପର୍ଯ୍ୟସ୍ତ ହେବାକୁ ଲାଗିଛି। ଯାହାକି ଆଗାମୀ ଦିନରେ ଉତ୍କଟ ହେବ। ଭାରତର ସର୍ବପୁରାତନ ସଭ୍ୟତା ସଂକଟଜନକ ପରିସ୍ଥିତି ଆଡକୁ ଅଗ୍ରସର ହେଉଥିବାରୁ ଏହାକୁ ସୁରକ୍ଷା କରିବା ଆମ୍ଭମାନଙ୍କ ଦାୟିତ୍ୱ । ଭାରତ ସେତେବେଳେ ସୁରକ୍ଷିତ ରହିବ, ଯେତେବେଳେ ବର୍ଦ୍ଧିତ ଜନସଂଖ୍ୟା ନିୟନ୍ତ୍ରିତ ହୋଇପାରିବ । ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଭାରତ ସରକାରଙ୍କୁ କଠୋର ହେବାକୁ ପଡିବ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସବୁ ନାଗରିକମାନଙ୍କ ଦୁଇଟି ସନ୍ତାନ ବାଧ୍ୟତାମୁଳକ କରି ଏକ କଠୋର ଓ ସଶକ୍ତ ଆଇନ୍ ପ୍ରଣୟନ କରିବା ଏକାନ୍ତ ଅନିବାର୍ଯ୍ୟ ହୋଇପଡିଛି । ଆସନ୍ତା ଅପ୍ରେଲ୍ ୨୯ ତାରିଖରେ ଏକ ବିଶାଳ ପଟୁଆରରେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଏକ ସଶକ୍ତ ଆଇନ୍ ପ୍ରଣୟନ ପାଇଁ ମାନ୍ୟବର ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ସହଯୋଗ ପୂର୍ବକ ବଦାନ୍ୟତା ଦେଖାଇବା ପାଇଁ ଏକ ଲିଖିତ ଦାବିପତ୍ର ସାଂସଦଙ୍କ ଆବାସିକ କାର୍ଯ୍ୟାଳୟରେ ତାଙ୍କର ଅନୁପସ୍ଥିତିରେ କାର୍ଯ୍ୟାଳୟ ସହାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି କଲ୍ୟାଣ କୁମାର କାନୁନ୍‌ଗୋ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ବାବୁଚାନ୍ଦ ମହାଳିକ ଓ ବରିଷ୍ଠ ଆଇନଜୀବି ଦୀପକ ପ୍ରସାଦ ପଟ୍ଟନାୟକ, ମହିଳା ସାମୁଖ୍ୟ ରାଜ୍ୟ ଉପସଭାନେତ୍ରୀ ଭାରତୀ ସ୍ୱାଇଁ, ଡଃ. ସମୀର କୁମାର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ଅଖିଳ କୁମାର ମହାପାତ୍ର, ପାର୍ଥ ସାରଥୀ ପଟ୍ଟନାୟକ, ଶ୍ରମିକ ନେତା ପ୍ରଭାକର ସାହୁ, ପ୍ରମୋଦ କୁମାର ପରିଡା, ଜିଲ୍ଲା ଯୁବ ସାମୁଖ୍ୟ ସଭାପତି ଅମ୍ବିକା ପ୍ରସାଦ ମିଶ୍ର, ରବିନାରାୟଣ ମହାନ୍ତି ଓ ଶଶାଙ୍କ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଲାହୋର: ଇମ୍ରାନଙ୍କ ବିରୋଧରେ ଆତଙ୍କୀ ନିରୋଧୀ ଆଇନ୍ ଆଧାରରେ ମାମଲା ରୁଜୁ କରାଯାଇଛି। ଏହାସହ ତାଙ୍କ ନାଁରେ ମାମଲା ୧୦୦ରେ ପହଞ୍ଚିଯାଇଛି । ଶନିବାର ଲାହୋରସ୍ଥିତ ଇସଲାମାବାଦ କୋର୍ଟରେ ହାଜର ହୋଇଥିଲେ ଇମ୍ରାନ । କିନ୍ତୁ ଅଧା ବାଟରେ ତାଙ୍କ ଗାଡ଼ିକୁ ରୋକିଦିଆଯାଇଥିଲା । ଯଦିଓ ଇମ୍ରାନଙ୍କୁ କୌଣସି କ୍ଷତି ହୋଇନଥିଲା, କିନ୍ତୁ ତାଙ୍କ କାରକେଡରେ ସାମିଲ ହୋଇଥିବା କିଛି ସମର୍ଥକଙ୍କୁ ଆଘାତ ଲାଗିଥିଲା । ଅନ୍ୟପକ୍ଷରେ ଇମ୍ରାନଙ୍କ ଘରେ ବହୁସଂଖ୍ୟକ ପୋଲିସ ବଳପୂର୍ବକ ଧଶେଇ ପଶିଥିଲେ। ପାଖାପାଖି ୧୦ହଜାର ପୋଲିସ ଇମ୍ରାନଙ୍କ ବାସଭବନ ଆଗରେ ମୁତୟନ ହୋଇଥିଲେ । ବୁଲଡୋଜର ଜରିଆରେ ଘରର କିଛି ଅଂଶ ଭଙ୍ଗାଯାଇଥିବା ମଧ ଜଣାପଡିଛି । ଇମ୍ରାନଙ୍କ ଘର ଓ ଘର ବାହାର ଜଗି ରହିଥିବା ସମର୍ଥକ ଓ ପୁଲିସ ମଧରେ ବଡ ଧରଣର ସଂଘର୍ଷ ହୋଇଥିଲା ।

# ଭାରତ-ଜାପାନ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ

## ଦୁଇଦିନିଆ ଭାରତ ଗସ୍ତରେ କିଶିଦା ଫୁମିଓ



ନୂଆଦିଲ୍ଲୀ: ଭାରତ-ଜାପାନ ସମ୍ପର୍କ ଏକ ନୂତନ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି । ମାର୍ଚ୍ଚ ୨୦ରେ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଜାପାନର ପ୍ରଧାନମନ୍ତ୍ରୀ କିଶିଦା ଫୁମିଓ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ। ଭାରତ ଏବଂ ଜାପାନ ମଧ୍ୟରେ ବାର୍ଷିକ ସମ୍ମିଳନୀର ଏହା ଏକ ଅଂଶ । ଦୁଇ ଦିନିଆ ଭାରତ ଗସ୍ତରେ ଜାପାନର ପ୍ରଧାନମନ୍ତ୍ରୀ କିଶିଦା ଫୁମିଓ ଆସୁଛନ୍ତି। କିଶିଦା ଫୁମିଓ ଇଣ୍ଡିଆନ୍ କାଉନସିଲ୍ ଅଫ୍ ଓ୍ୱାର୍ଲ୍ଡ ଆଫେୟାର୍ସ (ଆଇସିଡବ୍ଲ୍ୟୁଏ) ଦ୍ୱାରା ଆୟୋଜିତ ଏହି ଆଲୋଚନାରେ ଇଣ୍ଡୋ-ପାସିଫିକ୍ ଯୋଜନାର ରୂପରେଖ ଉପରେ ଉପସ୍ଥାପନ କରିବେ। ଯେଉଁଥିରେ ଭାରତ-ଜାପାନର ବନ୍ଧୁତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେବ। ଆଞ୍ଚଳିକ ଶାନ୍ତି ବଜାୟ ରଖିବା ପାଇଁ ମୁକ୍ତ ଏବଂ ଖୋଲା ଇଣ୍ଡୋ-ପାସିଫିକ୍ ଅଞ୍ଚଳ ସହିତ ଏହା ଏକ ଯୋଜନା ହେବ। ନୂତନ ଇଣ୍ଡୋ-ପାସିଫିକ୍ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମଗ୍ର ଅଞ୍ଚଳରେ ଚୀନ୍‌ର ବଢୁଥିବା ପ୍ରଭାବ ଏବଂ ବିସ୍ତାରବାଦୀ ଆଭିମୁଖ୍ୟକୁ ସନ୍ତୁଳିତ କରିବା। ଏହା ସହିତ ବିକାଶଶୀଳ ଦେଶମାନଙ୍କୁ ଏହି କ୍ଷେତ୍ରରେ ବିକାଶ ଏବଂ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଅଧିକ ବିକଳ୍ପ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଗତ ବର୍ଷ ସିଙ୍ଗାପୁରର ସାଙ୍ଗ୍ରି ଲା ସଂଳାପରେ କିଶିଦା ଫୁମିଓ ପ୍ରଥମ ଥର ପାଇଁ ଇଣ୍ଡୋ-ପାସିଫିକ୍ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ସେ ଏହାକୁ ୨୦୨୩ର ବସନ୍ତ ଋତୁରେ ବିଶ୍ୱରେ ଉପସ୍ଥାପନ କରିବେ। ସେତେବେଳେ ସେ କହିଥିଲେ ଯେ ଆସନ୍ତା ବସନ୍ତ ସୁଦ୍ଧା ଶାନ୍ତି ପାଇଁ ଏକ ମୁକ୍ତ ଏବଂ ଖୋଲା ଇଣ୍ଡୋ-ପାସିଫିକ୍ ଯୋଜନା ପାଇଁ ସେ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବେ, ଯାହା ଏହି ଅଞ୍ଚଳକୁ ମୁକ୍ତ ଏବଂ ଖୋଲା ରଖିବା ପାଇଁ ଜାପାନର ପ୍ରୟାସକୁ ଦୃଢ଼ କରିବ। ଏହା ଅଧୀନରେ ପାଟ୍ରୋଲିଂ ଜାହାଜ ଯୋଗାଇବା ସହିତ ଖୋଲା ସମୁଦ୍ର ସମ୍ବନ୍ଧରେ ଆନ୍ତର୍ଜାତୀୟ ନିୟମ ଅନୁସରଣ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହା ଅଧୀନରେ ସାଇବର ସୁରକ୍ଷା, ଡିଜିଟାଲ ଏବଂ ସବୁଜ ପଦକ୍ଷେପ ସହିତ ଅର୍ଥନୈତିକ ସୁରକ୍ଷା ଉପରେ ମଧ ଧ୍ୟାନ ଦିଆଯିବ।

# ଜାମ୍ମୁ-କାଶ୍ମୀରରେ ନିର୍ମାଣ ହେବ ରାଜ୍ୟର ସର୍ବବୃହତ ସପିଙ୍ଗ୍ ମଲ୍




ଶ୍ରୀନଗର: ଧାରା ୩୭୦ର ଶିକୁଳିରୁ ମୁକ୍ତ ହେବା ପରେ ଜାମ୍ମୁ କାଶ୍ମୀର ବର୍ତ୍ତମାନ ପ୍ରଗତିର ନୂତନ ଦିଗ ସୃଷ୍ଟି ହୋଇଛି। ଧାରା ୩୭୦ ହଟାଯିବା ପରେ ଅନେକ ଶିଳ୍ପପତି କାଶ୍ମୀରରେ ପହଞ୍ଚୁଛନ୍ତି, ଯେଉଁ କାରଣରୁ ସେଠାରେ ନୂତନ ପୁଞ୍ଜି ବିନିଯୋଗ ପାଇଁ ରାସ୍ତା ଧିରେ ଧିରେ ସଫା ହେଉଛି। ଏହି ପର୍ଯ୍ୟାୟରେ ରାଜ୍ୟର ସବୁଠୁ ବଡ ସପିଂ ମଲ୍ ନିର୍ମାଣ ହେବାକୁ ଯାଉଛି। ଏହା ଶ୍ରୀନଗରରେ ତିଆରି ହେବ। ବିଶ୍ୱର ସର୍ବବୃହତ୍ ଅଟ୍ଟାଳିକା ବୁର୍ଜ ଖଲିଫାର ନିର୍ମାଣ କରିଥିବା ଏମାର କମ୍ପାନୀ ଏହାକୁ ମଧ ତିଆରି କରିବ। ସୂଚନା ଅନୁଯାୟୀ, ଏହି ସପିଂ ମଲ୍ ପାଞ୍ଚ ଲକ୍ଷ ବର୍ଗଫୁଟରେ ନିର୍ମିତ ହେବ। ବୁର୍ଜ ଖଲିଫା ତିଆରି କରୁଥିବା କମ୍ପାନୀ ଏମାର ଜାମ୍ମୁ କାଶ୍ମୀରରେ ୫୦୦ କୋଟି ଟଙ୍କା ବିନିଯୋଗ କରିବ। କମ୍ପାନୀ ରବିବାର ୟୁନିୟନ ଟେରିଟରୀ ଅଞ୍ଚଳରେ ପ୍ରଥମ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ ପ୍ରକଳ୍ପର ମୂଳଦୁଆ ପକାଇଛି। ଏହି ପ୍ରକଳ୍ପ ଅଧୀନରେ ଶ୍ରୀନଗର ଉପକଣ୍ଠରେ ଏକ ସପିଂ ମଲ୍ ଏବଂ ବହୁ ମହଲା କୋଠା ନିର୍ମାଣ କରାଯିବ। ଏହି କାରଣରୁ ରାଜ୍ୟରେ ଅନେକ ନିଯୁକ୍ତି ସୁଯୋଗ ବିକାଶ ହେବ।

# ତୁର୍କୀରେ ଭୂକମ୍ପରେ ଚାଲିଗଲା ୧୨ ଜୀବନ



ଇକ୍ୱାଡୋର: ଦକ୍ଷିଣ ଆମେରିକୀୟ ଦେଶ ଇକ୍ୱାଡୋରରେ ଭୟଙ୍କର ଭୂମିକମ୍ପ ଦେଖିବାକୁ ମିଳିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୭ ବୋଲି କୁହାଯାଇଛି । ଏଜେନ୍ସି ମୁତାବକ ଗୁୟାସରେ ହୋଇଥିବା ଭୂମିକମ୍ପ ଏତେ ଭୟଙ୍କର ଥିଲା କି ପୁରା ସହର ଥରି ଉଠିଥିଲା । ଭୂମିକମ୍ପ ଫଳରେ କିଛି କୋଠା କ୍ଷତିଗ୍ରସ୍ତ ହୋଇଛି ଓ ୧୨ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏବିସି ନାମକ ଏକ ନ୍ୟୁଜ ଚ୍ୟାନେଲର ରିପୋର୍ଟ ମୁତାବକ ଭୂକମ୍ପ ଝଟକା ଅନୁଭବ ହେବା ପରେ ଲୋକମାନେ ଘରୁ ବାହାରି ରାସ୍ତା ଉପରକୁ ଆସି ଯାଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ଗୁୟାସରୁ ପାଖାପାଖି ୮୦ କିଲୋମିଟର ଦକ୍ଷିଣ ଦିଗରେ ବୋଲି କୁହାଯାଇଛି । ଏହାରି ମଧ୍ୟରେ ଇକ୍ୱାଡୋରର ରାଷ୍ଟ୍ରପତି ଗୁଇଲେମୋ ଲାସୋ ସୋସିଆଲ ମିଡିଆରେ ସନ୍ଦେଶ ଜାରି କରି ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି । ଏହା ପୂର୍ବରୁ ତୁର୍କୀ ଓ ସିରିୟାରେ ହୋଇଥିବା ମହାବିନାଶକାରୀ ଭୂକମ୍ପ ଫଳରେ ୫୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା । ଫେବୃଆରୀ ୬ ତାରିଖ ସକାଳେ ଜୋରଦାର ଭୂକମ୍ପ ଫଳରେ ତୁର୍କୀ ଓ ସିରିୟା ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ।

# ସ୍ୱାସ୍ଥ୍ୟ ସୁବିଧା ସୁଦୃଢ଼ କରିବାକୁ ସରକାର ସଂକଳ୍ପବଦ୍ଧ: ବାଘେଲ



ରାୟପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଗେଲ ଆଜି କାଙ୍କେର ଜିଲ୍ଲା ଡାକ୍ତରଖାନାରେ ଏମଆରଆଇ ମେସିନ ଉଦ୍ଘାଟନ କରି ଅଞ୍ଚଳର ଲୋକଙ୍କୁ ଏକ ବଡ ଉପହାର ଦେଇଛନ୍ତି। ଏହି ଅବସରରେ ଶୁଭେଚ୍ଛା ଜଣାଇ ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସୁବିଧା ସୁଧାରିବା ପାଇଁ ସରକାର ପ୍ରତିବଦ୍ଧତା ସହିତ ସମାନ କାର୍ଯ୍ୟ ଜାରି ରଖିବେ। ସ୍ୱାସ୍ଥ୍ୟ ସୁବିଧାକୁ ମଜବୁତ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଜିଲ୍ଲା ଡାକ୍ତରଖାନାରେ ଏମଆରଆଇ ପରୀକ୍ଷା ସୁବିଧା ଦ୍ୱାରା ଏହି ଅଞ୍ଚଳର ଲୋକମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କାନକର ଜିଲ୍ଲା ହସ୍ପିଟାଲ ହେଉଛି ରାଜ୍ୟର ପ୍ରଥମ ଜିଲ୍ଲା ଡାକ୍ତରଖାନା, ଯେଉଁଠାରେ ୬ କୋଟି ୪୯ ଲକ୍ଷ ବ୍ୟୟରେ ଏମଆରଆଇ ମେସିନ ଲଗାଯାଇଛି। ବିଶେଷଜ୍ଞ ଡାକ୍ତରଙ୍କ ମାଧ୍ୟମରେ ରୋଗୀମାନେ ଏହାର ଲାଭ ପାଇବା ଆରମ୍ଭ କରିବେ। ଅସୁସ୍ଥମାନଙ୍କୁ ଏମଆରଆଇ ପରୀକ୍ଷଣର ସୁବିଧା ମିଳିବ, ରୋଗର ଠିକ ସମୟରେ ଚିହ୍ନଟ ହେତୁ ସଠିକ୍ ଚିକିତ୍ସା କରାଯିବ, ରୋଗୀଙ୍କୁ ଏମଆରଆଇ ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। ଏମଆରଆଇ ମେସିନ୍ ହେଉଛି ଏକ ସ୍ୱତନ୍ତ୍ର ଡାକ୍ତରୀ ପରୀକ୍ଷଣ ଉପକରଣ, ଯାହା ମାଧ୍ୟମରେ ଶୀଘ୍ର ପରୀକ୍ଷା ଦ୍ୱାରା ଅନେକ ରୋଗର ନିରାକରଣରେ ସଫଳତା ହାସଲ କରାଯାଇପାରିବ । ମସ୍ତିଷ୍କ, ହାଡ ଏବଂ ମାଂସପେଶୀ, କୋମଳ ଟିସୁ, ଛାତି, ଟ୍ୟୁମର-କର୍କଟ, ଷ୍ଟ୍ରୋକ୍, ଡିମେନ୍ସିଆ, ମାଇଗ୍ରେନ୍, ଧମନୀ ଅବରୋଧ ଏବଂ ଜେନେଟିକ୍ ବ୍ୟାଧି ଚିହ୍ନଟ କରିବା ପାଇଁ ଏମଆରଆଇ ସ୍କାନ ବ୍ୟବହୃତ ହୁଏ, ଏହି ରୋଗର ସଠିକ୍ ସୂଚନା ପାଇଁ ଏହି ପରୀକ୍ଷା କରାଯାଇଥାଏ ।

# 'ମହାପଞ୍ଚାୟତରେ ଭାଗ ନେବେ ଲକ୍ଷାଧିକ କୃଷକ'



ନୂଆଦିଲ୍ଲୀ: ପୁଣିଥରେ ଚାଷୀମାନେ ବଡ଼ ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ସୋମବାର ଅର୍ଥାତ୍ ମାର୍ଚ୍ଚ ୨୦ରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ କୃଷକ ନେତାମାନେ ଏକ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ ୟୁନାଇଟେଡ୍ କିସାନ୍ ମୋର୍ଚ୍ଚା (ଏସ୍‌କେଏମ୍)ରବିବାର ଏକ ବୈଠକ ଆୟୋଜନ କରିଥିଲା। ବୈଠକ ପରେ ଏସକେଏମ କହିଛନ୍ତି ଯେ ମାର୍ଚ୍ଚ ୨୦ରେ ଦିଲ୍ଲୀର ରାମଲିଲା ମୈଦାନରେ ଆୟୋଜିତ ହେବାକୁ ଥିବା କିସାନ ମହାପଞ୍ଚାୟତରେ ଭାଗ ନେବାକୁ ଦେଶର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ କୃଷକ ଜାତୀୟ ରାଜଧାନୀ ଯାତ୍ରା କରିଛନ୍ତି। ମାର୍ଚ୍ଚ ୨୦ରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା କିସାନ ମହାପଞ୍ଚାୟତରେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷ ଲକ୍ଷ କୃଷକ ଭାଗ ନେବାକୁ ଆସୁଛନ୍ତି ବୋଲି ଏସକେଏମ ଏକ ବିବୃତ୍ତିରେ କହିଛି। ଏସକେଏମ ନେତା ଦର୍ଶନ ପାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କେନ୍ଦ୍ର ସରକାର ଆମକୁ ୯ ଡିସେମ୍ବର ୨୦୨୧ ରେ ଲିଖିତ ଆକାରରେ ଦେଇଥିବା ଆଶ୍ୱସନାକୁ ପୂରଣ କରିବା ଉଚିତ ଏବଂ କୃଷକମାନେ ସମ୍ମୁଖୀନ ହେଉଥିବା ସଙ୍କଟକୁ ଦୂର କରିବା ପାଇଁ ପଦକ୍ଷେପ ନେବା ଉଚିତ।

# ବାଣିଜ୍ୟ



ମୁମ୍ବାଇ: ନିରବ ମୋଦୀ ଏକଦା ଭାରତର ଧନୀ ବ୍ୟବସାୟୀଙ୍କ ମଧ୍ୟରେ ଗଣିତ ହୋଇଥିଲେ ଏବଂ ବଲିଉଡର ସମସ୍ତ ପ୍ରସିଦ୍ଧ ଅଭିନେତା ତାଙ୍କ ଅଳଙ୍କାର ବ୍ରାଣ୍ଡ ସହିତ ଜଡିତ ଥିଲେ। ଏବେ କିନ୍ତୁ ପରିସ୍ଥିତି ଭିନ୍ନ। ଗୋଟିଏ ପଟେ ତାଙ୍କୁ ଜେଲରେ ଜୀବନ ବିତାଇବାକୁ ପଡିବ, ଅନ୍ୟ ପଟେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯାଉଛି। ଖବର ଅନୁଯାୟୀ, ଏକଦା କୋଟି କୋଟି ସମ୍ପତ୍ତିର ମାଲିକ ଥିବା ନୀରବ ମୋଦୀଙ୍କ ବର୍ତ୍ତମାନ ତାଙ୍କର ଏକ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୨୩୬ ଟଙ୍କା ବାକି ଅଛି। ଖବର ଅନୁଯାୟୀ, ଏହି ପରିମାଣ ନିରବ ମୋଦୀଙ୍କ କମ୍ପାନୀ ଫାୟାରଷ୍ଟାର ଡାଇମଣ୍ଡ ଇଣ୍ଟରନ୍ୟାସନାଲ ପିଭି ଲିମିଟେଡର ବ୍ୟାଙ୍କ ଆକାଉଣ୍ଟରେ ଅଛି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଆୟକର ଦେୟ ସମ୍ପର୍କରେ ଏସବିଆଇର ବ୍ୟାଙ୍କ ଆକାଉଣ୍ଟକୁ ୨.୪୬ କୋଟି ଟଙ୍କା ଟ୍ରାନ୍ସଫର କରିବା ପରେ ଏହି ରାଶି ବାକି ଅଛି।

# ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ବନ୍ଦ କଲା ଆଦାନୀ ଗ୍ରୁପ




ନୂଆଦିଲ୍ଲୀ: ଆଦାନୀ ଗ୍ରୁପ ତରଫରୁ ଗୁଜରାଟର କଚ୍ଛ ଜିଲ୍ଲାରେ ପଲିଭିନାଇଲ କ୍ଲୋରାଇଡ (ପିଭିସି) ପ୍ରକଳ୍ପର କାମ ବନ୍ଦ କରିଦିଆଯାଇଛି। ଆଦାନୀ ଗ୍ରୁପ ତରଫରୁ ପରିଚାଳନା ମଜବୁତ କରିବା ଓ ନିବେଶକଙ୍କ ଚିନ୍ତା କରିବା ଲକ୍ଷ୍ୟରେ ଏଭଳି କରିଥିବା କୁହାଯାଉଛି। ସୂଚନାଥାଉକି ହିଣ୍ଡେନବର୍ଗ ରିପୋର୍ଟ ଆସିବା ପରେ ଆଦାନୀ ଗ୍ରୁପର ବଡ କ୍ଷତି ହୋଇଛି। ସେୟାର ବଜାରରେ ଆଦାନୀ ଗ୍ରୁପର ବିଭିନ୍ନ ସେୟାର ମୂଲ୍ୟ ଅହେତୁକ ଭାବେ ତଳକୁ ଖସିଯାଇଥିଲା। ହେଲେ ଏବେ ଧିରେ ଧିରେ ପୁଣି ଆଦାନୀ ଗ୍ରୁପର ସେୟାର ମୂଲ୍ୟ ବୃଦ୍ଧି ପାଉଛି । ତଥାପି ହିଣ୍ଡେନବର୍ଗ ରିପୋର୍ଟ ଆଦାନୀ ଗ୍ରୁପର ବହୁତ କ୍ଷତି କରିଛି। ପିଟିଆଇ ସୂତ୍ର ସୂଚନା ମୁତାବକ ଆଦାନୀ ଗ୍ରୁପର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ ୨୦୨୧ ମସିହାରେ ଗୁଜରାଟର କଚ୍ଛ ଜିଲ୍ଲାରେ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନର ଜମି ଉପରେ ଗ୍ରୀନଫିଲ୍ଡ କୋଇଲାରୁ ପିଭିସି ପ୍ଲାଣ୍ଟ ସ୍ଥାପନ କରିବାକୁ ମୁଦ୍ରା ପେଟ୍ରୋଲ କେମିକାଲ ଲିମିଟେଡକୁ ସାମିଲ କରିଥିଲା। ହିଣ୍ଡେନବର୍ଗ ରିପୋର୍ଟ ଜାନୁଆରୀ ୨୬ ତାରିଖରେ ଆସିଥିଲା । ଏହାପରେ ଆଦାନୀ ଗ୍ରୁପର ମାର୍କେଟ କ୍ୟାପ ୧୪୦ ବିଲିୟନ ଡଲାର କ୍ଷତି ସହିଥିଲା। ଆଦାନୀ ଗ୍ରୁପ ଏହାର ରିକୋଭରି କରିବାକୁ ସବୁ ପ୍ରକାର ପ୍ରଚେଷ୍ଟା ଚଳାଇଛି । ଏହି କ୍ରମରେ ଗୁଜରାଟର ମୁନ୍ଦ୍ରାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର କାମକୁ ବନ୍ଦ କରିଛି । ଆଦାନୀ ଗ୍ରୁପ ଏବେ ତାର ନିବେଶକଙ୍କ ବିଶ୍ୱାସଭାଜନ ହେବାକୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ଏହି କ୍ରମରେ ସେ ଋଣ ସୁଝି ନିବେଶକଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଛି ।

# ବିକ୍ରି ହେବ ସ୍ୱିସ୍ ବ୍ୟାଙ୍କ !

ନୂଆଦିଲ୍ଲୀ: ୟୁରୋପର ସର୍ବ ପୁରାତନ ବ୍ୟାଙ୍କ ମଧ୍ୟରୁ କ୍ରେଡିଟ୍ ସୁଇସ୍ ଅନ୍ୟତମ । ବ୍ୟାଙ୍କିଂ ସଂକଟ ସମ୍ମୁଖରେ ୧୬୫ ବର୍ଷରୁ ସ୍ୱିସ୍ ବ୍ୟାଙ୍କ ଇତିହାସ ଏବେ ହାଲ୍‌କା ପଡ଼ିଥିବା ଜଣାପଡ଼ିଛି। ବର୍ତ୍ତମାନ ସର୍ତ୍ତ ହେଉଛି ବିଶ୍ୱର ଅନେକ ଦେଶରେ ବ୍ୟବସାୟ କରୁଥିବା ଏହି ବ୍ୟାଙ୍କକୁ ବିକ୍ରୟ କରିବାର ସମୟ ଆସିଛି। କୌତୁହଳର ବିଷୟ, ଏହାକୁ ଦିଆଯାଇଥିବା ମୂଲ୍ୟ ବର୍ତ୍ତମାନର ମୂଲ୍ୟଠାରୁ ଅନେକ ଗୁଣ କମ୍ ଅଟେ। ଅନ୍ୟ ଏକ ପ୍ରମୁଖ ସ୍ୱିସ୍ ବ୍ୟାଙ୍କ ୟୁବିଏସ୍ କ୍ରେଡିଟ୍ ସୁଇସ୍ କିଣିବାକୁ ପ୍ରସ୍ତାବ ଦେଇଛି। ୟୁବିଏସ୍‌ର ଅଫର ୧ ବିଲିୟନ ଡଲାର ପର୍ଯ୍ୟନ୍ତ। ଅନ୍ୟପକ୍ଷରେ, ଶୁକ୍ରବାର ଦିନ, କ୍ରେଡିଟ୍ ସୁଇସର ଷ୍ଟକ୍ ୧.୮୬ ସ୍ୱିସ୍ ଫ୍ରାଙ୍କରେ ବନ୍ଦ ହୋଇଯାଇଛି। ଏହାର ଅର୍ଥ ହେଉଛି ବର୍ତ୍ତମାନର ସୁଇସ୍ ମୂଲ୍ୟର ୭.୫ ଗୁଣରୁ କମ୍ କ୍ରେଡିଟ୍ ସୁଇସ୍ ପ୍ରଦାନ କରାଯାଇଛି । ଖବର ଅନୁଯାୟୀ, ୟୁବିଏସ୍ ଦ୍ୱାରା ଦିଆଯାଇଥିବା ଅଫର ସ୍ୱିଜରଲ୍ୟାଣ୍ଡର ଦୁଇଟି ବଡ ବ୍ୟାଙ୍କ ମଧ୍ୟରେ ଏକ ସର୍ବ-ଚୁକ୍ତି ଅଟେ। ଖୁବଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ହେବ ବୋଲି ଜଣାପଡିଛି। ଯଦି ଏହି ଚୁକ୍ତି କାର୍ଯ୍ୟକାରୀ ହୁଏ, ତେବେ ଏହା ଉଭୟ ବ୍ୟାଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ଏହି ଚୁକ୍ତି ଶୀଘ୍ର ସମାପ୍ତ କରିବାକୁ ସ୍ୱିଜରଲ୍ୟାଣ୍ଡ ସରକାର ମଧ ଦେଶର ଆଇନ ପରିବର୍ତ୍ତନ କରିବାକୁ ଯାଉଛନ୍ତି।




# ଆର୍‌ଏସ୍‌ପିରେ ବିପର୍ଯ୍ୟୟ ମୁକବିଲା ପ୍ରସ୍ତୁତିକୁ ସୁଦୃଢ଼ ନିମନ୍ତେ ମକ ଡ୍ରିଲ



ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ ପାଓ୍ୱାର ପ୍ଲାଣ୍ଟ-୧ ଅନ୍ତର୍ଗତ ପାଓ୍ୱାର ବ୍ଲୋଇଙ୍ଗ ଷ୍ଟେସନର ଟର୍ବାଇନ ହଲ ଠାରେ ଗ୍ୟାସ ଲିକେଜ ଅଥବା ଅଗ୍ନିକାଣ୍ଡ ଜନିତ ଯେକୌଣସି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନଭେମ୍ବର ୨୫ ତାରିଖରେ ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ବୈଧାନିକ ଆବଶ୍ୟକତା ପୂରଣର ଅଂଶସ୍ୱରୂପ ଆରଏସପିର ଅନସାଇଟ ବିପର୍ଯ୍ୟୟ ପ୍ରବନ୍ଧନ ବ୍ୟବସ୍ଥା ଏବଂ ଏଥିସହିତ ଜଡିତ କର୍ମଚାରୀଙ୍କ କାର୍ଯ୍ୟ ନିପୁଣତାର ଆକଳନ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ମକ ଡ୍ରିଲରେ ଓଡିଶା ସରକାରଙ୍କ ଫେକ୍ଟୋରି ଓ ବୟଲର ବିଭାଗର ଉପ ନିର୍ଦ୍ଦେଶକ, ଶ୍ରୀ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ, ଶ୍ରୀ ଏମ କେ ମିଶ୍ର, ଆରଏସପିର ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ଶ୍ରୀ ଦେବବ୍ରତ ଦତ୍ତ, ପାଓ୍ୱାର ବିଭାଗର ମୁଖ୍ୟ ମହାପ୍ରବନ୍ଧକ, ଶ୍ରୀ ବି ସୁନୀଲ କାର୍ଥା, ଇଏମଡ଼ି ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ଶ୍ରୀ ପି ଏସ କନ୍ନନ, ସୁରକ୍ଷା ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ, ସୁଶ୍ରୀ ଆଶା କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ, ଶ୍ରୀ ଜେ ବି ପଟ୍ଟନାୟକ ମକ ଡ୍ରିଲର ନିରୀକ୍ଷଣ କରିଥିଲେ। ଏହି ଅବସରରେ ଇଏମଡ଼ି, ପରିବହନ, ସୁରକ୍ଷା, ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର, ସିଆଇଏସଏଫ ଓ ସିପିପି-୧ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# 'ସ୍ୱିଗି ଲଞ୍ଚ ପ୍ୟାଡ୍' ଘୋଷଣା




ନୂଆଦିଲ୍ଲୀ: ଅନଲାଇନ୍ ଖାଦ୍ୟ ଏବଂ ଖାଦ୍ୟ ସାମଗ୍ରୀ ବିତରଣ କମ୍ପାନୀ ସ୍ୱିଗି ଏହାର ପ୍ଲାଟଫର୍ମରେ ଯୋଗ ଦେଇଥିବା ନୂତନ ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ଏକ ବଡ଼ ସୁଯୋଗ ଦେଇଛି। ସ୍ୱିଗି 'ସ୍ୱିଗି ଲଞ୍ଚ ପ୍ୟାଡ୍' ଘୋଷଣା କରିଛି। ଏହା ମାଧ୍ୟମରେ ପ୍ରଥମ ଥର ପାଇଁ ଖାଦ୍ୟ ବିତରଣ ପ୍ଲାଟଫର୍ମରେ ଯୋଗ ଦେଇଥିବା ରେଷ୍ଟୁରାଣ୍ଟଗୁଡିକ ପ୍ରଥମ ମାସ ପାଇଁ କମିଶନ ଭାବରେ କିଛି ଦେବାକୁ ପଡିବ ନାହିଁ। ସ୍ୱିଗି ଦାବି କରିଛନ୍ତି ଯେ ଏହା ସହିତ ରେଷ୍ଟୁରାଣ୍ଟ ମାଲିକମାନେ ପ୍ରଥମ ମାସରେ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ସ୍ୱିଗି ଏହାର ଅଫିସିଆଲ୍ ବିବୃତ୍ତିରେ କହିଛନ୍ତି ଯେ ଏହି ନୂତନ ଲଞ୍ଚ ପ୍ୟାଡ୍ ନୂତନ ରେଷ୍ଟୁରାଣ୍ଟକୁ ବହୁତ ସାହାଯ୍ୟ କରିବ। ଏହା ସେମାନଙ୍କୁ ସେମାନଙ୍କର ପୁଞ୍ଜି ସଞ୍ଚୟ କରିବାରେ ସାହାଯ୍ୟ କରିବ ଏବଂ ସେମାନେ ଆମ ପ୍ଲାଟଫର୍ମରେ ସହଜରେ ଯୋଗଦାନ କରିବାକୁ ସମର୍ଥ ହେବେ। ଏହା ସହିତ କମ୍ପାନୀ କହିଛି ଯେ ଆମର ଏହି ନିଷ୍ପତ୍ତି ପରେ ଅଧିକରୁ ଅଧିକ କ୍ଲାଉଡ୍ ରୋଷେଇ ଘର, ରେଷ୍ଟୁରାଣ୍ଟ ଏବଂ ଅନେକ ଛୋଟ ଖାଦ୍ୟ ବ୍ୟବସାୟକୁ ଆଗକୁ ବଢ଼ିବାରେ ସାହାଯ୍ୟ କରାଯିବ। ଏହି ନିଷ୍ପତ୍ତି ମାଧ୍ୟମରେ ଆମେ ଅଧିକ ନୂତନ ରେଷ୍ଟୁରାଣ୍ଟକୁ ସ୍ୱାଗତ କରିବାକୁ ପ୍ରସ୍ତୁତ । ପ୍ରକାଶିତ ରିପୋର୍ଟ ଅନୁଯାୟୀ, କମ୍ପାନୀ ପ୍ରତି ମାସରେ ପ୍ରାୟ ୧୦,୦୦୦ ନୂଆ ରେଷ୍ଟୁରାଣ୍ଟ ସାମିଲ କରୁଛି। ଏଭଳି ପରିସ୍ଥିତିରେ ସ୍ୱିଗି ଲଞ୍ଚ ପ୍ୟାଡରୁ ଏହିପରି ସମସ୍ତ ରେଷ୍ଟୁରାଣ୍ଟ ଉପକୃତ ହେବେ। ଏହି ସୁବିଧା ମାଧ୍ୟମରେ ନୂତନ ରେଷ୍ଟୁରାଣ୍ଟଗୁଡିକ ସେମାନଙ୍କର କାର୍ଯ୍ୟକ୍ଷମ ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ। ଏହା ସହିତ, ସେମାନେ ଗ୍ରାହକଙ୍କୁ ସର୍ବାଧିକ ବିଭିନ୍ନ ମେନୁ ସେବା କରିବାକୁ ସମର୍ଥ ହେବେ ।

# ବିଦ୍ୟୁତିକରଣ ଯୋଗୁଁ ଖୋର୍ଦ୍ଧା ରୋଡ଼ ଡିଭିଜନ୍ ବାର୍ଷିକ ୨୭୮୨୫୦ ଟନ୍‌ର କାର୍ବନ୍ ଫୁଟପ୍ରିଣ୍ଟ ସଞ୍ଚୟ



ଖୋର୍ଦ୍ଧା(ଭାସ୍କର ନ୍ୟୁଜ): ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବାରେ ଓ ସ୍ୱଚ୍ଛ ଶକ୍ତିର ଉପଯୋଗକୁ ବୃଦ୍ଧି କରିବା ପାଇଁ ଭାରତ ଏକ ଉଚ୍ଚ ଲକ୍ଷ୍ୟ ସ୍ଥିର କରିଛି। ଭାରତୀୟ ରେଳ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ କ୍ଷେତ୍ର ଯାହାକି ୨୦୩୦ ସୁଦ୍ଧା ଏକ 'ନିଟ୍ ଶୂନ' କାର୍ବନ ନିର୍ଗମନକୁ ପୂରଣ କରିବା ପାଇଁ ପ୍ରୟାସରେ ପ୍ରମୁଖ ଭାବେ ସହାୟକ ହୋଇ ପାରିଛି । ଇଲେକ୍ଟ୍ରିକଲ ଟ୍ରାକସନ ହେଉଛି ଏକ ପରିବେଶ ଉପଯୋଗୀ ତଥା ଦକ୍ଷ ଉର୍ଜା ଶକ୍ତି ପ୍ରଣାଳୀ ଯାହା ଜୀବାଶ୍ମ ଇନ୍ଧନର ବିକଳ୍ପ ଅଟେ। ନେଟ୍ ଜିରୋ କାର୍ବନ ନିର୍ଗମନ ପାଇଁ ଭାରତୀୟ ରେଳବାଇର ଲକ୍ଷ୍ୟକୁ ଆଗେଇ ନେବାପାଇଁ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ବିଦ୍ୟୁତିକରଣ କାର୍ଯ୍ୟ ଜୁଲାଇ ୧୯୯୮ ରେ ପାଲାସା ଠାରୁ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ହେଉଛି ପୂର୍ବ ତଟ ରେଳବାଇର ସୂର୍ଯ୍ୟୋଦୟ ରେଳ ମଣ୍ଡଳ, ଯାହା ହାଓ୍ୱଡ଼ା -ଚେନ୍ନାଇ ଟ୍ରଙ୍କ ମାର୍ଗରେ ଅବସ୍ଥିତ । ଦୈନିକ ଏହି ଡିଭିଜନ୍ ହାରାହାରି ୧୫୯ଟି ଯାତ୍ରୀବାହୀ ଟ୍ରେନ୍ ଏବଂ ୩୦୭ ଟି ମାଲବାହୀ ଟ୍ରେନ୍ ସହିତ ପରିଚାଳନା କରିଥାଏ । ଏହା ତିନୋଟି ପ୍ରମୁଖ ବନ୍ଦର ଯଥା ପାରାଦୀପ, ଧାମରା, ଗୋପାଳପୁର, କୋଇଲା ଖଣି ଓ ଅନେକ ଲୁହାପଥର ଖଣି ଏବଂ ଅନେକ ଇସ୍ପାତ କାରଖାନାକୁ ଏହାର ସେବା ଯୋଗାଇଥାଏ । ଭାରତୀୟ ରେଳର ଶ୍ରେଷ୍ଠ ତିନୋଟି ଲୋଡିଂ ବିଭାଗ ମଧ୍ୟରୁ ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅନ୍ୟତମ । ଏହି ବିଭାଗର ମୁଖ୍ୟ ବିଭାଗଗୁଡ଼ିକ ହେଉଛି ଭଦ୍ରକ-ଖୋର୍ଦ୍ଧା ରୋଡ୍ , ଖୋର୍ଦ୍ଧା ରୋଡ୍ -ପାଲାସା, ଖୋର୍ଦ୍ଧା ରୋଡ୍ -ପୁରୀ, ଖୋର୍ଦ୍ଧା ରୋଡ୍ -ନୂଆଗାଁ , କଟକ-ପାରାଦୀପ, ବାରଙ୍ଗ-ରାଜ ଆଠଗଡ, ନିର୍ଗୁଣ୍ଡି-ତାଳଚର-କେରେଜାଙ୍ଗ, ଜାଖପୁରା-ଜାରୋଲି ଇତ୍ୟାଦି। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ସମ୍ପୂର୍ଣ୍ଣ ବିଦ୍ୟୁତିକରଣ କାର୍ଯ୍ୟ ୨୦୧୨ ମସିହାରେ ସମାପ୍ତ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୧୪୧ ରୁଟ୍ କିଲୋମିଟର ଏବଂ ୩୧୬୦ ଟ୍ରାକ୍ କିଲୋମିଟର ପାଇଁ ବିଦ୍ୟୁତିକରଣ କାର୍ଯ୍ୟ ସମାପ୍ତ ହୋଇଛି। ଖୋର୍ଦ୍ଧା ରୋଡ୍ ଡିଭିଜନ୍ ରେ ସମସ୍ତ କୋଚିଂ ଟ୍ରେନ୍ ଏବଂ ୯୫% ରୁ ଅଧିକ ମାଲବାହୀ ଟ୍ରେନ୍ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସହିତ ଚାଲୁଛି। ଡିଭିଜନାଲ ରେଲଓ୍ୱେ ମ୍ୟାନେଜର ଶ୍ରୀ ରିଙ୍କେଶ ରାୟ କହିଛନ୍ତି ଯେ, ୧୦୦% ବିଦ୍ୟୁତିକରଣ ହେତୁ ଖୋର୍ଦ୍ଧା ରୋଡ୍ ଡିଭିଜନ ୨୭୮୨୫୦ ଟନ୍ କାର୍ବନ ଫୁଟ୍ ପ୍ରିଣ୍ଟ ସଞ୍ଚୟ କରିପାରିଛି ଏବଂ ବାର୍ଷିକ ଡିଜେଲ ବିଲ୍ ପ୍ରାୟ ୮୧୪.୨୦୪ କୋଟି ଟଙ୍କା ହ୍ରାସ କରିପାରିଛି। ଡିଭିଜନର ସମସ୍ତ ସାଇଡିଂ ମଧ ବିଦ୍ୟୁତକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଡିଭିଜନ ର ଶତ ପ୍ରତିଶତ ବିଦ୍ୟୁତିକରଣର ଲକ୍ଷ ନେଇ, ୧୯ ଟି ଟ୍ରାକ୍ସନ୍ ସବ୍ ଷ୍ଟେସନ୍ ପ୍ରତିଷ୍ଠା କରାଯାଇଥିଲା, ଯାହା ଓଭରହେଡ୍ ଯନ୍ତ୍ରପାତି (OHE) କୁ ୨୫ କେଭି ବିଦ୍ୟୁତ୍ ଯୋଗାଣ କରିଥାଏ । ଡିଭିଜନର ଆସେଟ୍ ଅନୁପାତରେ କର୍ମଚାରୀମାନେ ଭାରତୀୟ ରେଳବାଇ ଉପରେ ସର୍ବନିମ୍ନ ଅଟେ। ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଓଭର ହେଡ୍ ଉପକରଣର ନିର୍ଭରଯୋଗ୍ୟତା ପାଇଁ ଅନେକ ସିଷ୍ଟମ୍ ଉନ୍ନତି ଏବଂ ଅଭିନବ ଚିନ୍ତାଧାରା ଆରମ୍ଭ କରିଛି ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମହାରାଷ୍ଟ୍ରର ପୁଣେରେ ଆରମ୍ଭ ହୋଇଥିବା ଜାତୀୟ ପାରା ଆଥ୍ଲେଟିକ୍ ଚାମ୍ପିଅନ୍‌ସିପ୍‌ର ପ୍ରଥମ ଦିବସରେ ଓଡ଼ିଶା ୪ ପଦକ ଜିତିଛି। ସେଥିରେ ୨ଟି ସ୍ୱର୍ଣ୍ଣ ଏବଂ ୨ଟି କାଂସ୍ୟ ସାମିଲ ରହିଛି। ବାଲେୱାଡିର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟସ କଂମ୍ପ୍ଲେକ୍ସରେ ଆୟୋଜିତ ଏହି ପ୍ରତିଯୋଗିତାର ଲମ୍ବ ଡିଆଁର ଟି-୧୩ ବର୍ଗରେ ଓଡ଼ିଶାର ପଙ୍କଜ ଭୂଇ ସ୍ୱର୍ଣ୍ଣ ଜିତିଥିଲା ବେଳେ ମଙ୍ଗତ ହେମ୍ବ୍ରମ୍ କାଂସ୍ୟ ଜିତିଛନ୍ତି। ପଙ୍କଜ ୫.୬୦ ମିଟର ଲମ୍ଫ ମାରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣିମ ସଫଳତା ହାତେଇଥିଲା ବେଳେ ୫.୩୩ ମିଟର ଦୂରତ୍ୱକୁ ଡେଇଁ ମଙ୍ଗତ ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ଆନ୍ଧ୍ର ପ୍ରଦେଶର ବୋଡୁ ଶ୍ରୀହରି (୫.୪୨ ମିଟର) ରୌପ୍ୟ ପଦକ କରାୟତ କରିଛନ୍ତି। ସେହିପରି ଟି-୪୭ ବର୍ଗ ୪୦୦ ମିଟରରେ ଜୟନ୍ତୀ ବେହେରା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଥିବା ବେଳେ ମହାରାଷ୍ଟ୍ରର ଋତୁଜା କିଶୋର କାୱାଥାଲେ ଏବଂ ଝାଡ଼ଖଣ୍ଡର କାଜଲ କୁମାରୀ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ଅନ୍ୟତମ ଓଡ଼ିଆ ଖେଳାଳି ଅର୍ଜୁନ ଭତ୍ରା ଟି-୧୨ ବର୍ଗ ୪୦୦ ମିଟର ରେସ୍‌କୁ ୫୭.୪୧ ସେକେଣ୍ଡ ଟାଇମିଂରେ ଶେଷ କରି ତୃତୀୟରେ ରହିଥିଲେ। ଦିଲ୍ଲୀର ମହମ୍ମଦ ଆରିଫ୍ ଏବଂ ଭୋଲା ରାମ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

### ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

# ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ବିଜୟୀ

## ଶୃଙ୍ଖଳା ୧-୧ରେ ବରାବର, ୨୨ରେ ନିର୍ଣ୍ଣାୟକ




ବିଶାଖାପାଟଣା : ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍‌କୁ ଅତି ସହଜରେ ଜିତି ନେଇଛି ଅଷ୍ଟ୍ରେଲିଆ। ଟସ୍ ଜିତାବ ପରେ ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରିଥିଲେ ମଧ୍ୟ ଜଣକ ପରେ ଜଣେ ବ୍ୟାଟର ପାଭିଲିଆନ ଫେରିଥିଲେ। ଟିମ୍ ମାତ୍ର ୧୧୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଅଷ୍ଟ୍ରେଲିଆ କୌଣସି ୱିକେଟ ନହରାଇ ମ୍ୟାଚ୍ ଜିତି ନେଇଛି। ଅଷ୍ଟ୍ରେଲିଆ ଟିମ୍ ୧୧ ଓଭରରେ ୧୨୧ ରନ୍ ସଂଗ୍ରହ କରି ମ୍ୟାଚ ବିଜୟ ହାସଲ କରିଛି। ଫଳରେ ଦିନିକିଆ ଶୃଙ୍ଖଳା ୧-୧ ସମାନ ସ୍ତରକୁ ଆଣି ପାରିଛି। ଅଷ୍ଟ୍ରେଲିଆ ଦଳ ୧୧୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ପାଇଁ ମିଚେଲ୍ ମାର୍ସ ଓ ଟ୍ରାଭିସ୍ ହେଡ୍ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ। ଉଭୟ ବ୍ୟାଟର ଅପରାଜିତ ରହି ଦଳକୁ ବିଜୟ ଦେଇଥିଲେ। ଟ୍ରାଭିସ ହେଡ ୩୦ଟି ବଲ୍ ଖେଳି ୧୦ଟି ଚୌକା ସହାୟତାରେ ୫୧ ରନ୍ ଓ ମିଚେଲ ମାର୍ସ ୩୬ଟି ବଲ୍ ଖେଳି ୬ଟି ଚୌକା ଏବଂ ସମାନ ପରିମାଣର ଛକା ମାରି ୬୬ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ପାଳିରେ କଙ୍ଗାରୁ ଦଳର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଦମଦାର ବୋଲିଂରେ ଭାରତ ଧରାଶାୟୀ ହୋଇଥିଲା। ମିଚେଲ୍ ଷ୍ଟାର୍କ ୮ ଓଭର ବୋଲିଂ କରିଥିଲେ। ସେ ଗୋଟିଏ ମେଡେନ୍ ଓଭର ନେଇଥିଲେ। ୫୩ ରନ୍ ବିନିମୟରେ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ସିନ୍ ଆବୋଟ୍‌ଙ୍କୁ ୩ଟି ୱିକେଟ୍ ମିଳିଥିଲା। ଆବୋଟ୍ ୬ ଓଭର ବୋଲିଂ କରି ୨୩ ରନ୍ ବ୍ୟୟ କରିଥିଲେ। ସେହିପରି ନାଥାନ୍ ଇଲିସ ୫ ଓଭର ବୋଲି କରି ୧୩ ରନ୍ ଦେଇଥିଲା ବେଳେ ୨ଟି ୱିକେଟ୍ ନେଇଥିଲେ। ଭାରତର ପୂରା ଟିମ୍ ୨୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଫଳରେ ଏହି ମ୍ୟାଚ ବିଜୟ ପାଇଁ କଙ୍ଗାରୁ ଦଳକୁ ୧୧୮ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଭାରତର ଆରମ୍ଭରୁ ବିପର୍ଯ୍ୟୟ ଘଟିଥିଲା। ପ୍ରାରମ୍ଭିକ ବ୍ୟାଟର ଶୁବମନ୍ ଗିଲ ଖାତା ନଖୋଲି ପାଭଲିଅନ ଫେରି ଆସିଥିଲେ। ଦଳର ସ୍କୋର ୩ ରନ୍ ଥିବା ବେଳେ ଘରୋଇ ଦଳକୁ ପ୍ରଥମ ଝଟକା ଲାଗିଥିଲା। ସ୍କୋର ୩୨ ରନ୍‌ରେ ଦ୍ୱିତୀୟ ଓ ତୃତୀୟ ୱିକେଟ୍ ଭାବେ ଅଧିନାୟକ ରୋହିତ ଶର୍ମା ଓ ଯୁବ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆଉଟ୍ ହୋଇଥିଲେ। ୪୮ ରନ୍‌ରେ କେଏଲ୍ ରାହୁଲ, ୪୯ ରନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ପାଭଲିଅନ ଫେରି ଆସିଥିଲେ। ୭୧ ରନ୍ ବେଳକୁ ବିରାଟ କୋହଲି, ୯୧ ରନ୍‌ରେ ରବୀନ୍ଦ୍ର ଜାଦେଜା ଆଉଟ୍ ହୋଇଥିଲା ବେଳେ ୧୦୩ ରନ୍‌ରେ କୁଲଦୀପ ଯାଦବ ଓ ମହମ୍ମଦ ସାମି ପଡ଼ିଆକୁ ଫେରିଥିଲେ। ବିରାଟ କୋହଲି ଭାରତ ପାଇଁ ସର୍ବାଧିକ ୩୧ ରନ୍ ସଂଗ୍ରହ କରିଥିଲେ। ଅଲରାଉଣ୍ଡର ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଦେଜାଙ୍କ ବ୍ୟାଟରୁ ଯଥାକ୍ରମେ ୨୯ ଓ ୧୬ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୧୩ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କ ପ୍ରଦର୍ଶନ ଭାରତୀୟ ପ୍ରଶଂସକଙ୍କୁ ନିରାଶ କରିଥିଲା। ସୂଚନାଯୋଗ୍ୟ, ଗତ ୧୭ ତାରିଖ ଦିନ ମୁମ୍ବାଇରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୫ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଆସନ୍ତା ୨୨ ତାରିଖରେ ନିର୍ଣ୍ଣାୟକ ମୁକାବିଲା ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯିବ।

### ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନ୍‌ସିପ୍

# ନିକହତ ଜରିନ୍ ପ୍ରି କ୍ୱାର୍ଟର ଫାଇନାଲ୍‌ରେ



ନୂଆଦିଲ୍ଲୀ: ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନ୍‌ସିପ୍‌ରେ ଭାରତକୁ ସଫଳତା ଆଣିଦେଇଛନ୍ତି ବକ୍ସିଂ ଷ୍ଟାର ନିକହତ ଜରିନ୍। ରବିବାର ଆଲଜେରିଆର ବେଆଲମ୍ ରୋମାୟସାଙ୍କୁ ହରାଇ ମହିଳା ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୫୦ କିଗ୍ରା ବର୍ଗରେ ନିକହତ ବର୍ତ୍ତମାନର ଆଫ୍ରିକୀୟ ଚାମ୍ପିୟନ୍‌ଙ୍କୁ ୫-୦ରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଏହି ଦୁଇ ବକ୍ସର ଖୁବ୍ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ଗତଥରର ସ୍ୱର୍ଣ୍ଣ ପଦକ ବିଜେତା ନିକହତ ପ୍ରଥମ ଅଙ୍କ ସଂଗ୍ରହ କରିଥିଲେ। ପରେ ଆଲ୍‌ଜେରିଆର ବକ୍ସରଙ୍କୁ ମଧ୍ୟ ଗୋଟିଏ ଅଙ୍କ ମିଳିଥିଲା। ଏହି ଦୁଇ ବକ୍ସର ଏହାପରେ ପରସ୍ପରକୁ ହରାଇବା ପାଇଁ ଭରପୁର ପ୍ରଚେଷ୍ଟା କରିଥିଲେ। ପ୍ରଥମ ରାଉଣ୍ଡ ନିଖତଙ୍କ ସପକ୍ଷରେ ଯାଇଥିଲା ଏବଂ ଦ୍ୱିତୀୟରେ ମଧ୍ୟ ସେ ଆକ୍ରମଣାତ୍ମକ ହେବାକୁ ଚେଷ୍ଟା କରୁଥିବା ରୋମାସାଙ୍କୁ କୌଣସି ସୁଯୋଗ ଦେଇନଥିଲେ। ଶେଷରେ ନିକହତ ବିଜେତା ଘୋଷିତ ହୋଇଥିଲେ। ବିଜୟ ପରେ ନିକହତ କହିଛନ୍ତି, ଆଜି ମୋର ରଣନୀତି ପ୍ରାଧାନ୍ୟ ବିସ୍ତାର କରିଥିଲା। କାରଣ ରୋମାୟାସା ଟପ୍ ସିଡ୍ ବକ୍ସର ଥିଲେ। ସେ କହିଛନ୍ତି, "ମୁଁ ତାଙ୍କ ମ୍ୟାଚ୍ ଦେଖିଛି। ଯଦି ତୁମର ପ୍ରତିଦ୍ୱନ୍ଦ୍ୱୀ ଜଣେ ଉଚ୍ଚକୋଟୀର ଖେଳାଳି ହୋଇଥାନ୍ତି ତେବେ ତୁମକୁ ତାଙ୍କ ସହ ଅତି ସତର୍କତାର ସହ ଖେଳିବାକୁ ପଡ଼ିଥାଏ ବୋଲି ନିକହତ କହିଛନ୍ତି।

### ହକି ଇଣ୍ଡିଆ କନିଷ୍ଠ ଆନ୍ତଃଜୋନ୍ ପ୍ରତିଯୋଗିତା ଆଜିଠୁ

# ଆସାମକୁ ଭେଟିବେ ଦୁଇ ଓଡ଼ିଶା ଦଳ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପ୍ରଥମ ଥର ପାଇଁ ହକି ଇଣ୍ଡିଆ ଦ୍ୱାରା ପରିଚାଳିତ ପ୍ରଥମ ଥର ପାଇଁ କନିଷ୍ଠ ପୁରୁଷ ଓ ମହିଳା ଅନ୍ତଃଜୋନ୍ ପ୍ରତିଯୋଗିତା ସୋମବାର ଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଜରିଆରେ ହକି ଇଣ୍ଡିଆ ତୃଣମୂଳ ବିକାଶ କାର୍ଯ୍ୟକ୍ରମର ଅୟମାରମ୍ଭ ମଧ୍ୟ ହେବ। ଭବିଷ୍ୟତର ନୂଆ ପ୍ରତିଭା ଚିହ୍ନଟ କରି ଜାତୀୟସ୍ତରକୁ ଆଣିବା ଉଦ୍ଦେଶ୍ୟରେ ୧୯ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ହକି ଇଣ୍ଡିଆ ଏହି ପ୍ରତିଯୋଗିତା ଆୟୋଜନ କରୁଛି ବୋଲି ଏହାର ସଭାପତି ପଦ୍ମଶ୍ରୀ ଦିଲିପ ତିର୍କି କହିଛନ୍ତି। ଏଥିରେ ୪ଟି ଜୋନ୍ କରାଯାଇଛି ଯଥା ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ। ୧୮ ବର୍ଷରୁ କମ୍ ବୟସ ବର୍ଗରେ ଏହି ପ୍ରତିଯୋଗିତା ଲିଗ୍ ଫର୍ମାଟ୍‌ରେ ଖେଳାଯିବ। ଏଥିରେ ମୋଟ ୨୩ ଲେଖାଏଁ କନିଷ୍ଠ ପୁରୁଷ ଓ ମହିଳା ଦଳ ଭାଗ ନେବେ। ମୋଟ ୧୧୭ ମ୍ୟାଚ୍ ଖେଳାଯିବ। ପୂର୍ବାଞ୍ଚଳ ପ୍ରତିଯୋଗିତା ଝାଡ଼ଖଣ୍ଡର ଖୁଣ୍ଟି (ରାଞ୍ଚି)ରେ ଆୟୋଜିତ ହେଉଥିଲା ବେଳେ ପୁରୁଷରେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଆସାମ ଓ ବେଙ୍ଗଲ ଏବଂ ମହିଳାରେ ଝାଡ଼ଖଣ୍ଡ, ଓଡ଼ିଶା, ମିଜୋରାମ, ବେଙ୍ଗଲ, ବିହାର ଓ ଆସାମ ଅଂଶଗ୍ରହଣ କରୁଛନ୍ତି। ହକି ଆସୋସିଏସନ ଅଫ୍ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ସୋମବାର (୨୦ ତାରିଖ) ସମାନ ପ୍ରତିଦ୍ୱନ୍ଦ୍ୱୀ ଆସାମ ବିପକ୍ଷରେ ନିଜ ନିଜର ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବେ। ଓଡ଼ିଶା ପୁରୁଷ ଦଳ ୨୧ରେ ବିହାର, ୨୩ରେ ବେଙ୍ଗଲ, ୨୫ରେ ଝାଡ଼ଖଣ୍ଡ ସହ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳିବାକୁ ଥିଲା ବେଳେ ମହିଳା ଦଳ ୨୧ରେ ମିଜୋରାମ, ୨୨ରେ ବିହାର, ୨୩ରେ ଝାଡ଼ଖଣ୍ଡ, ୨୫ରେ ବେଙ୍ଗଲ ସହ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳିବ। ୨୬ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

### ସର୍ବଭାରତୀୟ ବିଏସ୍‌ଏନ୍‌ଏଲ୍ ଟିଟି ଉଦ୍‌ଯାପିତ

# ପଙ୍କଜ ଓ ସାଲିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ଦୂରସଂଚାର ପରିମଣ୍ଡଳ, ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେସଠାରେ ଆୟୋଜିତ ୧୯ତମ ସର୍ବଭାରତୀୟ ବିଏସ୍‌ଏନ୍‌ଏଲ୍ ଟେବୁଲ ଟେନିସ (ଟିଟି) ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପୂର୍ବରୁ ଦଳଗତ ଇଭେଣ୍ଟ ଶେଷ ହୋଇଥିଲା ବେଳେ ଶନିବାର ବ୍ୟକ୍ତିଗତ ଇଭେଣ୍ଟ ଶେଷ ହୋଇଛି। ବ୍ୟକ୍ତିଗତ ଇଭେଣ୍ଟ ପୁରୁଷ ଏକକରେ ଆସାମର ପଙ୍କଜ ପ୍ରୀତମ ଚୁଟିଆ ଏବଂ ମହିଳା ଏକକରେ ପଞ୍ଜାବର ସାଲି ଧାୱନ୍ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲ୍‌ରେ ପଙ୍କଜ ୪-୦ରେ ମଧ୍ୟପ୍ରଦେଶର ସମର ଘେରୀଙ୍କୁ ଏବଂ ସାଲି ୪-୦ରେ ଉତ୍ତରାଞ୍ଚଳର ଭୱାନା ପନ୍ତ୍‌ଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକରେ ତାମିଲନାଡୁର ଏମ୍ ହେମନ୍ତ କୁମାର ଏବଂ ମହିଳା ଏକକରେ ପଞ୍ଜାବର ମନ୍ଦାକିନୀ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ପୁରୁଷ ଯୁଗଳରେ ନୀଲେଶ ବେଦ-ସମର ଘେରୀ (ମଧ୍ୟପ୍ରଦେଶ) ସ୍ୱର୍ଣ୍ଣ, ଜନକ ରାଜ-ପଙ୍କଜ ପ୍ରୀତମ ଚୁଟିଆ (ଆସାମ) ରୌପ୍ୟ ଏବଂ ଏମ୍ ହେମନ୍ତ କୁମାର-ଏମ୍ ? ରାଜେଶ କୁମାର (ତାମିଲନାଡୁ) କାଂସ୍ୟ ଜିତିଥିଲା ବେଳେ ମହିଳା ଯୁଗଳରେ ସାଲି ଧାୱନ-ମନ୍ଦାକିନି (ପଞ୍ଜାବ) ସ୍ୱର୍ଣ୍ଣ, ରାକ୍ଷୀ ସୋନି-ସରିତା ସିଂହ (ଛତିଶଗଡ଼) ରେ ?ପ୍ୟ ଏବଂ ଏସ୍ ଝାନ୍‌ସୀରାଣୀ-ଦେବୀ ନବିନରାଜ (ତାମିଲନାଡୁ) କାଂସ୍ୟ ପଦକ ଜିତିଥିଲେ। ମିଶ୍ରିତ ଯୁଗଳରେ ପଙ୍କଜ ପ୍ରୀତମ ଚୁଟିଆ-ସଞ୍ଜୁକ୍ତା ଗୋଗୋଇ (ଆସାମ) ସ୍ୱର୍ଣ୍ଣ, ସୌମ୍ୟଜିତ କାର୍ଜୀ-ରିଆ ଗୁହା ଦାସଗୁପ୍ତା (ପଶ୍ଚିମ ବଙ୍ଗ) ରୌପ୍ୟ ଏବଂ ଏମ୍ ହେମନ୍ତ କୁମାର-ଏସ୍ ଝାନ୍‌ସୀରାଣୀ (ତ ?ାମିଲନାଡୁ) କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଭେଟେରାନରେ ଜିଜ୍ଞେଶ ସୋଲାଙ୍କି (ଗୁଜରାଟ), ଅରବିନ୍ଦ ଜମ୍‌ୱାଲ (ହିମାଚଳପ୍ରଦେଶ) ଏବଂ ସତ୍ରଜିତ ଧର (ଆସାମ) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଟେଲିକମ୍ ସର୍କଲର ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ନାରାୟଣ ପଲାଇଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଏସ୍‌ଏନ୍‌ଏଲ୍ ବୋର୍ଡ (ନୂଆଦିଲ୍ଲୀ)ର ଡାଇରେକ୍ଟର ଅରବିନ୍ଦ ବଦ୍‌ନେକର କୃତୀ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରିଥିଲେ।

# ଡିଭିଲିୟର୍ସ ଓ ଗେଲ୍‌ଙ୍କ ଜର୍ସିକୁ ଅବ୍ୟାହତି ଦେବ ଆର୍‌ସିବି




ବେଙ୍ଗାଲୁରୁ: ଚଳିତ ମାସ ୨୬ ତାରିଖରେ ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍)ର ହଲ୍ ଅଫ୍ ଫେମ୍‌ରେ ସାମିଲ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳର ଦୁଇ ପୂର୍ବତନ ତାରକା ଏବି ଡିଭିଲିୟର୍ସ ଏବଂ କ୍ରିସ୍ ଗେଲ୍। ଏହି ଦୁଇ କ୍ରିକେଟ କିମ୍ବଦନ୍ତିଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆର୍‌ସିବି ବଡ଼ ନିଷ୍ପତ୍ତି ନେଇଛି। ଉଭୟ ଡିଭିଲିୟର୍ସ ଏବଂ ଗେଲ୍ ଆଇପିଏଲ୍‌ରେ ପରିଧାନ କରି ଖେଳିଥିବା ଜର୍ସିକୁ ଅବସର ଦେବ ବୋଲି ଆର୍‌ସିବି ଟ୍ୱିଟ୍ କରିଛି। ଆର୍‌ସିବି ପକ୍ଷରୁ ଡିଭିଲିୟର୍ସ ୧୭ ଏବଂ ଗେଲ୍ ୩୩୩ ନମ୍ବର ଜର୍ସି ପିନ୍ଧୁଥିଲେ। ଆର୍‌ସିବି ପାଇଁ ୧୧ (୨୦୧୧-୨୦୨୧) ଋତୁ ଧରି ଖେଳିଥିବା ଡିଭିଲିୟର୍ସ ୧୫୬ ମ୍ୟାଚ୍‌ରୁ ୪୪୯୧ ରନ୍ କରିଥିଲେ। ଏହି ଦକ୍ଷିଣ ଆଫ୍ରିକୀୟ ତାରକା ୨ ଶତକ ଏବଂ ୩୭ ଅର୍ଦ୍ଧଶତକ ହାସଲ କରିଥିଲା ବେଳେ ୨୦୧୫ରେ ଅପରାଜିତ ୧୩୩ ତାଙ୍କର ସର୍ବୋଚ୍ଚ ସ୍କୋର ରହିଛି। ସେ ୨୦୨୧ରେ ସମସ୍ତ ଫର୍ମାଟ୍ କ୍ରିକେଟ୍‌ରୁ ଅବସର ନେଇଥିବା ଡିଭିଲିୟର୍ସ ଆର୍‌ସିବି ପାଇଁ ୧୫୨ ଷ୍ଟ୍ରାଇକ୍ ରେଟ୍ ଛୁଇଁଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ଓପନର ଗେଲ୍ ଆର୍‌ସିବି ପାଇଁ ୭ (୨୦୧୧-୨୦୧୭) ଋତୁ ଧରି ଖେଳିଥିଲେ। ୨୦୧୩ ଋତୁରେ ୧୬ ମ୍ୟାଚ୍‌ରୁ ୭୦୮ ରନ୍ କରିଥିଲା ବେଳେ ଅପରାଜିତ ୧୭୫ ସେଥିରେ ସାମିଲ ଥିଲା।

# ହୃଦ୍‌ଘାତରେ ଖେଳାଳିଙ୍କ ମୃତ୍ୟୁ



ଅହମଦାବାଦ: ଗୁଜରାଟର ରାଜକୋଟରେ ରବିବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କ୍ରିକେଟ୍ ଖେଳୁଥିବା ସମୟରେ ଜଣେ ୪୫ବର୍ଷ ବୟସ୍କ ବ୍ୟକ୍ତିଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ବ୍ୟକ୍ତି ଜଣକ ଶାସ୍ତ୍ରୀ ମଇଦାନରେ ନିଜ ସାଙ୍ଗମାନଙ୍କ ସହ କ୍ରିକେଟ ଖେଳୁଥିଲେ। ଏହି ସମୟରେ ହଠାତ୍ ସେ ତଳେ ପଡ଼ିଯାଇଥିଲେ। ଏହା ପରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ସୂଚନା ମୁତାବକ, ମୃତ ବ୍ୟକ୍ତିଙ୍କ ନାଁ ମୟୂର ବୋଲି ଜଣାପଡ଼ିଥିବା ବେଳେ ସେ ହଠାତ୍ ତଳେ ପଡି ଯାଇଥିଲେ। ଏହା ଦେଖି ତାଙ୍କ ସାଙ୍ଗମାନେ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ମିଶାଇ ଗୁଜରାଟରେ ଗତ ୪୫ଦିନ ମଧ୍ୟରେ ହୃଦଘାତରେ ୮ଜଣଙ୍କ ଜୀବନ ଗଲାଣି। ମୟୂରଙ୍କ ପଡୋଶୀଙ୍କ ପକ୍ଷରୁ କୁହାଯାଇଛି ଯେ, ସେ ହିଁ ଘର ଚଳାଉଥିଲେ। ତାଙ୍କର କୌଣସି ଖରାପ ଅଭ୍ୟାସ ନଥିଲା। ଏବେ ତାଙ୍କ ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ ଭାଙ୍ଗିପଡ଼ିଛି। ମୟୂରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର କିଭଳି ଚଳିବ, ଏବେ ସେ ପ୍ରଶ୍ନ ସମସ୍ତଙ୍କ ମୁଣ୍ଡରେ। ତେବେ ଦେଖିବାକୁ ଗଲେ ଗତ କିଛି ବର୍ଷ ହେବ ହୃଦଘାତ ବଢ଼ିଛି। ପୂର୍ବ ଅପେକ୍ଷା ଏବେ ଅଧିକ ଲୋକ ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ଏହା ପୂର୍ବରୁ ମଧ୍ୟ ଏଭଳି ଅନେକ ଖବର ଦେଶର ଭିନ୍ନ କୋଣରୁ ଆସିଛି। ହୃଦଘାତ ବଢୁଥିବାରୁ ଡାକ୍ତର ସୁସ୍ଥ ଜୀବନଶୈଳୀ ଓ ବ୍ୟାୟାମ କରିବାକୁ ପରାମର୍ଶ ଦେଉଛନ୍ତି।

# ମା’ ଚର୍ଚ୍ଚିକା ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଡେଲାଙ୍ଗ (ଭାସ୍କର ନ୍ୟୁଜ୍) : ସାଉରିଆ ପଞ୍ଚାୟତ ଅନ୍ତର୍ଗତ ଘୋରଡିଆ ବାରବାଟି ଷ୍ଟାଡିୟମ ପଡିଆରେ ଆୟୋଜକ ଏମ୍ ସିସିସି ଏବଂ ସ୍ୱାଧୀନ ସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ମା’ ଚର୍ଚ୍ଚିକା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସମୁଦାୟ ୧୬ଟି କ୍ରିକେଟ୍ ଟିମକୁ ନେଇ ଏହି ଦିନିକିଆ ଫ୍ଲଡ୍ ଲାଇଟ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମା’ ଚର୍ଚ୍ଚିକା କ୍ରିକେଟ୍ କ୍ଲବ୍ ସଭାପତି ତ୍ରିନାଥ ବଳିୟାରସିଂହ ଓ ସମ୍ପାଦକ ବିଶ୍ୱଭୂଷଣ ପରିଡ଼ା ସୂଚନା ଦେଇଛନ୍ତି। ସ୍ୱାଧୀନ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ଶଶିଶେଖର ରାୟ ଓ ଯୁବ ସମାଜସେବୀ ଶାନ୍ତନୁ କୁମାର ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ରବିବାର ମଧ୍ୟାହ୍ନରେ ଡେଲାଙ୍ଗ ବ୍ଲକ୍ କଂଗ୍ରେସ୍ କମିଟି ସଭାପତି ରବୀନ୍ଦ୍ର କୁମାର ଦାସ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମନ୍ତରାୟ ନଡ଼ିଆ ବାଡେଇ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, କଂଗ୍ରେସ୍ ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର,ପୁରୀ ଜିଲ୍ଲା ବିଜେପି ସଭାପତି ଆଶ୍ରିତ ପଟ୍ଟନାୟକ, ଡେଲାଙ୍ଗ ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ, ପୁରୀ ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ସାଉରିଆ ପଞ୍ଚାୟତ ସରପଞ୍ଚ ପ୍ରଭାତୀ ବେହେରା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ୍, ଘନିପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ନାୟକଙ୍କ ସମେତ ନିଳେନ୍ଦ୍ରୀ ଜେନା, ସୁକାନ୍ତ ଭଟ୍ଟ, ଉମେଶ ପାଟ୍ଟଶାଣୀ, ଜୟମନ୍ୟୁ ସାମନ୍ତରାୟ, ମାନସ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଦସ୍ୟ ରାଧାକାନ୍ତ ମଙ୍ଗରାଜ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। ହରିଡାମଡ଼ା ତରାବୋଇ ଏବଂ ଆଙ୍କୋଇ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ଆଙ୍କୋଇ ଟିମ୍ ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିବାବେଳେ ହରିଡାମଡା ତରାବୋଇ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ଓଭରରେ ୭ଉଇକେଟ୍ ହରାଇ ୮୬ରନ୍ ସଂଗ୍ରହ କରିଥିଲେ।ଜବାବରେ ଆଙ୍କୋଇ ଟିମ୍ ନିର୍ଦ୍ଧାରିତ ସେହି ୭ଓଭରରେ ୯ଉଇକେଟ୍ ବିନିମୟରେ ୪୧ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଆଲୋକ ରଞ୍ଜନ ପରିଡ଼ା, ଦେବାଶିଷ ପରିଡ଼ା ଓ ହୃଷୀକେଶ ପରିଡ଼ା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ରଶ୍ମିରଞ୍ଜନ ପରିଡ଼ା ଓ ବିଶ୍ୱରଞ୍ଜନ ଭୁଜବଳ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ମା’ ଚର୍ଚ୍ଚିକା କ୍ରିକେଟ୍ କ୍ଲବର ସଦସ୍ୟ ପ୍ରଶାନ୍ତ କୁମାର ରଣା,ପ୍ରତାପ ରାଉତରାୟ,ସ୍ମୃତିରଞ୍ଜନ ପରିଡ଼ା ଓ ବରେନ୍ଦ୍ରକୃଷ୍ଣ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ଖବର ଲେଖାହେବା ବେଳକୁ ଫ୍ଲଡ୍ ଲାଇଟର ଉଜ୍ଜ୍ୱଳ ଆଲୋକରେ ଟୁର୍ଣ୍ଣାମେଣ୍ଟର ଲିଗ୍ ମ୍ୟାଚ୍ ଚାଲିଥିଲା।ତେବେ ମଧ୍ୟ ରାତ୍ରିରେ ଫାଇନାଲ୍ ମ୍ୟାଚ୍ ସମାପ୍ତ ହେବା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ମ୍ୟାଚ୍ ପରିଚାଳନାରେ ସହଯୋଗ ପାଇଁ ଯୁବ ସମାଜସେବୀ ଶଶିଶେଖର ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



ଦିନକୁ ଦିନ ଟେକ୍ନୋଲୋଜିର ଅଗ୍ରଗତି ଘଟିବାରେ ଲାଗୁଛି। ଶୋଇବା ସମୟରେ ପ୍ରାୟ ଲୋକେ ଘୁଙ୍ଗୁଡ଼ି ମାରିଥାନ୍ତି। ଏହାର ମାତ୍ରା ଏତେ ଅଧିକ ଥାଏ ଯେ, ପାଖରେ ଲୋକେ ମଧ୍ୟ ଶୋଇ ପାରନ୍ତି ନାହିଁ। ବଜାରରେ ଏମିତି ଏକ ତକିଆ ମିଳୁଛି ଯାହାକି ସ୍ପନ୍ଦନ, ଘୁଙ୍ଗୁଡ଼ି ହାର ମାପିପାରିବ। ଗତ ବର୍ଷ ସେପ୍ଟେମ୍ବର ମାସରେ ସାଓମି ଏହି ସ୍ମାର୍ଟ ତକିଆ ଲଞ୍ଚ କରିଥିଲା । ଏହି ତକିଆକୁ କେବଳ ଚାଇନାର ବଜାରରେ ଲଞ୍ଚ କରାଯାଇଥିଲା। ତଥାପି, ଏହି ତକିଆର ବୈଶିଷ୍ଟ୍ୟ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ତକିଆ ହୃଦସ୍ପନ୍ଦନ, ଘୁଙ୍ଗୁଡ଼ି ଏବଂ ନିଶ୍ୱାସକୁ ସଠିକ୍ ଭାବରେ ମାପି ପାରିଥାଏ । ସ୍ମାର୍ଟ ତକିଆ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ଟ୍ରାକିଂ ପାଇଁ ଏଆଇ ଆଲଗୋରିଦମ ବ୍ୟବହାର କରେ । ଏହି ସ୍ମାର୍ଟ ତକିଆ ବ୍ୟବହାରକାରୀଙ୍କ ଶୋଇବା ସ୍ଥିତି ଏବଂ ଗଭୀର ନିଦ ବିଷୟରେ ସମସ୍ତ ଆବଶ୍ୟକୀୟ ସୂଚନା ଦେଇଥାଏ ଏବଂ ଏଥିରେ ବ୍ଲୁଟୁଥ୍ କନେକ୍ଟିଭିଟି ପ୍ରଦାନ କରାଯାଇଛି, ଯାହା ଦ୍ୱାରା ଏହା ଅନ୍ୟ ସ୍ମାର୍ଟ ଡିଭାଇସ୍ ସହିତ ସଂଯୁକ୍ତ ହୋଇପାରିବ। ଏହି ତକିଆକୁ ଚାର୍ଜ କରିବାକୁ ପଡିଥାଏ। ଏହି ତକିଆର ମୂଲ୍ୟ ପ୍ରାୟ ୩୪୩୪ ଟଙ୍କା ହୋଇଥିବାବେଳେ ଚାଇନାର ବଜାରରେ ହିଁ ଏହି ତକିଆ ଉପଲବ୍ଧ।

## ଉପ ମୁଖ୍ୟମନ୍ତ୍ରୀ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ ସୋନୁ



ସୁପରହିଟ ଫିଲ୍ମ ଦବଙ୍ଗର ଚୁଲବୁଲ ପାଣ୍ଡେ ଆଉ ଛେଦି ସିଂକୁ କିଏ ବା ନ ଜାଣେ । ବଲିଉଡର ଏହି ଦୁଇ ଚରିତ୍ରକୁ ବାଦ୍ ଦେଇ ଦବଙ୍ଗର ସିକ୍ୱେଲ ନିର୍ମାଣ କରିବା ବି ଅସମ୍ଭବ । ଦର୍ଶକଙ୍କ ହୃଦୟରେ ଛେଦି ସିଂର ଛାପ ଛାଡିଥିବା ସୋନୁ ସୁଦ କିନ୍ତୁ ଏହି ଫିଲ୍ମ ପାଇଁ ନିର୍ମାତାଙ୍କୁ ମନା କରିଦେଇଥିଲେ । ଏ କଥାର ଖୁଲାସା ଖୋଦ ସୋନୁ କରିଛନ୍ତି। ଫିଲ୍ମରେ ଛେଦି ସିଂର ଚରିତ୍ର ଶୁଣିବା ପରେ ଅଫର ଗ୍ରହଣ କରିବାକୁ ରାଜି ହୋଇଥିଲେ ସୋନୁ । ଦବଙ୍ଗ ପାଇଁ ସୋନୁ ପ୍ରଥମେ କାହିଁକି ମାନି ନଥିଲେ ? ବଲିଉଡର ଦବଙ୍ଗ ଭାବେ ଜଣାଶୁଣା ସଲମାନଙ୍କ ସହ ତାଙ୍କର ଇଗୋ କ୍ଲାସ ଥିଲା କି ? ନା ଆଉ କେଉଁ ପରିବର୍ତ୍ତନ ପରେ ରାଜି ହୋଇଥିଲେ ଦବଙ୍ଗ ଭିଲେନ୍। ଏକ ସାକ୍ଷାତକାରରେ ଦବଙ୍ଗର ଅଜଣା କଥା ସେୟାର କରିଛନ୍ତି ସୋନୁ । ସଲମାନଙ୍କ ସହ ସ୍କ୍ରିନ ସେୟାର କରିବା ସୋନୁଙ୍କ ପାଇଁ ମହଙ୍ଗା ପଡିବା ପ୍ରଶ୍ନରେ ସେ କହିଥିଲେ ଯେ 'ମୋର ଏକ କ୍ରାଏଟେରିଆ ଅଛି । ଯଦିଓ ଫିଲ୍ମରେ ସଲମାନଙ୍କ ୨୧ଟି ସିନ୍ ଥିଲା, ମୋର ବି ୧୯ଟି ସିନ୍ ରହିଥିଲା। ତେଣୁ ଏଥିରେ ଇଗୋ କ୍ଲାସର ପ୍ରଶ୍ନ ହି ଉଠୁନି । ବରଂ ଆମ ଭିତରେ ବନ୍ଧୁତା ନିବିଡ ରହିଛି '। କେବଳ ଛେଦି ସିଂ ପାଇଁ ଅଫର ସାଇନ କରିଥିଲେ ସୋନୁ। ଏଥିପାଇଁ ସେ ଚରିତ୍ରକୁ କିଛି ମାତ୍ରାରେ ବଦଳାଇ ବି ଥିଲେ। ସୋନୁଙ୍କ ପାଖକୁ ଯେତେବେଳେ ସ୍କ୍ରିପ୍ଟ ଆସିଥିଲା ସେଥିରେ ଛେଦି ସିଂର ଚରିତ୍ର ବଦ୍‌ରାଗୀ ଥିଲା। ଏବେ ମାରିଦେବି, ହାଣିଦେବି ଭଳି ଚରିତ୍ରରେ ଛେଦି ସିଂଙ୍କୁ ଚିତ୍ରଣ କରାଯାଇଥିଲା। କିନ୍ତୁ ଏଥିରେ କମେଡି ଟ୍ଛୁଙ୍କ ଦେଇଥିଲେ ସୋନୁ। ଫିଲ୍ମରେ ଛେଦି ସିଂ ଚରିତ୍ର ସହ ଏକ ଫଟୋଗ୍ରାଫରକୁ ସେ ଯୋଡି ଥିଲେ। ଯିଏ କି ପ୍ରତି ସିନରେ ଛେଦି ସିଂଙ୍କ ସହ 'ଭୈୟା ଜି ସ୍ମାଇଲ' କହୁଥିବାର ଦେଖିବାକୁ ମିଳିଥିଲା। ସେହିଭଳି ଛେଦି ସିଂର କଥା କହିବା ଶୈଳୀରେ ବି ପରିବର୍ତ୍ତନ କରିଥିଲେ ଭର୍ସାଟାଇଲ ଅଭିନେତା ସୋନୁ ସୁଦ। ସେ ଫିଲ୍ମ ହେଉ କି ରାଜନୀତି ବୁଝି ବିଚାରି ନିଷ୍ପତ୍ତି ନିଅନ୍ତି ସୋନୁ । ଖାସ ସେଥିପାଇଁ ତ ସେ ରାଜନୀତିରୁ ହାତେ ମାପି ଚାଖଣ୍ଡେ ଚାଲୁଛନ୍ତି। ଦୁଇ ଦୁଇ ଥର ସୋନୁଙ୍କୁ ରାଜ୍ୟସଭାରୁ ଅଫର ଆସିଲାଣି । ହେଲେ ଏହାକୁ ସେ ଗ୍ରହଣ କରୁ ନାହାନ୍ତି। ଉପମୁଖ୍ୟମନ୍ତ୍ରୀ ପଦକୁ ବି ସେ ବାଏ୍ ବାଏ୍ କରିଦେଇଛନ୍ତି । ସମାଜସେବାରେ ବିଶ୍ୱାସ କରୁଥିବା ସୋନୁ ଏଯାଏଁ ରାଜନୀତିରେ ରୁଚି ରଖୁ ନାହାନ୍ତି। ଏଥିପାଇଁ ରିଅଲ୍ ପଲିଟିକ୍ସ କଣ ରିଲ୍‌ରେ ବି ପଲଟିସିଆନ ଚରିତ୍ର କରିବାକୁ ମନା କରିଦିଅନ୍ତି ସୋନୁ। କୋରୋନା ସମୟରୁ ଗରିବଙ୍କ ଭଗବାନ ସାଜିଥିବା ସୋନୁ ନିଜ ଆଦର୍ଶରେ ସମାଜସେବା କରିବାକୁ ଚାହାନ୍ତି। ଏଥିପାଇଁ କୌଣସି ରାଜନୈତିକ ଦଳର ଆବଶ୍ୟକତା ନାହିଁ ବୋଲି କୁହନ୍ତି ସୋନୁ ସୁଦ।



ବିବାହକୁ ନେଇ ଖୁଲାସା କଲେ ମଲାଇକା

## ଅର୍ଜୁନ୍ ସହ ଚାଲିଛି ପ୍ରି-ହନିମୁନ୍

ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା । ତାଙ୍କର ଡ୍ୟାନ୍ସ ମୁଭ୍ ସହିତ ବଡି ଫିଟନେସ୍ ପାଇଁ ମଧ୍ୟ ଜଣାଶୁଣା । ମଲାଇକା ଯେଉଁଆଡେ ଯାଆନ୍ତି ତାଙ୍କର ଦିୱାନାଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ । ବୃତ୍ତିଗତ ଜୀବନ ସହିତ, ମଲାଇକାଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ସବୁବେଳେ ଚର୍ଚ୍ଚାରେ ଥାଏ । ମଲାଇକା ଆରୋରା ୨୦୧୬ରେ ଅରବାଜ ଖାନଙ୍କଠାରୁ ଅଲଗା ହୋଇଥିଲେ । କିଛି ସମୟ ପରେ ଅର୍ଜୁନ କପୁରଙ୍କ ସହ ସମ୍ପର୍କରେ ଆସିଲେ। ଅର୍ଜୁନ-ମଲାଇକାଙ୍କ ଯୋଡି ପ୍ରଶଂସକମାନେ ପସନ୍ଦ କରନ୍ତି ଏବଂ ସେମାନେ ସବୁବେଳେ ଉଭୟଙ୍କ ବିବାହକୁ ନେଇ ସମସ୍ତଙ୍କ ମନରେ ଥାଏ ପ୍ରଶ୍ନ । ଏଭଳି ପରିସ୍ଥିତିରେ ମଲାଇକା ତାଙ୍କ ବିବାହ ପ୍ରଶ୍ନ ଉପରେ ପୁଣି ଥରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମଲାଇକା -ଅର୍ଜୁନ ମଧ୍ୟରେ ପ୍ରାୟ ୧୨ ବର୍ଷର ପାର୍ଥକ୍ୟ ଅଛି। ଉଭୟ ପ୍ରାୟତ ସୋସିଆଲ ମିଡିଆରେ ପରସ୍ପର ଉପରେ ପ୍ରେମ ବର୍ଷା କରୁଥିବା ଦେଖାଯାଏ। ପ୍ରଶଂସକମାନେ ଚାହୁଁଛନ୍ତି ଯେ ଉଭୟ ଯଥାଶୀଘ୍ର ବିବାହ କରନ୍ତୁ। ଏ ସମ୍ପର୍କରେ ମଲାଇକା ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ବିବାହ କରିବାକୁ ତତ୍ପର ନୁହଁନ୍ତି। ଉଭୟ ସେମାନଙ୍କର ପ୍ରି-ହନିମୁନ୍ ପର୍ଯ୍ୟାୟ ଉପଭୋଗ କରୁଛନ୍ତି ।

## ଅଲଗା ଗ୍ରୁପ୍ ରକ୍ତ ଦେହକୁ ଗଲେ କ'ଣ ହେବ



ମେଡିକାଲ ବିଜ୍ଞାନ କ୍ଷେତ୍ରରେ ଭାରତ ଏକ ସଫଳ ଦେଶ ଭାବରେ ବିବେଚିତ ହେଉଛି । ତେବେ ଏହି ମେଡିକାଲ ଦୁନିଆ ଖୁବ ବିଚିତ୍ର ହୋଇଥାଏ । ତେବେ ଆପଣ ଜାଣିଥିବେ ଅସୁସ୍ଥତା ସମୟରେ ରୋଗୀଙ୍କର ରକ୍ତ ଆବଶ୍ୟକ ହେଲେ ତାଙ୍କୁ ସେହି ଗ୍ରୁପର ରକ୍ତ ଦିଆଯାଇଥାଏ । ଯେପରି, କୌଣସି ରୋଗୀଙ୍କର ରକ୍ତ ଆବଶ୍ୟକ ହେଉଥିଲେ ତାଙ୍କୁ ସେହି ଗ୍ରୁପର ବ୍ଲଡ୍ ହିଁ ଦେଇଥାନ୍ତି । କିନ୍ତୁ ଅନ୍ୟ କୌଣସି ଗ୍ରୁପର ରକ୍ତ କାହିଁକି ଦିଆଯାଏ ନାହିଁ । ଏମିତି କାହିଁକି କରାଯାଇଥାଏ ? ଆସନ୍ତୁ ଜାଣିବା ଏହାର ଉତ୍ତର । ରୋଗୀଙ୍କୁ ଅନ୍ୟ ଗ୍ରୁପର ବ୍ଲଡ ନ ଦିଆଯିବାର କାରଣ ଜାଣିଲେ ଆପଣ ହୁଏତ ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ପ୍ରକୃତରେ ଶରୀରରେ ରକ୍ତର ଅଭାବ କିମ୍ବା କୌଣସି କାରଣରୁ ରକ୍ତ ବହିଯିବାରୁ ରୋଗୀଙ୍କୁ ରକ୍ତର ଆବଶ୍ୟକ ପଡିଥାଏ । ଅନେକ ସମୟରେ ରକ୍ତ ଦେବା ମଧ୍ୟ ଜରୁରୀ ହୋଇପଡିଥାଏ । କିନ୍ତୁ ମଣିଷ ଦେହରେ କେବଳ ସମାନ ଗ୍ରୁପର ରକ୍ତ ପ୍ରଦାନ କରାଯାଏ। ତେବେ ଏହାର ଅନେକ କାରଣ ରହିଛି । ଜଣେ ବ୍ୟକ୍ତିଙ୍କ ଦେହରେ ଅନ୍ୟ ଏକ ଗ୍ରୁପର ରକ୍ତ ଦେଲେ ଏହା ଖୁବ ବିପଦଜନକ ହୋଇପାରେ । ରକ୍ତରେ ଅଲଗା ପ୍ରକାରର ଆଣ୍ଟିଜେନ ରହିବାରୁ ଏହା ରିଆକ୍ସନ ହୋଇଥାଏ ଏବଂ ସଭିଏଁ ଏକାଠି ହୋଇ ବ୍ଲଡ ଭେସେଲ୍ସକୁ ବ୍ଲକ କରି ଦେଇଥାନ୍ତି । ଏହାଦ୍ୱାରା ରକ୍ତ ଜମିବା ଆରମ୍ଭ ହୋଇଥାଏ । ଏହା ରକ୍ତ ସଞ୍ଚାଳନରେ ବ୍ୟାହତ ହୋଇଥାଏ ଯାହା ହୃଦଘାତ ଜନିତ ସମସ୍ୟା ସୃଷ୍ଟି କରେ । ଏଭଳି ସ୍ଥିତିରେ ରୋଗୀଙ୍କର ମୃତ୍ୟୁ ହୋଇଥାଏ । ଭିନ୍ନ ଭିନ୍ନ ଆଣ୍ଟିଜେନ ଥିବା ରକ୍ତ ଦେହକୁ ଗଲେ ଏହା ଶରୀରରେ ଅନ୍ୟାନ୍ୟ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିପାରେ । ତେବେ ସମାନ ଗ୍ରୁପର ରକ୍ତ ଦେବା ଦ୍ୱାରା କିଛି ସମୟରେ ଆଲର୍ଜି ହୋଇଥାଏ ।

## ଜୁନିଅର ଏନ୍‌ଟିଆରଙ୍କ ସହ କାମ କରିବେ ଜାହ୍ନବୀ



ଆରଆରଆର୍ ଚଳଚ୍ଚିତ୍ର ସହିତ ଦେଶ ତଥା ବିଶ୍ୱବାସୀଙ୍କ ମନ କିଣିଥିବା ଅଭିନେତା ଜୁନିୟର ଏନଟିଆରଙ୍କ ସହିତ ସମସ୍ତେ କାମ କରିବାକୁ ଚାହୁଁଛନ୍ତି। ଏହି ଫିଲ୍ମ ତାଙ୍କ ଚାହିଦା ବଢ଼ାଇ ଦେଇଛି। ଅନେକ ଅଭିନେତ୍ରୀ ତାଙ୍କ ସହ କାମ କରିବାକୁ ଚାହୁଁଥିବା ବେଳେ ଏବେ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଏହି ସୁଯୋଗ ମିଳିଛି। ଜାହ୍ନବୀ ଏବଂ ଜୁନିଅର ଏନଟିଆର ଫିଲ୍ମ 'ଏନଟିଆର-୩୦' ରେ ଏକାଠି କାମ କରିବେ। ଏହା ସାଉଥ ଫିଲ୍ମରେ ଅଭିନେତ୍ରୀଙ୍କ ଡେବ୍ୟୁ ହେବ। ଜାହ୍ନବୀ କପୁର ଶନିବାର ଅନୁଷ୍ଠିତ ଇଣ୍ଡିଆ ଟୁଡେ କନକ୍ଲେଭ ୨୦୨୩ରେ ଅଂଶଗ୍ରହଣ କରି ଏନଟିଆରଙ୍କ ସହ କାମ କରିବାର ସ୍ୱପ୍ନ କିପରି ପୁରଣ ହେଲା ତାହା କହିଥିଲେ। ତାଙ୍କ କହିବା ମୁତାବକ, ମୁଁ ଏନଟିଆର ସାରଙ୍କ ସହ କାମ କରିବା ପାଇଁ ଭଗବାନଙ୍କ ଆଗରେ ପ୍ରାର୍ଥନା କରିଥିଲି। ମୁଁ ପ୍ରତ୍ୟେକ ସାକ୍ଷାତକାରରେ କହୁଥିଲି ଯେ ମୁଁ ଏନଟିଆର ସାରଙ୍କ ସହିତ କାମ କରିବାକୁ ଚାହୁଁଛି। ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର ଯାହା ମୋତେ ଏଭଳି କରିବାରୁ ମିଳିଛି। ଭଗବାନ ମୋ କଥା ଶୁଣିଛନ୍ତି। ଫିଲ୍ମ ମିଳିବା ପରେ ଏବେ ସୁଟିଂ ଆରମ୍ଭ ହେବା ଦିନକୁ ମୁଁ ଅନାଇ ବସିଛି। ସୁଟିଂ ଶୀଘ୍ର ଆରମ୍ଭ କରିବାକୁ ମୁଁ ନିର୍ଦ୍ଦେଶକଙ୍କୁ ମେସେଜ ବି କରୁଛି। 'ଆରଆରଆର' ଚଳଚ୍ଚିତ୍ରରେ ଏନଟିଆର ସାରଙ୍କ ଚରିତ୍ର ମୋତେ ଖୁବ ପ୍ରଭାବିତ କରିଥିଲା। ଏହି ଫିଲ୍ମ ଦେଖିବା ପରେ ତାଙ୍କ ସହ କାମ କରିବାର ଇଚ୍ଛା ଆହୁରି ବଢ଼ିଯାଇଥିଲା।

## ବିରାଟଙ୍କ ବାୟୋପିକ୍‌ରେ କାମ କରିବାକୁ ଇଚ୍ଛା



ଫିଲ୍ମ ଆର୍‌ଆର୍‌ଆର୍ ଜରିଆରେ ଗ୍ଲୋବାଲ ତାରକା ପାଲଟିଥିବା ରାମ ଚରଣ ବିରାଟ କୋହଲିଙ୍କ ବାୟୋପିକରେ ଅଭିନୟ କରିବାକୁ ଚାହୁଁଛନ୍ତି। ସେ କହିଛନ୍ତି ଯେ ଯଦି ସୁଯୋଗ ଦିଆଯାଏ ତେବେ ସେ ଦିନେ ଭାରତୀୟ କ୍ରିକେଟରଙ୍କ ଉପରେ ନିର୍ମିତ ବାୟୋପିକରେ ବିରାଟ କୋହଲିଙ୍କ ଭୂମିକାରେ ଅଭିନୟ କରିବାକୁ ଚାହାଁନ୍ତି। ଜଜଜ ର ସଫଳତା ଏବଂ ଅରିଜିନାଲ ଗୀତ ପାଇଁ ଓସ୍କାରରେ ନାଟୁ ନାଟୁ ବିଜୟୀ ହେବା ପରେ ତେଲୁଗୁ ତାରକା ଶୁକ୍ରବାର ସନ୍ଧ୍ୟାରେ ଏକ କନକ୍ଲେଭ ସମୟରେ ନିଜର ଇଚ୍ଛା ପ୍ରକାଶ କରିଥିଲେ।

ସୌଭାଗ୍ୟବଶତଃ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ ସମୟରେ ବିରାଟ କୋହଲି ନାଟୁ ନାଟୁ ଗୀତର ହୁକ୍ ଷ୍ଟେପ୍ ପ୍ରଦର୍ଶନ କରୁଥିବା ଏକ ଭିଡିଓ ଭାଇରଲ ହେବାର କିଛି ସମୟ ପରେ ରାମ ଚରଣ ଏହି ଇଚ୍ଛା ପ୍ରକାଶ କରିଛନ୍ତି। ଇଣ୍ଡିଆ ଟୁଡେ କନକ୍ଲେଭରେ ସାମିଲ ହୋଇଥିବା ରାମ ଚରଣଙ୍କୁ ଏକ



ଭୂମିକାରେ ଅଭିନୟ ପାଇଁ ପଚାର ଯାଇଥିଲା, ଯାହା ସେ ଦିନେ କରିବାକୁ ଆଶା କରନ୍ତି। ବହୁ ଚିନ୍ତା କରିବା ପରେ, ରାମ ଚରଣ କହିଥିଲେ ଯେ ସେ ଏକ କ୍ରୀଡା ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଚାହୁଁଛନ୍ତି। ଏହାପରେ ଯେତେବେଳେ ପରାମର୍ଶ ଦିଆଯାଇଥିଲା ଯେ ଚରଣ ତାଙ୍କ ବାୟୋପିକରେ ବିରାଟ କୋହଲିଙ୍କୁ ଅଭିନୟ କରିପାରନ୍ତି, ସେତେବେଳେ ଚରଣ ଉତ୍ତର ଦେଇଛନ୍ତି, ନିଶ୍ଚୟେ। ବିରାଟ ଜଣେ ପ୍ରେରଣାଦାୟକ ଖେଳାଳି। ଏକ ସୁଯୋଗ ଦିଆଯିବା ପରେ ଏହା ଚମତ୍କାର ହେବ। ଭଲ, ଭଲ। ରାମ ଚରଣ ଏବଂ ଜୁନିଅର ଏନ୍‌ଟିଆର ଅଭିନୀତ ନାଟୁ ନାଟୁ ଗୀତ ଗତବର୍ଷ ଜଜଜ ରିଲିଜ୍ ହେବା ଦିନଠାରୁ ସମସ୍ତଙ୍କ ମନରେ ରହିଆସିଛି। ଗୀତଟି ଗୋଲଡ୍ଡେନ ଗ୍ଲୋବ୍ସ ଏବଂ ଓସ୍କାରରେ ସର୍ବଶ୍ରେଷ୍ଠ ଅରିଜିନାଲ ଗୀତ ଜିତିବା ପରେ ଗୀତର ଲୋକପ୍ରିୟତା ବୃଦ୍ଧି ପାଇଛି।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik